

RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in

ନଭେମ୍ବର ୨୦୧୯
ମୂଲ୍ୟ : ୨୫ ଟଙ୍କା

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ
# PRACHEE





ମୁଖ୍ୟ ଉପଦେଷ୍ଟା
କବି ଜୟନ୍ତ ମହାପାତ୍ର



*ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ*

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ



ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନୁଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ପଞ୍ଚମ ବର୍ଷର ଅଷ୍ଟମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓ 'ପ୍ରାଚୀ'ର କଲମ ୫୦

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-5, November 2019, Issue No. VIII
RNI No. : ODIODI/2015/64435
P.R. No. : CK(C)/96/2016-2018

ପ୍ରାଚୀ ପରିବାର :
ଉପଦେଷ୍ଟା :
କୃଷ୍ଣ ପ୍ରସାଦ ଦାସ
ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ
ସମ୍ପାଦନା ସହଯୋଗୀ :
ପ୍ରାଚୀ ପ୍ରଯୁକ୍ତା
ସହ ସମ୍ପାଦକ :
ଡ. ନିରୋଦ କୁମାର ମନ୍ତ୍ରୀ
ବନଲତା ସିଂହ
ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର
ପ୍ରସନଜିତ୍ ସାହୁ
ଉପସ୍ଥାପନା :
ମମତା ଖଣ୍ଡାୟତରାୟ
ଡିଟିପି :
ମନୋଜ କୁମାର ଦାସ
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
ବିଭୁପ୍ରସାଦ ନାୟକ
ଅଳଙ୍କରଣ :
ବିଜୟ କୁମାର ସାହୁ
ବିଜ୍ଞାପନ ଅଧିକାରୀ :
ରାମଚନ୍ଦ୍ର ବିଶ୍ୱାଳ
ବିତରଣ ଅଧିକାରୀ :
ପ୍ରଦୀପ୍ତ କୁମାର ପାଢ଼ୀ
ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

ପ୍ରାଚୀ ସାହିତ୍ୟ ସମାଜ
ସଭାପତି :
ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।

Declaration
Edited, Published & Owned by :
Dr. Bibhudatta Khandayatray

Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheevoice.in

## ଏଇ ସଂଖ୍ୟାରେ...

**ଶିଶୁ ଦିବସ ଓ ଶିଶୁ ଅଧିକାର**
- ଶ୍ରୀ କୁଞ୍ଜ ବିହାରୀ ସାହୁ ୦୭

**ପ୍ରତିଯୋଗିତା**
- ବନଲତା ସିଂ ୧୦

**ଅଭିଶପ୍ତା**
- ମାଧବାନନ୍ଦ ଭୋଇ ୧୩

**ଶିଖର ବାସିନୀ ମା' ଶିଖର ଚଣ୍ଡୀ**
- ଅଧ୍ୟାପକ ପବିତ୍ର ମୋହନ ବାରିକ ୧୬

**ଶକୀଲାର ମାଆ**
ମୂଳରଚନା - ଅମୃତଲାଲ ନାଗର
ଭାଷାନ୍ତର - ଗୋଲାପ ନନ୍ଦ ୧୮

**ସଂସ୍କାର**
- ଲକ୍ଷ୍ମଣ କୁମାର ବେହେରା (ଯତି) ୨୪

**ଆଲୋକ ଆଡ଼କୁ...**
- ରାଜେଶ ପୂଜାରୀ ୨୬

**ଆଣ୍ଟିଟିନସ ଓ ବର୍ତ୍ତମାନର ବିସ୍ମୟକର ବିଜ୍ଞାପନ**
- ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ ୩୧

**ଅଛୁଆଁ ବଟିକା**
- ପ୍ରିୟଦର୍ଶିନୀ ମହାନ୍ତି ୩୩

**ତୁମ ବିନା**
- ସୁଜାତା ସାହୁ ୩୫

**ପ୍ରାୟଶ୍ଚିତ**
- ଅସୀମା ସାହୁ ୩୭

**ତେଜପତ୍ର**
- ସ୍ନେହଲତା ଦାସଲେଙ୍କା ୪୦

**ଅପାଠୋଇ**
- ମୈତ୍ରେୟୀ କମିଲା ୪୩

**କଳାଠାକୁର**
- ସୀତାରାମ ଦାସ ୪୫

**ଘଟ ପରିବର୍ତ୍ତନ**
- ଗୀତା ଦାସ ୪୭

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011


# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................

ଠିକଣା ........................................................ ପିନ୍‌କୋର୍ଡ଼ ..............................

ମୋବାଇଲ୍ ନମ୍ବର ...................................... ଇ-ମେଲ୍ ..........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.............................................. ତାରିଖ..................................

ବ୍ୟାଙ୍କ୍.......................................... ସ୍ଥାନ.................................................

ତାରିଖ........................................ ଦସ୍ତଖତ.................................................


**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheevoice.in

# ଶିଶୁ ଦିବସ ଓ ଶିଶୁ ଅଧିକାର

- ଶ୍ରୀ କୁଞ୍ଜ ବିହାରୀ ସାହୁ

ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜନ୍ମ ଜୟନ୍ତୀକୁ ସାରା ଭାରତବର୍ଷରେ ଶିଶୁଦିବସ ରୂପେ ପାଳିତ ହୋଇଥାଏ । ଶିଶୁମାନଙ୍କ ପ୍ରତି ଏକ ଅହେତୁକ ଭଲପାଇବା ଓ ଆଗାମୀ କାଲିର ନାଗରିକ ବୋଲି ଆଶା ରଖିଥିବା ଏହି ମହାନ ନେତାଙ୍କ ଜନ୍ମୋତ୍ସବ ହିଁ ଶିଶୁଦିବସ । ସେ ଶିଶୁର କଅଁଳ ଓଠରେ ହସ ଦେଖିପାରୁଥିଲେ । କଅଁଳ ପାଦରେ ଚାଲିବାର ବାସ୍ନା ବାରିପାରୁଥିଲେ । ନେହେରୁ ଯୁବକମାନଙ୍କ ମନରେ ବୁଝିବାର ଶକ୍ତି ଜାଗ୍ରତ କରି କହୁଥିଲେ ଯେ ସେମାନେ ସ୍ୱାଧୀନତାର ସ୍ୱାଦ ଚାଖନ୍ତୁ, ଯେଉଁଥିପାଇଁ ଅନେକ ସ୍ୱାଧୀନତା ସଂଗ୍ରାମୀ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ନିଃସ୍ୱାର୍ଥପର ଭାବରେ ।

ଶିଶୁଦିବସ ଆସିଲେ, ଶିକ୍ଷାନୁଷ୍ଠାନ ଚଳଚଂଚଳ ହୋଇଉଠେ । ଶିଶୁମାନଙ୍କ ଭିତରେ ବିଭିନ୍ନ ବକ୍ତୃତା, କବିତା ପାଠୋତ୍ସବ, ନୃତ୍ୟ, ଗୀତ ଆସର ଜମେ । ନେହେରୁଙ୍କ ‘ଟୋରେ ‘ଲମାଳ ସଜାଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥାଏ । ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାର ଭାବ ବିନିମୟର କାର୍ଯ୍ୟକ୍ରମ ଚାଲେ । ଶିଶୁମାନଙ୍କୁ ଚଲୋଲେଟ, ମିଠା ଆଦି ପ୍ରଦାନ କରାଯାଇ ନେହେରୁଙ୍କ ପ୍ରତି ଏକ ଅହେତୁକ ସମ୍ପର୍କ ଛନ୍ଦି ଦିଆଯାଏ । କେବଳ ଶିକ୍ଷାନୁଷ୍ଠାନ ନୁହେଁ, ଏସ୍.ଓ.ଏସ. ଭିଲେଜ (ଭୁବନେଶ୍ୱରରେ ଅବସ୍ଥିତ), ଚାଇଲଡ କେୟାର ୟୁନିଟରେ ବି ପିଲାମାନଙ୍କୁ ଶିଶୁଦିବସର ଉପକାରିତାକୁ ବୁଝାଯାଏ । ନେହେରୁଙ୍କ ଜୀବନୀକୁ ପିଲାମାନଙ୍କ ପାଖରେ ପହଂଚାଇ ଭଲ ମଣିଷଟିଏ ହେବାର ଖୋରାକ ଦିଆଯାଇଥାଏ । ବିଭିନ୍ନ କ୍ଲବ, ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ବି ଶିଶୁଦିବସକୁ ମଉଜ ମଜଲିସରେ ପାଳନ କରାଯାଏ ।

ଆଗାମୀକାଲିର ସ୍ୱପ୍ନ ଦେଖୁଥିବା ଶିଶୁମାନଙ୍କ ଅଧିକାର ବି ଚିନ୍ତା କରାଯାଇପାରେ ଏହି ଶିଶୁଦିବସରେ । ଆମେ କେବଳ ସ୍ଲୋଗାନ ଦେଇଚାଲିଛୁ - ଶିଶୁ ହସିରେ ଦୁନିଆ ହସେ । ବାସ୍ତବରେ ଠିକ୍ କଥା । ସେହି ପରିପ୍ରେକ୍ଷୀରେ ଶିଶୁଦିବସରେ ଶିଶୁ ଅଧିକାର ବିଷୟରେ ଚିନ୍ତା କରିବା ନିହାତି ଆବଶ୍ୟକ ।

ପ୍ରଥମେ ଜାଣିବା ଦରକାର ଯେ ଶିଶୁର ମନ ସରଳ-ତରଳ ଓ ଦେହ କୋମଳ । ସେ ଚାହେଁ ନିଜର ଅନ୍ତର୍ନିହିତ ଗୁଣକୁ ପରିପ୍ରକାଶ କରି ବହୁତ କିଛି କରିବାକୁ । ବେଳେବେଳେ ଉଡ଼ନ୍ତା ପକ୍ଷୀ ପରି ଉଡ଼ିବାକୁ ଇଛାକରେ । । ସମୁଦ୍ରର ଅଗଭୀର ଜଳରେ ପହଁରିବାରେ ଦୁର୍ବାର ବାସନାକୁ ମନେ ରଖେ । ଲଗାମହୀନ ଭାବରେ ଖେଳାବୁଲା କରିବା ସହ ବହିମନସ୍କ ହେବାକୁ ଭଲପାଏ । ଗର୍ବ, ଅହଙ୍କାର, ଅଭିମାନ, ଅବସୋସ, ଅହମିକା ତାକୁ ଛୁଇଁପାରେନା । ତାହାର ସରଳ ମନକୁ ଚହଲାଇବା ଖୁବ୍ ସହଜ । ତେଣୁ ଆଜିକାଲିର ମାିଂଆ,ଦଲାଲମାନେ ଶିଶୁକୁ ଆଦର କରିବା ଛଳରେ ଶୋଷଣ କରନ୍ତି ଓ ଦୂରସ୍ଥାନକୁ ପ୍ରେରଣକରି ଅନେକ ଅର୍ଥ ଉପାର୍ଜନ କରନ୍ତି । ଯାହା ‘ଳରେ ଶିଶୁଟିଏ ପ୍ରତି ମୁହୂର୍ତରେ ନିଜକୁ ଅସହାୟ, ଅବହେଳିତ ଏପରିକି ଅମାନବିକତାର ଶିକାର ହେବାକୁ ବାଧ୍ୟ ହୁଏ ।

ବିଦ୍ୟାଳୟରେ ଶିଶୁମାନଙ୍କ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ବିଷୟରେ ଶିଶୁମାନଙ୍କୁ ଅବଗତ କରାଇବା ଶିକ୍ଷକମାନଙ୍କର ଗୁରୁ ଦାୟିତ୍ୱ । ବିଶେଷ ଭାବରେ ସେମାନଙ୍କୁ ତାଲିମ ପ୍ରଦାନ କରିବା ଦରକାର । କୌଣସି ଶିଶୁ ଯେପରି ଜାତି, ଶ୍ରେଣୀ, ଧର୍ମ, କିମ୍ବା ଲିଙ୍ଗଗତ କିମ୍ବା ଅନ୍ୟ କୌଣସି ପ୍ରକାରର ଦୁର୍ବ୍ୟବହାରର ଶରବ୍ୟ ନ ହୁଅନ୍ତି, ସେଥିପାଇଁ ଶିକ୍ଷାନୁଷ୍ଠାନମାନଙ୍କରେ ଶିକ୍ଷକମାନେ ଯତ୍ନବାନ ହେବା ଉଚିତ । ସେହିଭଳି ଅନଗ୍ରସର ଓ ଦୁର୍ବଳ ଶ୍ରେଣୀର ପିଲାଙ୍କୁ ସହପାଠୀମାନଙ୍କ ସହ ଏକାଠି ରହିବାର ସୁଯୋଗ ଦେବା ଉଚିତ । ଶିଶୁଦିବସରେ ଏହି ମହତ ବାଣୀକୁ ପରିଚାଳନା କରିବା ବିଧେୟ ।

॥ ୨ ॥

ନିରାଶ୍ରୟ ଶିଶୁ, ଶିଶୁ ଶ୍ରମିକ, ଭିକ୍ଷା ଗ୍ରହଣ କରୁଥିବା, ରାସ୍ତାର ଦୁଇ ପାର୍ଶ୍ୱ, ରେଳ ଧାରଣା ସନ୍ନିକଟରେ ଜରି ଗୋଟାଉଥିବା ମଳିମୁଣ୍ଡିଆ ପିଲା ଯେଉଁମାନେ କି ଉଚିତ ଶିକ୍ଷା ପାଇପାରୁନାହାନ୍ତି, ସେମାନଙ୍କୁ ଠିକ୍ ଭାବେ ଶିକ୍ଷାଦାନ କରିବା ପାଇଁ ରାଜ୍ୟ ସରକାର ଆବାସିକ ଛାତ୍ରାବାସ ଖୋଲିବାର ଯୋଜନା ହାତକୁ ନେଇଛନ୍ତି । ଏହା ସାମୂହିକ ଭାବେ ଗୌରବମୟ ପଦକ୍ଷେପ । ଏହାଦ୍ୱାରା ଉପରୋକ୍ତ ଶ୍ରେଣୀର ପିଲାମାନେ ଆବାସିକ ଛାତ୍ରାବାସରେ ରହି ପାଠପଢ଼ାର ଭରପୂର 'ଇଦା ଉଠାଇପାରିବେ । ସେହିସବୁ ଆବାସିକ ଛାତ୍ରବାସରେ ଶିକ୍ଷକମାନେ ଶିକ୍ଷାଦାନ କରିପାରିଲେ, ପିଲାମାନେ ଶୃଙ୍ଖଳିତ ହୋଇ ପାଠପଢ଼ାରେ ଅଗ୍ରଣୀ ହୋଇପାରିବେ ଏବଂ ସୁ-ନାଗରିକ ଭାବେ ଯଶ ଅର୍ଜନ କରିପାରିବେ ।

ଶିଶୁଦିବସ ପାଳନ ଅବସରରେ ବିଶିଷ୍ଟ ଶିଶୁସାହିତ୍ୟିକ, ସ୍ତମ୍ଭ ଲେଖକ ତଥା ଜଣେ ସୁନାମଧନ୍ୟ ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି କହନ୍ତି ଯେ ବିଦ୍ୟାକୟରେ ଶିଶୁଦିବସଟି ଶିଶୁମାନଙ୍କ ପାଇଁ ଉତ୍ସର୍ଗୀକୃତ । ପିଲାଙ୍କ ଭିତରେ ମିଷ୍ଟାନ୍ନ ଆଦାନପ୍ରଦାନ,ବକ୍ତୃତା, କବିତାପଠନ, ନେହେରୁଙ୍କ ଜୀବନୀ ପାଠର ଆଲୋଚନା, ପିଲାମାନଙ୍କୁ ଉପହାର ଦେବା ସହ ଶିକ୍ଷକ ଓ ପିଲାମାନଙ୍କ ଭିତରେ ସୁ ସମ୍ପର୍କ ସ୍ଥାପନା କରିବା ଭଳି ମହନୀୟ କାର୍ଯ୍ୟ ସୁଚାରୁରୂପେ ପାଳିତ ହୋଇଥାଏ । ନିଜର ମନ୍ତବ୍ୟ ରଖନ୍ତି – 'ଶିଶୁମାନଙ୍କୁ ଶିଶୁପତ୍ରିକା ପ୍ରଦାନ, ବରେଣ୍ୟ ଶିଶୁସାହିତ୍ୟିକମାନଙ୍କର ଗପ, କବିତା ପଠନ, ଶିଶୁମାନଙ୍କ ମନରେ ଲେଖିବାର କଳାକୌଶଳ ଶିକ୍ଷାଦାନ କରିବା ଉଚିତ । ଯେଉଁମାନେ ଲେଖାଲେଖି କରିପାରିବେ ନାହିଁ, ବରଂ ଚିତ୍ର ଓ ଅନ୍ୟାନ୍ୟ କଳାରେ ସଉକ ଦେଖେଇପାରିବେ, ସେହିଭଳି କାର୍ଯ୍ୟକୁ ଶିଖାଇପାରିଲେ, ଶିଶୁଟି ଶିଶୁଦିବସର ପ୍ରକୃତ ଉଦ୍ଦେଶ୍ୟକୁ ଅନୁଭବ କରିପାରିବ । ପିଲାମାନଙ୍କ ଭିତରେ ସାଧାରଣ ସଭାଟିଏ ଆୟୋଜନ କରି ସେସମାନଙ୍କ ଭିତରେ ସଭାପତି, ଅତିଥି ପରି ଗୁରୁଦାୟିତ୍ୱ ଦେଲେ ପିଲାମାନେ ନିଜର ଜ୍ଞାନ ଆହରଣ କରିପାରିବେ । ନେହେରୁ ଯେଭଳି ଶିଶୁମାନଙ୍କୁ ଭଲପାଉଥିଲେ ବୋଲି ଜନ୍ମଦିନଟିକୁ ଶିଶୁଦିବସ ନାଁ ରେ ପାଳିବାକୁ ଘୋଷଣା କରିଥିଲେ, ସେହିଭଳି ଏମିତି ଏକ ପୂଣ୍ୟ ଦିବସରେ ଶିଶୁମାନଙ୍କର ଅନ୍ତର୍ନିହିତ ଗୁଣକୁ ବିକଶିତ କରିପାରିଲେ, ଶିଶୁଦିବସର ମହତ୍ୱ ବହୁଗୁଣିତ ହୋଇପାରିବ ।'

ଶିଶୁଦିବସ ଯେ ଓଡ଼ିଆ ମିଡ଼ିୟମ ଶିକ୍ଷାନୁଷ୍ଠାନମାନଙ୍କରେ ପାଳିତ ହୁଏ, ତା ନୁହେଁ ଇଂରାଜୀ ମିଡ଼ିୟମ ଶିକ୍ଷାନୁଷ୍ଠାନମାନଙ୍କରେ ବି ଚିରାଚରିତ ଢଙ୍ଗରେ ପାଳିତ ହୁଏ । ଏ ଦିବସର ତାତ୍ପର୍ଯ୍ୟକୁ ଉପଲବ୍ଧି କରି ବିଶିଷ୍ଟ ସାହିତ୍ୟିକା ତଥା ଭେଙ୍କେଟଶ୍ୱର ଇଂରାଜୀ ମିଡ଼ିୟମ ବିଦ୍ୟାଳୟର ଶିକ୍ଷିକା ଡଃ ପ୍ରବୀଣା ପରିଡ଼ା ନିଜ ବକ୍ତବ୍ୟରେ କୁହନ୍ତି ଯେ ବିଦ୍ୟାଳୟରେ ପଣ୍ଡିତ ନେହରୁଙ୍କ 'ଫୋରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଦିଆଯାଏ । ଶିଶୁମାନଙ୍କ ଭିତରେ ଗପ କବିତା ପଠନ, ଚିତ୍ରାଙ୍କନ, କୌତୁହଳ ପୋଷାକ ପ୍ରତିଯୋଗିତା ହୁଏ । ପିଲାମାନଙ୍କୁ ପୁରସ୍କାର ଓ ବିଭିନ୍ନ ପ୍ରକାର ଏପହାର ଦିଆଯାଇ ଶିକ୍ଷକ / ଶିକ୍ଷିକାମାନେ ଶିଶୁ ଦିଦସର ମହତ୍ ଉଦ୍ଦେଶ୍ୟକୁ ବଖାଣିଥାନ୍ତି । ହସ ଖୁସିରେ ଦିନଟି କଟିଯାଏ ଆପେ ଆପେ । ସତେ ଯେମିତି ପିଲାମାନେ ନିଜ ଅଧିକାରକୁ ନିଜେ ହାତେଇ ନିଅନ୍ତି । ସେ କହନ୍ତି – ଶିଶୁମାନଙ୍କର ମନସ୍ତତ୍ୱକୁ ବିଶ୍ଳେଷଣ କରି ସେମାନଙ୍କର ଇଚ୍ଛାକୁ ପୂର୍ଣ୍ଣ କରିବା ନିହାତି ଆବଶ୍ୟକ । ଶିଶୁପ୍ରାଣକୁ ପୁଙ୍ଖାନୁପୁଙ୍ଖ ଭାବେ ବୁଝି ସେମାନଙ୍କର ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିପାରିଲେ ବୋଧହୁଏ ଶିଶୁଦିବସର ମହତପଣିଆ ଆଉ ଦି' ପାଦ ଆଗେଇପାରିବ । ଏପରିକି ଶିଶୁର ଅଧିକାରକୁ ସାବ୍ୟସ୍ତ କରି ପଣ୍ଡିତ ନେହେରୁଙ୍କ ମନୋକାମନାକୁ ପୂର୍ଣ୍ଣ କରିହେବ ।

ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଅନ୍ତର୍ଗତ ସମନ୍ୱିତ ଶିଶୁ ସୁରକ୍ଷା ଯୋଜନା ଶିଶୁମାନଙ୍କର ବିଭିନ୍ନ ସମସ୍ୟାର ଦୂରୀକରଣ କରି ସର୍ବାଙ୍ଗୀନ ଉନ୍ନତି ପାଇଁ ସଦା ଚେଷ୍ଟିତ । ଭାରତ ସରକାରଙ୍କର ମହିଳା ଓ ଶିଶୁ ବିକାଶ ମନ୍ତ୍ରାଳୟ ଚାଇଲଡ ଲାଇନ ନାମକ ଏକ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏଥିରୁ ସ୍ୱଷ୍ଟ ଅନୁମେୟ ଯେ ଶିଶୁର ଯତ୍ନ ଓ ସୁରକ୍ଷା ପାଇଁ ସମସ୍ତେ ଆଗୁସାର ।

- ୩ -

ଶିଶୁର ଭବିଷ୍ୟତ ଅନ୍ଧକାରମୟ ନୁହେଁ । ଶିଶୁ ଆଜି କଳିକା ହୋଇଥାଇପାରେ । କିନ୍ତୁ ଆସନ୍ତାକାଲି ସେ ବିକଶିତ ହେବ । ଚାରିଦିଗକୁ ମହକାଇଦେବ ତାର ମନମତାଣିଆ

ସୁଗନ୍ଧରେ । ସେତେବେଳେ ହିଁ ଜଣାପଡ଼ିବ ଯେ ଆଜିର ଶିଶୁ ଦୁର୍ବଳ ନୁହେଁ, ଅବହେଳିତ ନୁହେଁ କିମ୍ବା ଅସହାୟ ନୁହେଁ । ଶିଶୁଟି ସବୁବେଳେ ଖୋଜୁଥାଏ ସୁନ୍ଦର ପରିବେଶ, ସୁଷମ ଖାଦ୍ୟ, ଉତମ ଆଚରଣ, ସୁଶିକ୍ଷା ଓ ଦାୟିତ୍ୱବୋଧ । ସେଥିପାଇଁ ତ ଶିଶୁଦିବସ ପାଳିବାର ଯଥାର୍ଥତା ରହିଛି ।

ଶିଶୁଟିର ଅନ୍ତରଙ୍ଗ ପ୍ରତିଭାର ବିକାଶ ଲାଗି ଉପଯୁକ୍ତ ବାତାବରଣ ସୃଷ୍ଟି କଲେ ଦେଶ ଓ ସମାଜ ପାଇଁ ସମ୍ବଳ ହେବ । ସକାରତ୍ମକ ମନୋଭାବ ଓ ପିଲାଙ୍କ ପ୍ରତି ଆତ୍ମୀୟତା ହିଁ ସେମାନଙ୍କର ଉଜ୍ଜଳ ଭବିଷ୍ୟତର ଆଲୋକଦର୍ଶିକା । ଶିଶୁକୁ ହୃଦୟରେ ସ୍ଥାନ ଦେଇ ସେମାନଙ୍କ ମନୋଭାବକୁ ପୂରଣ କରିବା ଆବଶ୍ୟକ । ଦରୋଟି ଓଠରେ ହସଦେଇ କୋମଳମତି ମନକୁ ଠିକ୍ ଭାବେ ଗଢ଼ି ତୋଳିବା ।

ଶେଷରେ ଏତିକି କୁହାଯାଇପାରେ ଯେ ଶିଶୁର ସୁରକ୍ଷା ଦେଶର ରକ୍ଷା । ଶିଶୁଦିବସ ହିଁ ଏହାର ମାପକାଠି ହେଉ, ଆମେ ସମସ୍ତେ ସଂକଳ୍ପବଦ୍ଧ ହେବା ଉଚିତ ।

*ଏଲ୍.ଆଇ.ଜି-୧୫ ନୟାପଲ୍ଲୀ ବ୍ରୀଟ୍ କଲୋନୀ,*
*ଭୁବନେଶ୍ୱର -୭୫୧୦୧୨ (୭୦୦୮୧୪୨୦୪୦)*



# ପ୍ରତିଯୋଗିତା

**- ବନଲତା ସିଂ**

ମଣିଷଙ୍କ ପରି ପଶୁପକ୍ଷୀଙ୍କର ବି ମନୋରଂଜନ କରିବାକୁ ଇଚ୍ଛା ହୁଏ । ସେମାନେ ମଧ୍ୟ ଚାହାଁନ୍ତି, ତାଙ୍କ ଭିତରେ ପ୍ରତିଯୋଗିତା ହେଉ । ଏମିତି ଗୋଟିଏ ଦିନ ପଶୁପକ୍ଷୀମାନଙ୍କର ଗୋଟିଏ ସଭା ଡକା ହେଲା । ପଶୁଙ୍କ ତରଫରୁ ବିଲୁଆ ନନା ଘରେ ଘରେ ଯାଇ ଡାକରା ଦେଇ ଆସିଲା । ପକ୍ଷୀଙ୍କ ମଧ୍ୟରୁ କଜଳପାତିକୁ ପଠାଗଲା । କଥା ମାନି ଠିକ୍ ସମୟରେ ଏକଜୁଟ ହେଲେ ପଶୁପକ୍ଷୀମାନେ । କଥା ପଡ଼ିଲା, ଆମେ ମଣିଷଙ୍କ ପରି ଗୋଟିଏ ପ୍ରତିଯୋଗିତା କରିବା । ସେଥିରେ ଗୀତ ନାଚ ରୂପ ଗୁଣ ସବୁର ପ୍ରତିଯୋଗିତା ହେବ । ଯିଏ ପ୍ରଥମ ହେବ, ତାକୁ ସମ୍ମାନିତ କରାଯିବ । ଏହି କଥାରେ ସମସ୍ତେ ରାଜି ହୋଇଗଲେ । ଦିନ ସ୍ଥିର ହେଲା ଏବଂ ସ୍ଥାନ ନିରୂପଣ କରାଗଲା । ପାହାଡ଼ ପାଖରେ ଯେଉଁ ଝରଣା କୁଳୁକୁଳୁ ହୋଇ ବହିଯାଉଛି, ସେହିଠାରେ ଆସର ବସିବ । ସମସ୍ତେ ନିଜନିଜ ଭଙ୍ଗୀରେ ନାଚିନାଚି ସମର୍ଥନ କଲେ । ଆଉ ଦୁଇଦିନ ପରେ ପ୍ରତିଯୋଗିତା ହେବ ବୋଲି ଘୋଷଣା କଲେ । ନିଜ ନିଜ ଘରକୁ ଯାଇ ପ୍ରସ୍ତୁତ ହେବା ପାଇଁ ଆଦେଶ ମଧ ଦେଲେ ।

ସେହିଦିନ ଆସିଗଲା । ପାଖ ପଡୋଶୀରୁ ମଧ ପଶୁପକ୍ଷୀ ନିମନ୍ତ୍ରିତ ହୋଇଆସିଲେ । ଦୁଇଦଳ ହେଇ ଝରଣା ପାଖରେ ବସିଲେ । ଏପଟେ ପଶୁମାନେ ଆଉ ସେପଟେ ପକ୍ଷୀମାନେ ବସିଲେ । ଆଗରୁ ବାୟାଚଢ଼େଇକୁ କୁହାଯାଇଥାଏ ପକ୍ଷୀମାନଙ୍କର ମଞ୍ଚ ତିଆରି କରିବାକୁ । କାରଣବାୟା ଚଢ଼େଇର ଇଞ୍ଜିନିୟର ବୁଦ୍ଧି । ପଶୁମାନେ ଖୋଲା ମଞ୍ଚରେ ବସିଲେ । ପ୍ରଥମେ ପଶୁମାନଙ୍କର ଆରମ୍ଭ ହେଲା । ବିଚାରକ ହେଲେ ସ୍ୱୟଂ ପଶୁରାଜ ସିଂହ । ପ୍ରଥମେ ଭାଲୁକୁ କୁହାଗଲା ନାଚ ଦେଖାଇବାକୁ । ବିଲୁଆ ତାକୁ ଉତ୍ସାହିତ କରିବାକୁ କହିଲା – ବାଃ–ବାଃ ଦେଖରେ ମଜା, ଭାଲୁ ନାଚ କରେ ବଜାଇ ବାଜା । ଭାଲୁ ଏହି କଥାରେ ଉତ୍ସାହିତ ହୋଇ ଭଲ ନାଚ ପ୍ରଦର୍ଶନ କଲା । ତା'ପରେ ମାଙ୍କଡ଼ର ପାଳି । ସେ ମଣିଷ ପାଖରେ ରହି ଯେଉଁ ନାଚ ଶିଖିଥିଲା ତାହା ପ୍ରଦର୍ଶନ କଲା ।

ତା'ପରେ ଦୌଡ଼ ପ୍ରତିଯୋଗିତା ହେଲା । ହରିଣ ଓ ଠେକୁଆ ଭିତରେ ଦୌଡ଼ ପ୍ରତିଯୋଗିତା ହେଲା । ପଶୁ ମାନଙ୍କର ମଧ କ୍ରୀଡ଼ା ଫିକ୍ସିଂ ଅଛି । ବିଲୁଆ ଲାଞ୍ଚ ନେଇ ଠେକୁଆ ଦଉଡ଼ିବା ସ୍ଥାନରେ କିଛି କଅଁଳ ଘାସ ରଖି ଦେଇଥିଲା । ଠେକୁଆ ଦଉଡୁଥିବା ସମୟରେ କଅଁଳ ଘାସ ଦେଖି ଘୁମେଇ ପଡ଼ିଲା । ହରିଣ ଦୌଡ଼ରେ ଜିତିଗଲା । ତାପରେ ରୂପ ପ୍ରତିଯୋଗିତା ହେଲା । ଧଳାଭାଲୁ, ଧଳାବାଘ, ଆଉ ସବୁଠୁ ଛୋଟିଆ ଜନ୍ତୁ ହେଲା ଠେକୁଆ । ଏମାନେ କିଛି ନମ୍ବର ପାଇଲେ । ସେଦିନ ସମୟ ହୋଇଗଲା । ତା' ପରଦିନ ଠିକ୍ ସମୟରେ ପୁଣି ଆରମ୍ଭ ହେଲା ପ୍ରତିଯୋଗିତା ଆସର । ଏଥର ପକ୍ଷୀଙ୍କ ପାଳି । ନାଚ ପାଇଁ ମଞ୍ଚ ନାନା ଫୁଲରେ ସୁସଜ୍ଜିତ ହୋଇଛି । ସଭାପତି ପଶୁରାଜ ସିଂହ କହିଲେ – ମୟୂର ଆମର ଜାତୀୟ ପକ୍ଷୀ । ସେ ଆଗ ନାଚ ଦେଖାଇବ । ମୟୂର କହିଲା – କ୍ଷମା କରିବେ ପଶୁରାଜ, ମହାଭାଗ ବିନା ବରଷାରେ ମୋ ପୁଚ୍ଛ ଉଠିବନି କି ମୁଁ ତାଳ ଦେଇ ନାଚି ପାରିବିନି । ସମସ୍ତେ ପରସ୍ପର ମୁହଁକୁ ଅନାଅନିହୋଇ କହିଲେ – ଏବେ ତ ବର୍ଷା ସମୟ ନୁହଁ । ତାହେଲେ ବର୍ଷା ବର୍ଷିବା କିପରି ସମ୍ଭବ । ସଂଗେ ସଂଗେ ବୁଦ୍ଧିମାନ ଚତୁର ବିଲୁଆ ଉଠିପଡ଼ି କହିଲା – ଆଜ୍ଞା ମୁଣ୍ଡ ରହିଲେ ତୁଣ୍ଡ କହିବ । ସମସ୍ତେ ସମର୍ଥନ କଲେ । ବିଲୁଆ କହିଲା – ଚଳଚ୍ଚିତ୍ର ସୁଟିଂ ବେଳେ କିପରି କୃତ୍ରିମ ବର୍ଷା ହେଉଛି, ହିରୋ ହିରୋଇନ ବର୍ଷାରେ ଓଦା ହୋଇ ତାଙ୍କର ଅଙ୍ଗ ପ୍ରତ୍ୟେଙ୍ଗ ପ୍ରଦର୍ଶନ କରୁଛନ୍ତି, ଦେଖୁନ ଅନୁଭବ ଆଉ ବର୍ଷା ଏହି ସିନରେ କେମିତି ରୋମାଣ୍ଟିକ୍ ଦେଖା ହେଉଛନ୍ତି । ସେହିପରି ହାତୀ ପଲ୍ଲକୁ ଆଦେଶଦେଲେ ସେମାନେ ତାଙ୍କ ଶୁଣ୍ଢରେ ଏ ଝରଣା ପାଣିକୁ ଉଠାଇ କୃତ୍ରିମ ବର୍ଷା କରନ୍ତୁ । ଆଉ ନର୍ତ୍ତକ ମୟୂର ପୁଚ୍ଛ ଟେକି ନାଚି ଆମକୁ ଆନନ୍ଦ ଦେବ ।

ସମସ୍ତେ ବାଃ ବାଃ କହି କଥାକୁ ସମର୍ଥନ କଲେ । ହାତୀମାନେ ଆନନ୍ଦରେ ତାଙ୍କ ଶୁଣ୍ଢରେ ପାଣି ଉଠାଇ ବର୍ଷା କଲେ । ଏତେ ଜୋରରେ ପାଣି ବର୍ଷା କଲେ ଯେ ଯେପରି

କଳା ବାଦଲ ଘୋଟି ଆସୁଛି । ଆଉ ସମ୍ଭାଳି ପାରିଲାନି ମୟୂର ମୟୂରୀକୁ ଡାକି ନାଚିବାକୁ ଉଠିଲା । ପୁଚ୍ଛକୁ ଯେକି ଯେତେବେଳେ ସେ ଢ଼ଳିଢ଼ଳି ନାଚିଲା, ସମସ୍ତେ ସଭାରେ ଉପସ୍ଥିତ ଥିବା ପଶୁପକ୍ଷୀ ତା' ସାଥୀରେ ତାଳ ଦେଇ ନାଚିଲେ । ନାଚ ସରିଗଲା । ମୟୂରର ସୁନ୍ଦର ନାଚ ପାଇଁ ତାକୁ ସଂଯୁକ୍ତା ପାରିଗ୍ରାହୀ ସମ୍ମାନରେ ସମ୍ମାନୀତ କରାଗଲା । ତା'ପରେ ଗୀତ ଗାଇବାକୁ ଆହ୍ୱାନ ଦିଆଗଲା । ସବୁ ପ୍ରତିଯୋଗୀ ପ୍ରସ୍ତୁତ ହୋଇଗଲେ । ପ୍ରଥମେ ବୁଲବୁଲ ଚଢ଼େଇଙ୍କୁ କୁହାଗଲା ସେମାନେ କିଚିରି ମିଚିରି କରି ତାଙ୍କ ଢଙ୍ଗରେ ନାଚିଲେ, ଗାଇଲେ, ତାପରେ କୁକୁଡ଼ାର ପାଳି । ସେ ମଧ୍ୟ କକ୍-କଅ ହୋଇ ଗାଇଲା । ହେ ଚକ୍ରଧର ପକ୍ଷୀ ଜନ୍ମରୁ ଉଦ୍ଧାର କର । ଏମିତି ଜଣଜଣ କରି ଗାଇଲେ, ନାଚିଲେ ଆଉ କିଛି ନମ୍ବର ପାଇଲେ ।

ତା'ପରେ ପଡ଼ିଲା କାଉର ପାଳି । ସେ ଖୁସି ମନରେ ଏପରି କାଆ-କାଆ କରି ରଡ଼ି କଲା ଯେ ସମସ୍ତେ କାନରେ ହାତଦେଇ ବସିପଡ଼ ବସିପଡ଼ ବୋଲି ଚିତ୍କାର କଲେ । କାଉକୁ ଭାରି ଅପମାନ ହେଲା । ସେ ଚୁପ ହୋଇ ବସିପଡ଼ିଲା । ସବା ଶେଷରେ କୋଇଲିକୁ କୁହାଗଲା ଗୀତ ଗାଇବାକୁ । କୋଇଲି ପ୍ରଥମେ କହିଲା - ଏବେ ତ ବସନ୍ତଋତୁ ନୁହେଁ, ଆମ୍ବ ବଉଳିନି, ମଳୟ ବହୁନି, ମୋ କଣ୍ଠସ୍ୱର ତ ଫିକା - ମୁଁ କିପରି ଗାଇବି ? ସମସ୍ତେ ଅନୁରୋଧ କରି କହିଲେ ଆମେ ତ ଋତୁଚକ୍ରକୁ ବଦଳେଇ ପାରିବାନି । ଏଣୁ ତୁମେ ସେହି ସ୍ୱରରେ ଗୀତ ଗାଅ । କୋଇଲି ତା'ର ବୀଣା ଜିଣା କଣ୍ଠରେ ଆରମ୍ଭ କଲା - କୁହୁ କୁହୁ କୁକୁ କୁ ହୁ । ସମସ୍ତେ ଆନନ୍ଦରେ ତାଳିମାରି ସାବାସ ସାବାସ କହି ଉଠିଲେ ଆଉ କହିଲେ - ଆମେ ଫଗୁଣରେ ବସନ୍ତ ଉତ୍ସବକରି କୋଇଲିକୁ ଗାଇବାର ସୁଯୋଗ ଦେବୁ । ବିଚାରକ ମହାଶୟ, କୋଇଲିକୁ ବାଣୀ କଣ୍ଠ ନିମାଇଁ ଚରଣ ସମ୍ମାନରେ ସମ୍ମାନିତ କଲେ । ତା' ବେକରେ ଫୁଲମାଳ ପକାଇ କର ମର୍ଦ୍ଦନ କଲେ । ଶେଷରେ ସୁନ୍ଦରୀ ପ୍ରତିଯୋଗିତାରେ ଶୁଆ ସବୁଜପରୀ ଓ ହଳଦିବସନ୍ତ ସର୍ବୋଚ୍ଚ ସୁନ୍ଦରୀରାଣି ବୋଲି ବିବେଚିତ ହେଲାପରେ ତାଙ୍କ ମୁଣ୍ଡରେ ବିଶ୍ୱସୁନ୍ଦରୀ ଓ ସୁନ୍ଦରୀ ରାଣୀର ମୁକୁଟ ପିନ୍ଧାଇ ଦିଆଗଲା ।

ସଭା ସରିଗଲା । ଯେ ଯୁଆଡ଼େ ଆନନ୍ଦ ମନରେ ଗଲେ । କୁଆ ତା' ମୁହଁରେ କୃତ୍ରିମ ହସରଖି ଅନ୍ତରଭିତରେ ରାଗ ରଖିଲା କୋଇଲି ଉପରେ । କିପରି ତା'ର କ୍ଷତି କରିବ, ସେହି ଚିନ୍ତାରେ ସେ ଖାଲି ରବେଇ ଖବେଇ ହେଲା । ଦୁଇଚାରିଦିନ ବିତିଗଲା । ତା' ମନରେ ସୁଖ କି ଶାନ୍ତି ନାହିଁ । ସେ ଦିନେ ବିଲୁଆ ପାଖକୁ ଯାଇ ସିଧା ତା ଗୋଡ଼ତଳେ ପଡ଼ି କହିଲା - ନନା ମୋତେ ରକ୍ଷାକର । ବିଲୁଆ କହିଲା - ତୋର କ'ଣ ହେଲା କି ? ତୁ ଏମିତି ଝଡ଼ି ଗଲୁଣି କାହିଁକି ? ତୋର ମନ ଦୁଃଖ କାହିଁକି ? କାଉ କହିଲା - କୋଇଲିର ଏତେ ପ୍ରଶଂସା ମୁଁ ସହି ପାରୁନି । ମୁଁ କ'ଣ କରିବି ? ବିଲୁଆ ଭାବିଲା ମୁଁ ସାମ୍ବାଦିକ ହୋଇ ନାରଦ ଭୂମିକା ଗ୍ରହଣ କରେ ସତ, ଖଳ ନାୟକ ମଧ୍ୟ ହୁଏ । ତେବେ ଏ କୁଆ ମନରେ ଖଳ ବୁଦ୍ଧି ଆଉ ଗର୍ବକୁ ଚୁନା କରିବାକୁ ପଡ଼ିବ । ଭଗବାନ ଯାହାକୁ ଯେମିତି ଶକ୍ତି ଦେଇଛନ୍ତି, ସେଥିରେ ଆମେ କାହିଁକି ଦୁଃଖ କରିବା ?

ବିଲୁଆ କହିଲା, ଆରେ ଇଏ ଗୋଟାଏ କଥା, କଣଥ ତୁ ଏତେ ବ୍ୟସ୍ତ ହେଉଛୁ । ହେଉ ତୁ ଗୋଟିଏ କାମ କର । ତୁ କୋଇଲି ସାଙ୍ଗରେ ସନ୍ଧି କର । ତାକୁ ପଚାରେ, ତାର ମଧୁର ସ୍ୱର ପାଇଁ ସେ କ'ଣ କରୁଛି । କାଉର ମନକୁ କଥାଟି ପାଇଲା । ସେ କୋଇଲି ପାଖକୁ ଯାଇ ତା' ସ୍ୱର ବିଷୟ ଅତି ନ୍ୟୁନ ହୋଇ ପଚାରିଲା । କୋଇଲି କାଉର ଆଗର ଅପମାନ ପାଇଁ ପ୍ରତିରୋଧ ଖୋଜୁଥିଲା । କାରଣ ସଭା ପରେ କାଉ ତା' ସାଙ୍ଗମାନଙ୍କୁ ଡାକି ଏତେ ଜୋରରେ ଖୁମ୍ପୁ ଥାଆନ୍ତି ଯେ କୋଇଲି ଅସ୍ତବ୍ୟସ୍ତ ହୋଇ ଜୀବନ ବଞ୍ଚାଇବାକୁ ଲୁଚିଲୁଚି କରି ବୁଲିଲା । ଆଜି ତାକୁ ଏପରି ନ୍ୟୁନ ଅବସ୍ଥା ଦେଖି, ସେ ଗୋଟିଏ କୂଟିଳ ବୁଦ୍ଧି ବାହାରକରି ତାକୁ କହିଲା - କିଛି ଦୂରରେ ଗୋଟିଏ ସାଧୁଙ୍କ ଆଶ୍ରମ ଅଛି । ସେଠାରେ ଗୋଟିଏ ଝରଣା ବହି ଯାଉଛି । ଝରଣା କୂଳରେ ଆମ୍ବ ଗଛଟିଏ ଅଛି । ତୁ ଠିକ୍ ରାତି ପାହାନ୍ତାରୁ ଯାଇ ସେହି ଡାଳରେ ବସି ଆଶ୍ରମ ଆଡ଼କୁ ଚାହିଁ କର୍କଶ ସ୍ୱରରେ କା କା କରିବ । ତାହେଲେ ସାଧୁଙ୍କ ଓଁସ୍ୱର ସହିତ ତୋ ସ୍ୱର ମିଶିଗଲେ ତୋର ମୋ ପରି ମଧୁର ସ୍ୱର ହୋଇଯିବ ଯା ଆଉ ଡେରି କରନା ।

କାଉ ତା କଥାମାନି ଯାହା କିହଥିଲା ସେଇଆ କଲା । ଆଶ୍ରମରେ ସାଧୁ ଯେମିତି ଓଁ ଉଚ୍ଚାରଣ କରିଛନ୍ତି, କାଉ ତା' କର୍କଶ ସ୍ୱରରେ କା-କା ଆରମ୍ଭ କଲା । ସାଧୁଙ୍କ ଧ୍ୟାନ ଭଙ୍ଗ ହେଲା । ସେ ଶିଷ୍ୟଙ୍କୁ ଡାକି କାଉକୁ ଘଉଡାଇବାକୁ କହିଲେ । ଶିଷ୍ୟ ଆସି ଯେତେ ଚେଷ୍ଟ କଲେ କାଉ ଆଦୌ ଗଲାନି । ଶିଷ୍ୟ ରାଗିକରି ବାଟୁଳି ଫଡ଼ାରେ ବାଟୁଳି ମାରିଲେ । କାଉ ଅଳ୍ପକେ ବଞ୍ଚିଗଲା । ସେ ଜୋରରେ କା-କା କରି ପଳାଇଗଲା

। ଆଉ କୋଇଲି ପାଖକୁ ନଯାଇ ବିଲୁଆ ପାଖକୁ ଯାଇ ସବୁ କହିଲା । ବିଲୁଆ କହିଲା - ହେଉ ତୁ ଏଥର ସେ ସାଧୁଙ୍କ ଆଶ୍ରମକୁ ଯାଆ । ତାଙ୍କର କିଛି ସେବାକର । ଜମା ବୋବେଇବୁନି । ସେ ତୋ ସେବାରେ ଖୁସିହେଲେ ତୋତେ ଆଶିର୍ବାଦ କରିବେ । ତୋର ସ୍ୱର ମଧୁର ହୋଇଯିବ ।

କାଉ ଆନନ୍ଦରେ ଆଶ୍ରମ ଆଡ଼କୁ ଗଲା । ଗୋଟିଏ ଡାଳରେ ବସି ଭାବିଲା ଆଜି ଯଦି ମୋ ସ୍ୱର ମଧୁର ହୋଇଯିବ ତାହେଲେ ମୁଁ ସେ କୋଇଲିକୁ ଜୀବନରୁ ମାରିଦେବି । ଯେ ପାଞ୍ଚେ ପରର ମନ୍ଦ, ତା' ମନ୍ଦ ପାଞ୍ଚନ୍ତି ଗୋବିନ୍ଦ । ମନରେ ହିଂସା ରଖି ଆଶ୍ରମ ପାଖକୁ ଗଲା ଆଉ ଦେଖିଲା- ସାଧୁଙ୍କ ମାଠିଆରେ ପାଣି ଅଳ୍ପ ଅଛି । ସେ ଗୋଟିଏ ବୁଦ୍ଧି ବାହାର କରି କାଠି ଗୋଡ଼ି ଆଣି ମାଠିଆରେ ପକାଇଲା । ମାଠିଆ ମୁହଁ ପର୍ଯ୍ୟନ୍ତ ପାଣି ଆସିଲେ ସାଧୁ ଖୁସିହେବେ ଭାବି ସେ ଗୋଡ଼ି ପରେ ଗୋଡ଼ି ପକାଇ ଚାଲିଲା । ସାଧୁଙ୍କ ନିଦ ଭାଙ୍ଗିଗଲା । ସେ ଦେଖିଲେ କାଉଟା ପାଣିକୁ ଅଇଁଠା କରୁଛି ଭାବି ତାଙ୍କ ଚୁମୁଟା ଟାକୁ ତା ଉପରକୁ ପକାଇଲେ । ଏଥର ବି କାଉ ଅଳ୍ପକେ ବଂଚିଗଲା । ସେ ଆହୁରି ରାଗିଗଲା । କୋଇଲି ପାଖକୁ ଯାଇ ଦେଖେତ କୋଇଲି ମାଙ୍କଡ଼ ପାଖରେ ବସି ଖୁସି ଗପ କରୁଛି ।

କାଉ ଭାବିଲା - ଏ ମାଙ୍କଡ଼ଟା ହେଉଛି ନାରଦ । ତାକୁ ପାନେ ଦେବି କହି କାଉ ଭାଇମାନଙ୍କୁ ଡାକି ତାକୁ ଖୁମ୍ପି ଖୁମ୍ପି ଖଣ୍ଡିଆ କରି ରକ୍ତାକ୍ତ କରିଦେଲା । ବିଲୁଆ ଦୂରରୁ ଥାଇ ସବୁ ଦେଖୁଥାଏ । ସେ ଦଉଡ଼ି ଆସି କାଉକୁ କହିଲା, ଏତେ ରାଗିଲେ କ'ଣ କାମ ହେବ ? ଏଥିରେ ମାଙ୍କଡ଼ ବୁଢ଼ାର ଦୋଷ କ'ଣ ? ଔଷଧ ନଖାଇ ତାଟିଆ କାମୁଡୁଛୁ କାହିଁକି ? ମୁଁ ଜାଣେ ତୁ ଦୁଇଥର ଫେଲ୍ ମାରିଛୁ । ହେଉ ହେଲା । ବାରବର୍ଷ କଲେ ସେବା, ଗୁରୁ କହିବେ ଟିକିଏ ଦେବା । ତୁ ଏତେ ବ୍ୟସ୍ତ କାହିଁକି ହେଉଛୁ । ଆଉ ଥରେ ଚେଷ୍ଟାକର । କାଉ ତ ରାଗିଥିଲା । କହିଲା - ହେ ନନା ପାଟିଚୁପ । ବେଶୀ ଗପିଲେ କାଉଭାଇଙ୍କୁ ଡାକି ତୋତେ ଯମପୁରକୁ ପଠାଇଦେବି ।

ବିଲୁଆ ମନେ ମନେ କହିଲା - ଆଚ୍ଛା ତୁ ମୋତେ ଯମ ପୁରକୁ ପଠାଇବୁ ? ଆଜି ତୋ ପାଞ୍ଜି ସଫା କରି ଦେବି କହି ହସି ହସି କହିଲା - ଆରେ କାଉ ଭାଇ ରାଗେନା । ପ୍ରଥମେ ଭୀମ ମଧ୍ୟ ହାରିଥାଏ । ତୁ କାହିଁକି ଚିନ୍ତା କରୁଛୁ । ତୁ ଗୋଟିଏ କାମ କର, ତୁ କୁମ୍ଭାର ଶାଳକୁ ଯାଆ । ସେ ନିଆଁରେ ପାଚିଥିବା ଲୁହାକୁ ତୁ କାମୁଡ଼ି ଦେଲେ ତୋ ସ୍ୱର ମଧୁର ହୋଇଯିବ । କାଉ କହିଲା - ତୁ ସତ କହୁଛୁ ତ ? ନହେଲେ ପରିଣାମ କ'ଣ ହେବ ଜାଣିଛୁ ? ବିଲୁଆ କହିଲା, ଗୋଟିଏ ସତ କଥା ଜାଣିଛୁ ? ଏ କୋଇଲି ଚେହେରା ତୋ ସହିତ ମିଶେ ନା ନାହିଁ । ସେ ରୂପରେ ଏକା କଣ୍ଠ କାହିଁକି ଏଡ଼େ ମଧୁର ହେଲା ଜାଣିଛୁ ? ସେ ସବୁଦିନ ସେ କୁମ୍ଭାରଶାଳରେ ସେକ ନିଏ । ଧୀରେ ଧୀରେ ତା' କଣ୍ଠ ବଦଳି ଗଲା । ଏ କଥା କେହି ଜାଣନ୍ତିନି । ତୁ ମୋର ଅତି ନିଜର ବୋଲି କହିଲି । ତୁ କାଲିଠାରୁ ଏଇ କାମରେ ଲାଗିପଡ଼ । ମାଙ୍କଡ଼ ମଧ୍ୟ କହିଲା - ହଁ ପରା ମୁଁ ଟିକେ ଏ ଗୋପନ କଥା ଶୁଣିଥିଲି । କାଉ ଅତ୍ୟନ୍ତ ଖୁସି ହୋଇ କୁମ୍ଭାରଶାଳାକୁ ଯାଇ ଅପେକ୍ଷା କଲା । କୁମ୍ଭାର ଲୁହା ବାହାର କରିବାକୁ ଡେରି କଲାରୁ କାଉ ତାକୁ ଆକ୍ରମଣ କଲା । କୁମ୍ଭାର ରାଗିଯାଇ ଗରମ ଲୁହା ଖଣ୍ଡକୁ ତା ଉପରକୁ ପକାଇଦେଲା । କାଉ ଛଟପଟ ହୋଇ ମରିଗଲା । ସମସ୍ତେ କହିଲେ - ଏତେ ଇର୍ଷା କରବା ଭଲ ନୁହେଁ ।

*ଶିଖରପୁର, କଟକ*

# ଅଭିଶପ୍ତା

**- ମାଧବାନନ୍ଦ ଭୋଇ**

ଆଜି ତା ୦୩.୦୪.୨୦୦୯ ରିଖ । ସଂଜ ନଇଁ ଆସୁଥିଲା । ବିବାହର ମାହୋଲରେ ସଭିଏଁ ହଜି ଯାଇଥିଲେ । ଏହିମାହୋଲରେ ଜେମା ବି ନିଜକୁ ହାଜଇ ଦେଇଥିଲା । ବିବାହ ଜୀବନରେ ଥରେ ଆସେ । ସେଥିପାଇଁ ଜୀବନରେ ଦୁଇଟି ଭୋଜି ହୋଇଥାଏ । ଗୋଟେ ବାହାଘରଦିନ, ଆଉ ଗୋଟେ ମରିବା ପରେ । ବାପା ମାଆଙ୍କର ଗୋଟିଏ ଝିଅ । ଦୁଇଟି ଭାଇ ସାନ ହେଲେ ବି ସେମାନେ ତାକୁ କମ୍ ଭଲପାଇବା ଦେଇନାହାନ୍ତି । କିଛିଗୋଟେ ଖାଲି ହେଲା ପୂର୍ବରୁ ବଡ଼ ଭଉାଇ ପରି ସବୁ ଅଳି ଅର୍ଦ୍ଦଳି ପୂରଣ କରିଆସିଛନ୍ତି । ସୁନା ନାକୀ ଭଉଣୀ ପାଇଁ ଜଗା ବଳିଆ ପରି ଲାଗନ୍ତି । ବାପା ଗରିବ ଦିନ ମଜୁରିଆ ହେଲେ ବି ଗୋଟିଏ ବୋଲି ଝିଅ । ମହରଗ ଯୁଗରେ ଯାନି ଯୁଉତୁକ ସହିତ ଜଣେ ଭଲ ପାତ୍ର ପାଇବା କଷ୍ଟ । ତଥାପି ଝିଅର ଖୁସି ପାଇଁ ବଡ଼ଘରେ ବାହାଘର ଠିକ୍ ହେଲା ଜ୍ୱାଇଁ ଦେଖିବାକୁ ସୁନ୍ଦର । ଭଲ ନାମ ଗତନାଥ ଗତିଆ ବୋଲି ଡାକନ୍ତି । କଟକରେ ଡ୍ରାଇଭିଂ କରୁଛି । ବେଶ୍ ଦି ପଇସା ହେଉଛି । ଗାଁରେ ବି ଚାଷ ଜମି ଅଛି । ଦି ଭାଇ ଜ୍ୱାଇଁ ରାଜ ଛୁଆ ପରି ଦେଖିବାକୁ । ଯେତେ ଭାଇ ସେତେ ଘର । ଆଜି ଅଛି କାଲି ଭିନେ ହେବେ । ଚିନ୍ତା କ'ଣ । ସାଙ୍ଗମାନଙ୍କ ସହିତ ଜେମାକୁ ଦେଖିବା ପାଇଁ ଆସିଥିଲା । ଜେମା ବି ଝରକା ଆଢୁଆଳରୁ ଗତିଆକୁ ଦେଖି ନେଇଥିଲା । ମନେ ମନେ ଲାଜେଇ ଯାଇଥିଲା ଏକ ଅଦୃଶ୍ୟ ସମ୍ଭାବନାକୁ ଅନୁଭବ କରି ।

ବାହାଘର ସରିଗଲା । ଗଲଶ ସନରୁ ଆଜିକୁ ମିଶାଇ ହିସାବ କଲେ ବରଷକ ପରେ ହୋଇଯିବ । ଜେମାର ଜୀବନରେ ଅନେକ ଘଟଣା ଦୁର୍ଘଟଣା ଘଟି ଗଲାଣି । ଯେତେବେଳେ ହାତ ଧରି ବାହା ହୋଇଛି, ସବୁକିଛି ସହିବାକୁ ହେବ । ହେଲେ ଗତିଆର କେତୋଟି ଗୁଣ ଜେମାକୁ ଭଲ ଲାଗୁନଥିଲା । ଦିନେ ଚେକ୍ ଅପ୍ ପାଇଁ ଚାଲି ଯାଇଥିଲା ପାଖରେ ଥିବା କ୍ଲିନିକକୁ । ଅଗତ୍ୟା ଡାକ୍ତର ନଥିବାରୁ ଘରକୁ ଫେରି ଆସିଥିଲା । ମାତ୍ର ନିଜର ଶୋଇବା ଘରକୁ ଯିବା ପୂର୍ବରୁ ପାଖ ଝରକା ନିକଟରେ ଏକ ଅସ୍ପଷ୍ଟ ଶିତ୍କାର ଓ ଚୁଡ଼ିର ରୁଣଝୁଣ୍ ଶବ୍ଦରେ ଚମକି ଉଠିଲା । ହେଲେ ଗତିଆ ସହିତ ନିଜ ଯାଆର ଶାରିରୀକ ସଂର୍ପକ ଅଛି ବୋଲି ପରକ୍ଷଣରେ ଜାଣଇବା ପରେ ଜୀବନଟା ବିଷ ପରି ଲାଗିଲା । ତଥାପି ପିଲାଟିଏ ହେଲା ପରେ ଗତିଆ ବଦଳି ଯିବ ବୋଲି ଜେମା ଭାବୁଥିଲା । ମନେ ପଡ଼େ ବୋଉର ମାଟଇଘର ତିଆରି କଥା । ଖାଲି ଅଗଣାରେ ମାଟି ଚକଟା ଉପରେ ମାଟଇ ଚକଟା ଲଦି କାନ୍ଥ ହୋଇଯଶଏ । ଥରକୁ ଥର ମାଟଇର ଚାଦର ପରସ୍ତ ପରସ୍ତ ବୋଳା ହେଉଥାଏ ।ଶେଷରେ ମାଟି ଗୋବର ଲିପା ଘର ଏକ ମନ୍ଦିର ପାଲଟିଯାଏ । ସେନେହ ଭଲ ପାଇବାର ଚଉହଦି ଭିତରେ । ସେମିତି ଜେମା ନିଜର ଆଶାକୁ ସପନ ସହିତ ଗୁନ୍ଥୁଥିଲା । କାଳେ ନିଜ ପିଲା ମୁହଁକୁ ଚାହିଁଲେ ସ୍ୱାମୀ ତାର ଯାଆ କଥା ଭୁଲି ଯିବ ବୋଲି । ହେଲେ ଜେମା ଝିଅଟିଏ ଜନ୍ମଦେଲାପରେ ଦିନକୁ ଦିନ ତାର ଜୀବନ ବେହାଲ ହୋଇଯାଉଥିଲା । ପ୍ରତିଦିନ ଭୋର ପାଂଚଟାରୁ ଗାଧୋଇ ଠାକୁର ପୂଜା କରିବା, ଶାଶୁ ଶ୍ୱଶୁରଙ୍କୁ ମୋଡ଼ାଘଷା କରି ସକାଳ ଜଳଖିଆ କଲାବେଳକୁ ଆଠଟା ବାଜି ଯାଉଥିଲା । ବେଳେବେଳେ ଛୁଆଟା ରାହା ଧରି କାନ୍ଦୁଥିବାବେଳେ ନିଜର ଛାତି ଶିର ଶିରେଇ ଯାଉଥିଲା । ହେଲେ ଦୁଧ ଟୋପେ ଦେଇ ପାରୁନଥିଲା ଛୁଆକୁ । ତା ପାଟିରେ ସାଗୁ ବାର୍ଲି ମିଶା ଦୋତଲଟେ ଗୁଂଜି ଦେଉଥିଲା । ଅନିଚ୍ଛା ସତ୍ୱେ କୁନି ଝିଅଟି ମାଆର ଥନ ବଦଳରେ ସିଛେଟକ୍ ନିପଲକୁ ଚୋବାଉଥିଲା । ଜେମା ଲାଗି ଯାଉଥିଲା ନିଜ ପାଇଟିରେ । ନିଜ ଯାଆ ସହିତ ଖରାପ ସଂପର୍କ ହେତୁ ଗତିଆ ବି କଟକରେ ରହୁଥିଲା । ଘରକୁ ବେଶି ସମୟ ଆସୁନଥିଲା । ନିଜର ଯାଆ ସହିତ ମନାନ୍ତର ହୋଇଯାଇଥିଲା ଜେମାର । ସଂସାର ଜାଲରେ ଛଟପଟ ହୋଇଯାଉଥିଲା ଜେମା ଦଂଡ଼ିକିରି ମାଛଟେ ପରି । ଜିଅଟିଏ ଜନ୍ମ ହୋଇନାହିଁ ଅସୁରୁଣିଟିଏ ଜନ୍ମ ହୋଇଛି ବୋଲି ଶାଶୁ ଶ୍ୱଶୁର ସବୁବେଳେ ଗାଳି କରୁଥିଲେ । ଅମାବାସ୍ୟାରେ ଜନ୍ମ ହୋଇଛି ବୋଲଇ ଜେମାର ଯାହା ଉଆଁସୀ କନ୍ୟାଟେ ଜନ୍ମ ହୋଇଛି ବୋଲଇ ଦେଖେଇ ଶିଖେଇ କହୁଥିଲେ । ଉଆଁସୀ କନ୍ୟା ଜନ୍ମ ହେଲେ ବଂଶ ବୁଡ଼ିଯାଏ ବୋଲି ଜେମାକୁ ଶାଶୁ ଅଲକ୍ଷଣୀ ବୋଲି ଗାଳି କରୁଥିଲେ । ହେଲେ ଜେମା ସ୍ୱାମୀ ଠିକ୍ ଥିଲେ ସବୁ ଠିକ୍ ହୋଇଯିବ । ଏମିତି ମନକୁ ବୁଝାଇ ନୀରବରେ ସୁଁ ସୁଁ ହୋଇ ଲଉହ ଝରାଇବା ବ୍ୟତୀରତ

ଆଉ କିଛି ଉପାୟ ନଥିଲା । ଗତିଆ ପ୍ରତି ସପ୍ତାହାରେ ଘରକୁ ଆସୁଥିଲା । ବେଳେବେଳେ ଟାଙ୍କେ ମଦ ପିଇ ଗରକୁ ଆସୁଥିଲା । ବାପା ଭାଇଙ୍କଠାରୁ ଟଙ୍କା ଆଣିବା ପାଇଁ ଜୁଲମ୍ କରୁଥିଲା । ଜେମା ପ୍ରତିବାଦ କଲେ ଦୁମ୍‌ଦାମ୍ ମାଡ଼ ବସଉଥିଲା । ସବୁକିଛି ବୁଝି ଯାଉଥିଲା ଜେମା । ସମୟାନୁକ୍ରମେ ପୁଅଟିଏ ଜନ୍ମ ହେଲା । ତଥାପି କାହା ଠୁ ପଦେ ଭଲ କଥା ଶୁଣି ପାରୁନଥିଲା । ସତରେ କି ଅଭିଶପ୍ତ ଗୀବନ ତାର ହୁଏତ ଗରିବ ଘରେ ନାରୀଟିଏ ହୋଇ ଜନ୍ମନେବା ଏକ ବଡ଼ ପାପ ବୋଲି ଜେମା ନିଜକୁ ଧିକ୍କାର କରୁଥିଲା । ନିଜ ଦେହ ମନ ତ କାଠ ପଥରରେ ନୁହେଁ । ରକ୍ତ ମାଂସର ଶରୀରରେ ମନଟିଏ ଅଛି । କେତେ ବା ସହିତ ଜେମା ? ନୟାଗଡ଼ ପରି ଅଖ୍ୟାତ ପଲ୍ଲୀର ଏକ ଗରିବ ଦିନ ମଜୁଆରିର ଝିଅ ସେ । ଅଭାଗିନୀ ଗୋବର ଗୋଟେଇର ଜୀବନରେ କେବଳ ଦୁଃଖ, କୋହ ଯାତନା ଆଉ ପ୍ରବଂଚନା ବ୍ୟତୀତ କ'ଣ ବା ଥାଏ ? ଘରୁ ବାପା ଭାଇ ଆସି ଯେତେ ବୁଝାଇଲେ ବି କିଛି ଲାଭ ହୁଏନାହିଁ । ଅଖିଆ ଅପିଆ ହୋଇ ଚିରା ଗାମୁଚାରେ ଲୁହ ପୋଛି ଯାଉଥିବା ବାପାର ଅସହାୟତାକୁ ଦେଖି ତକିଆରେ ମୁହଁ ଲୁଚାଇ କଇଁ କଇଁ କାନ୍ଦିବା ବ୍ୟତୀତ ଆଉ କିଛି ଚାରା ନଥିଲା ଜେମାର ।

ଏକ ଅର୍ଥ ହୀନ ଜୀବନ ହିଁ ଅଭିଶପ୍ତ ଜୀବନ । ଏପରି ବଂଚିବାରେ ଖୁସି ନଥାଏ । ସମ୍ମାନ ବି ନଥାଏ । ଜୀବନ ଜୀଉଁଣାରେ ସରସତା ନଥାଏ । ବରଂ ଘୃଣା, ଲଂଛନା, ପ୍ରବଂଚନା, ଶଠତା ଏବଂ ଶୋଷଣରୁ ବର୍ତି ନଥାଏ ଏ ଗରିବର ଜୀବନ । ତଥାପି ବଂଚିବାକୁ ହେବ । ଲୁହ ପିଇ ପିଇ ଲଢ଼େଇ କରିବା ପାଇଁ ପଡ଼ିବ । ବେଳେବେଳେ ଜେମାର ମନ ଆକାଶରେ ଆଶା ଚଢ଼େଇ ଘୂରି ବୁଲୁଥିଲେ । ପିଲା ଦୁଇଜଣଙ୍କ ମୁହଁକୁ ଚାହିଁ ସବୁକିଛି ଭୁଲି ଯାଉଥିଲା । ହେଲେ ପର ମୁହୂର୍ତ୍ତରେ ଯାହା ଶୁଣିଲା ଜେମାର ପାଦ ତଳୁ ମାଟି ଖସିଗଲା । ତାର ସ୍ୱାମୀ ଏତେ ଚରିତ୍ରହୀନ ଆଉ କାମୁକ ହୋଇପାରେ ନିଜକୁ ବିଶ୍ୱାସ କରି ପାରୁନଥିଲା । ଗୋଟିଏ ପୁରୁଷ ଏତେ କାମୁକ କଣ ପାଇଁ ? ଦୁଇଟି ନାରୀର ଦେହ ସହିତ ଖେଳି ପରିତୃପ୍ତ ହୋଇପାରିଲା ନାହିଁ । କଟକରେ ଜଣକୁ ରକ୍ଷିତା ବନେଇଦେଲା । ପୁଣି ଏକ ବିବାହିତା ମହିଳା ସହିତ ନିଜକୁ ଚାହିଁ ପାରିଲାନି ଜେମା । ନିଜ ଭିତରେ ହିଁ ସେ ମରି ଯାଉଥିଲା । କ'ଣ କରାଯିବ ? ଗତିଆ କଟକରୁ ଫେରିବା ପରେ ଝଗଡ଼ା ଆରମ୍ଭ ହୋଇଗଲା, ତାପରେ ପିଟାପିଟି । ନିଶାପ ହେବ ଘରୁ ବାପା ଭାଇ ଆସିଲେ । ପଡ଼ୋଶୀ ବି ଆସିଲେ । ମାତ୍ର କଥା କଟାକଟିରୁ ହାତାହାତି । ସବୁ ଠାରୁ କୌତୁହଳର ବିଷୟ ନିଜ ଯାଆର ବୟାନବାଜିରେ ଜେମା ଏକ ଚରିତ୍ରହୀନା ପାଲଟିଗଲା । ପଶା ପାଲି ଓଲଟିଗଲା ଯେମିତି । ଜେମାକୁ ମାଡ଼ ମାରି ସୁନା ଚେନ୍ ଆଉ ସୁନା ଫୁଲ ଛଡ଼ାଇ ନେଲା ଗତିଆ । ଏମିତିକି ଜେମା ଠାରୁ ନାବାଳକ ପୁଅଝିଅଙ୍କୁ ଅଲଗା କରି ନିଆଗଲା । ଝିଅର ନ୍ୟାୟ ପାଇଁ ଆସିଥିବା ଗରିବ ବାପା ଭାଇ ସତେ ଯେମିତି ଦୋଷୀ ପାଲଟି ଗଲେ । ମାଡ଼ ଖାଇଲେ । କାନମୁଣ୍ଡା ଆଉଁସି ଘରକୁ ଫେରିଲେ ତା ୧୦/୧୨/୨୦୧୪ ଦିନ । ସତରେ ଏକ ନାରୀର ବଦନାମ୍ ପାଇଁ ପୁରୁଷ ଦାୟୀ ନୁହେଁ । ଯେତିକି ଦାୟୀ ନୁହେଁ ତାର କାମୁକତା ଆଉ ପାଗଳାମୀ । ବରଂ ଏଥିରେ ଅନ୍ୟ ନାରୀ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ।

ଏହାପରେ ଆଇନର ଲଢ଼େଇରେ ଚଂଚକତାର ନାଚ ଆରମ୍ଭ ହୋଇଗଲା । ତା ୧୬.୧୨.୨୦୧୮ ରେ ସ୍ଥାନୀ ଥାନାରେ ଏତଲା ଦିଆଗଲା । ମାତ୍ର ପୋଲିସ ନିରବଦ୍ରଷ୍ଟା ସାଜିଲା ପରେ ୧୮.୧୨.୨୦୧୮ ରେ ସବୁଡିଭିଜନାଲ ମାଜିଷ୍ଟ୍ରେଟ୍ ଏକ ସର୍ଚ୍ଚ ୱାରେଣ୍ଟ ଦ୍ୱାରା ନିଜର ମାଆ ନିକଟରେ ନାବାଳକ ପୁଅ ଝିଅଙ୍କୁ ତା ୦୧.୦୧.୨୦୧୯ ରିଖ ସୁଦ୍ଧା ପହଂଚାଇବା ପାଇଁ ଗତିଆକୁ ନିର୍ଦ୍ଦେଶ ଦେଲେ । କିନ୍ତୁ ଯେତେବେଳେ କୌଣସି ଏକ ଅପରାଧମୂଳକ କାର୍ଯ୍ୟ ପାଇଁ ପୋଲିସ ନ୍ୟାପାଳିକା ଏବଂ ଅପରାଧୀ ମାନେ ଅଭିସନ୍ଧିମୂଳକ ଭାବରେ କାର୍ଯ୍ୟ କରନ୍ତି । ସେତେବେଳେ ପିଡୀତା କେବେ ବି ଠିକ୍ ଭାବରେ ନ୍ୟା ପାଇପାରେ ନାହିଁ । ଜେମା ପାଇଁ ବି ସେୟା ହେଲା । ଜେମାକୁ ପାଗଳୀ ଆଉ ଚରିତ୍ରହୀନା ଭାବରେ ମିଥ୍ୟା କାଗଜାତ ପ୍ରସ୍ତୁତ ହେଲା । ଜେମା ଗତିଆକୁ ଖାଦ୍ୟରେ ବିଷ ଦେଇ ମାରିଦେବାକୁ ଚକ୍ରାନ୍ତ କରୁଥିଲା ବୋଲି ମନ ଗଢ଼ା ରିପୋର୍ଟ ଦେଲା । ହୁଏତ ଗତିଆ ଦିନେ ଜେମା ମୁହଁରେ ଜବରଦସ୍ତି ବିଷଢ଼ାଳି ମାରିଦେବା ପାଇଁ ଚକ୍ରାନ୍ତ କରିଥିଲା । ସରପଂଚ ବି ମିଛ ରିପୋର୍ଟ ଦେଲା । ଜେମା ଦୁଇ ପିଲାଙ୍କର ଦାୟିତ୍ୱ ନେବା ପାଇଁ ଅନୁପଯୁକ୍ତା ବୋଲି ଉଚ୍ଚ ନ୍ୟାୟାଳୟରେ ପିଟିସନ୍ ଦିଆଗଲା । ଶେଷରେ ଜେମାର ସର୍ଚ୍ଚ ୱାରେଣ୍ଟ ବାତିଲ ହୋଇଗଲା । ନିଜର ପୁଅ ଝିଅଙ୍କୁ ହରାଇ ଛଟପଟ ହେଉଥିଲା ଜେମା । କେବେ ଆଖି ଆଗରେ ନାଚି ଯାଉଥିଫଲଶ ପୁଅଝିଅଙ୍କର ମୁହଁ । କେତେ ବଡ଼ ହୋଇ ଯାଇଥିବେ ? ମୋ କଥା କେତେ ମନେ ପକାଉଥିବେ ନା ? କେତେ ହତଭାଗୀ ଏ ଜେମା ? ଗତିଆ ନିଶ୍ଚ ଭାଗ୍ୟବାନ ।

ନା ହତଭାଗ୍ୟ । ଗତିଆ ନିହାତି ହତଭାଗ୍ୟ ପରି ଲାଗେ ଜେମାକୁ । କଥାରେ ଅଛି ପରା ଭାଗ୍ୟବାନର ସ୍ତ୍ରୀ ମରେ । ଅଭାଗାର ଗୋରୁ ମରେ । ସେଦିନ ଜେମା ମରି ଯାଇଥିଲେ, ଗତିଆ ପୁଣି ବାହାହୋଇ ଘର ସଂସାର କରିଥାନ୍ତା । ନୂଆ ଜୀଅନ୍ତା ମାଂସକୁ ଉପଭୋଗ କରିବା ସହିତ ପୁଳାଏ ଜାନିଯଉତୁକ ପାଇଥାନ୍ତା । ଜେମା ବି ମୁକ୍ତି ପାଇଯାଇଥାନ୍ତା । ଓଃ ଏମିତି ଏ ଜୀବନ ଏମିତି ଦୀର୍ଘ ଦିନ ଚାଲିଗଲା । ଦିନେ ଶଶୁରଙ୍କ ଦେହାନ୍ତ ଖବର ଶୁଣି ଚାଲି ଆସିଲା ଶାଶୁଘରକୁ ଜେମା । ହେଲେ କେହି ଘରକୁ ପୂରାଇ ଦେଇ ନଥିଲେ । ବରଂ ଜେମା ନିଜ ବାପା ଭାଇଙ୍କ ସହିତ ମାଡ଼ ଖାଇଥିଲା । ଶେଷରେ ଶଶୁରଙ୍କ ଶବ ନିକଟକୁ ଯିବା ପାଇଁ ନିଜର ବାପା ଭାଇଙ୍କ ସହିତ ରାସ୍ତାରେ ଧାରଣା ଦେଲା । ହେଲେ ଏକ ଅଜଣା ସ୍ତ୍ରୀଲୋକ ରାସ୍ତାରେ ଗଣ୍ଡଗୋଳ କରୁଛି ବୋଲି ପୋଲିସକୁ ଖବର ଦିଆଗଲା । ପୋଲିସି ଆସିଲା । ଅସଭ୍ୟ ଭାଷାରେ ଗାଳି ଗୁଲଜ କଲା । ଧକ୍କା ମାରି ଏଠୁ ବାହାରିଯିବା ପାଇଁ ଆଦେଶ ଦେଲା । ଭରେ ପଳାଇ ଆସିଲା ଜେମା ତାର ବାପା ଭାଇଙ୍କୁ ଧରି । ତଥାପି ପୋଲିସର ମନ ଶାନ୍ତି ହେଲାନି । ରାସ୍ତାରେ ଚାଲି ଚାଲି ଆସୁଥିବା ସମୟରେ ଉଠାଇ ଆଣିଲା ସମସ୍ତଙ୍କୁ । ଏକ ସାଦା କାଗଜରେ ଜବରଦସ୍ତ ଦସ୍ତଖତ କରାଇ ନେଇ ଗଲାଜେମାର ବାପା ଭାଇଙ୍କଠୁଁ । ଜେମା ଚାହୁଁଥିଲା କାକୁସ୍ଥ ହୋଇ ।

ଏହାପରେ ତା ୧୦.୦୨.୨୦୧୯ ରିଖରେ ଥାନାକୁ ଏତଲା ଦିଆଗଲା । ଚାର୍ଜସିଟ୍ ବି ହେଲା । କିନ୍ତୁ ଅପର ପକ୍ଷ ନଥିବାରୁ ମାମଲାକୁ ନାକଚ କରିଦିଆଗଲା । ଅପରାଧୀମାନେ ଖଲାସ ହୋଇଗଲେ । ହୁଏତ ଏଠାରେ ଯଦି ନ୍ୟାୟପାଳିକା ଯଥୋଚିତ ବିଚାର କରିଥିଲେ ଶିଶୁ ମହିଳା ନିର୍ଯ୍ୟାତନା ଆଇନ୍ କିମ୍ବା ମାନବିକ ଅଧିକାର ଉଲଘଂନ ଆଇନର ଦଫାରେ ଦୋଷୀ ଦଣ୍ଡ ପାଇଥାନ୍ତା । କିନ୍ତୁ ସବୁକିଛି ଶୂନ୍ ହୋଇଗଲା ।

ହେଲେ ଜମା ? ଜେମା ଘୁରି ବୁଲୁଛି ଟିକେ ନ୍ୟାୟ ପାଇଁ । ଜେମାର ଦରଖାସ୍ତ ଘୁରି ବୁଲୁଛି । ଥାନା ରାଜ୍ୟ ମହିଳା କମିଶନ, ରାଜ୍ୟ ମାନବାଧିକାର କମିଶନ ଆଉ ଉପଜିଲ୍ଲାପାଳ ଅଫିସ୍ ଏମିତି କେତେ ଅଫିସ୍ । କିନ୍ତୁ ଜେମା କ'ଣ ଚାହେଁ । କିଛି ନ ହେଲେ ନାହିଁ । ଏକ ବାତ୍ସଲ୍ୟ ସ୍ନେହରୁ ବଂଚିତ ହୋଇ ସନ୍ତୁଳି ହେଉଥିବା ଏକ ମାଆକୁ ତାର ଛୁଆକୁ ଫେରାଇ ଦିଆ ଯାଉ । ଦୋଷୀ ଦଣ୍ଡ ପାଉ । ବାସ୍ ଏତିକି ।

*ଉଦୟଭାନୁ ପରିବାର, ଭୋଦଳ*


POWER HOUSE

DISTRIBUTOR

LUMINOUS, EXIDE, AMCO

MADHUPATNA, SAMRAT HALL, CUTTACK
RAM MANDIR ROAD, PHULBANI
MAIN ROAD, NAYAGARH
MOB. : 94371 24943



# ଶିଖର ବାସିନୀ ମା' ଶିଖର ଚଣ୍ଡୀ

- ଅଧ୍ୟାପକ ପବିତ୍ର ମୋହନ ବାରିକ

ଶାକ୍ତ ଉପାସନା କ୍ଷେତ୍ରରେ ରାଜ୍ୟ ରାଜଧାନୀ ଐତିହାସିକ ଭୁବନେଶ୍ୱର ନଗରର ଯଥେଷ୍ଟ ସୁନାମ ରହିଛି । ନଗରର ଅଧିଷ୍ଠାତ୍ରୀ ଦେବୀ ମା' ଗୌରୀ ପ୍ରାଚୀନ ସମୟରୁ ଅବସ୍ଥାନ କରି ନଗର ଅଧିବାସୀମାନଙ୍କୁ ଶୁଭ ଦୃଷ୍ଟିରେ ଚାହିଁ ରହିଛନ୍ତି । ଏହି ମହାନଗରରେ ଅନେକ ପ୍ରାଚୀନ ଓ ନୂତନ ଶାକ୍ତ ମନ୍ଦିର ଦେଖାଯାଏ; ଯାହା ଅଧିବାସୀମାନଙ୍କର ମାତୃଶକ୍ତି ପ୍ରତି ଥିବା ଭକ୍ତି ଓ ପ୍ରେମର ଦୃଷ୍ଟାନ୍ତ ପ୍ରମାଣ । ଭୁବନେଶ୍ୱର ଉତ୍ତର ଦିଗରେ ଅବସ୍ଥିତ ସାରଙ୍ଗଗଡ଼ (ପଟିଆ)ର ଇଷ୍ଟଦେବୀ ମା' ଶିଖରଚଣ୍ଡୀ । ପ୍ରାକୃତିକ ସୌନ୍ଦର୍ଯ୍ୟ, ମନୋରମ ପରିବେଶ ମଧ୍ୟରେ ମା' ଶିଖରଚଣ୍ଡୀଙ୍କ ଆସ୍ଥାନ ଅବସ୍ଥିତ । ଭୁବନେଶ୍ୱର ନନ୍ଦନକାନନ ରାସ୍ତାର କିଟ୍ ବିଶ୍ୱବିଦ୍ୟାଳୟ ଛକରୁ ପଶ୍ଚିମ ପାର୍ଶ୍ୱରୁ ୪କି.ମି. ଅତିକ୍ରମ କଲାପରେ ଐତିହ୍ୟ ଓ ଇତିହାସ ପ୍ରସିଦ୍ଧ ପ୍ରାଚୀନ ଶକ୍ତି ପୀଠ ଶିଖର ଚଣ୍ଡୀ ଅବସ୍ଥିତ । ମା' ଶିଖର ଚଣ୍ଡୀ ପଟିଆ ସମେତ ଆଖ ପାଖ ଗ୍ରାମବାସୀମାନଙ୍କର ଆଶା, ବିଶ୍ୱାସ ଓ ଭରସାର ଦେବୀ । ମା' ଶିଖରଚଣ୍ଡୀଙ୍କର ଆବିର୍ଭାବ ସଂପର୍କରେ ଅନେକ ଜନଶୃତି ଲୋକ ମୁଖରେ ଶୁଣାଯାଏ । ତ୍ରେତୟା ଯୁଗରେ ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମ ଚନ୍ଦ୍ର, କନିଷ୍ଠ ଭ୍ରାତା ଲକ୍ଷ୍ମଣ ଓ ପତ୍ନୀ **ସୀତା ଦେବୀଙ୍କ ସହିତ ପିତୃସତ୍ୟ ପାଳନ ନିମନ୍ତେ ବନବାସ ଆରମ୍ଭ କରିଥିଲେ ।** ସେ ଯାତ୍ରା ଆରମ୍ଭ କଲେ । କଟକ ନଗର ନିକଟବର୍ତ୍ତୀ ମହାନଦୀ ଅତିକ୍ରମ କରି ସାରଙ୍ଗଗଡ଼ର ନିଘଞ୍ଚ ଅରଣ୍ୟ ମଧ୍ୟରେ ଅବସ୍ଥାନ କଲେ । ସାରଙ୍ଗଗଡ଼ର ଉତ୍ତର ପାର୍ଶ୍ୱରେ ପ୍ରାଚୀ ନଦୀ ଯାହା ମହାନଦୀର ଏକ ଶାଖା ପ୍ରବାହିତ ହେଉଥିଲା । ପ୍ରାଚୀ ନଦୀ ନରାଜ, ମୁଣ୍ଡଳି ଗ୍ରାମ ନିକଟସ୍ଥ ସିଦ୍ଧେଶ୍ୱର ପାହାଡ଼ ନିକଟରୁ ପୂର୍ବାଭିମୁଖୀ ହୋଇ ଗତି କରୁଥିଲା । ଏହା ହିଁ ପ୍ରାଚୀ ନଦୀ ବା ପ୍ରାଚୀ ଧାରା ନାମରେ ପରିଚିତ । ରଣଗଡ଼ ମୁଣ୍ଡିଆ, ମଧୁବନ ନିକଟସ୍ଥ ସାରଙ୍ଗଗଡ଼ର ଉତ୍ତର-ପୂର୍ବ ଦିଗରେ ବଡ-ବଡ ଗଣ୍ଡମାନ ଅବସ୍ଥିତ ଥିଲା । ପ୍ରାଚୀ ନଦୀ କୂଳରେ ରାମ, ଲକ୍ଷ୍ମଣ, ସୀତା, ଅବସ୍ଥାନ କରି ତିଳତର୍ପଣ ଆଦି ଧାର୍ମିକ କାର୍ଯ୍ୟ ସମାପନ କରିଥିଲେ । ସେଠାରେ ସେମାନେ ସାରଙ୍ଗଗଡ ତଥା ପଟିଆ ହ୍ରଦ ଓ ଜଳିକା ଆଦି ନୌକା ସାହାଯ୍ୟରେ ପାର ହୋଇ ପଟିଆ ଗଡର ଉତ୍ତର ପଶ୍ଚିମ ପାର୍ଶ୍ୱରେ ଥିବା ଏକ ବୃହତ ଅରଣ୍ୟ ମଧ୍ୟରେ ଅବସ୍ଥାନ କରିଥିଲେ । ଏଠାରୁ ଶ୍ରୀରାମଚନ୍ଦ୍ର, ପତ୍ନୀ ସୀତା ଓ ଅନୁଜ ଲକ୍ଷ୍ମଣଙ୍କ ସହିତ ଯାତ୍ରା କରି ଶିଖରଚଣ୍ଡୀ ପାହାଡ଼ ନିକଟରେ ଉପସ୍ଥିତ ହେଲେ । ପଥରେ ଯେଉଁ ଟାଙ୍ଗୀରେ ସେମାନେ ବିଶ୍ରାମ ନେଇଥିଲେ ସେଠାରେ ଅର୍ଦ୍ଧଚନ୍ଦ୍ରାକୃତି କଠଉ ଚିହ୍ନ ଆଜି ମଧ୍ୟ ଦେଖିବାକୁ ମିଳେ । ଏହା କଠଉ ଚିହ୍ନ ଟାଙ୍ଗୀ ନାମରେ ପରିଚିତ । ରାମ, ଲକ୍ଷ୍ମୀ, ସୀତା ଶିଖର ଚଣ୍ଡୀ ପାହାଡ଼ ଉପରେ ଅଧିକ ସମୟ ଅତିବାହିତ କରିଥିଲେ । ରାମଚନ୍ଦ୍ରଙ୍କ ନିର୍ଦ୍ଦେଶରେ ଲକ୍ଷ୍ମଣ ଶରମୁନରେ ପ୍ରସ୍ତରରୁ ଏକ ଦୁର୍ଗାମୂର୍ତ୍ତୀ ନିର୍ମାଣ କରିଥିଲେ । ପାହାଡ଼ର ଶିଖର ଦେଶରେ ଦେବୀଙ୍କ ଆସ୍ଥାନ ଅବସ୍ଥିତ ଥିବାରୁ ଶିଖର ଚଣ୍ଡୀ ନାମରେ ପୂଜିତା ହେଲେ । ଉକ୍ତ ପାହାଡ଼ର ଶିଖର ଦେଶରୁ ପୂର୍ବାଭିମୁଖୀ ଏକ ଝରଣା ପ୍ରବାହିତ ହେଉଥିଲା । କିନ୍ତୁ ନିଘଞ୍ଚ ଜଙ୍ଗଲ କ୍ଷୟ ହୋଇଯିବାରୁ ଝରଣାଟି ବର୍ତ୍ତମାନ ଶୁଖିଯାଇଛି । ଦେବୀଙ୍କ ଅଳ୍ପ ଦୂରରେ ପୂର୍ବକୁ ଏକ ବୃହତ କୁଣ୍ଡ ଅଛି । ପୂର୍ବେ ପର୍ବତ ଝରଣାର ଜଳ ଉକ୍ତ କୁଣ୍ଡରେ ଜମା ହୋଇ ନିମ୍ନକୁ ପ୍ରବାହିତ ହେଉଥିଲା । ଉକ୍ତ କୁଣ୍ଡଟି ଲକ୍ଷ୍ମଣଙ୍କ ଦ୍ୱାରା ନିର୍ମିତ ବୋଲି ଲୋକ ବିଶ୍ୱାସରେ କଥିତ ଅଛି । ଦେବୀ ଶିଖର ଚଣ୍ଡୀ ଅଷ୍ଟଭୁଜା ଏବଂ ବିଭିନ୍ନ ଆୟୁଧମାନ ଧାରଣ କରି ସିଂହ ପୃଷ୍ଠରେ ଅବସ୍ଥାନ କରିଛନ୍ତି । ଲୋକ ମୁଖରେ ଶୁଣାଯାଏ ସମୟେ-ସମୟେ ସାଧୁ ଓ ସାଧକମାନେ ମା'ଙ୍କ ପୀଠରେ ସାଧନାରେ ନିମଗ୍ନ ରହୁଥିଲେ । ଗଜପତି ପ୍ରତାପରୁଦ୍ର ଦେବଙ୍କ ମୃତ୍ୟୁ ପରେ ଓଡ଼ିଶାର ରାଜନୀତିରେ ଚରମ ବିଶୃଙ୍ଖଳା ସୃଷ୍ଟି ହେଲା । ରାଜନୈତିକ ଉତ୍‌ଥାନ ଓ ପତନ ପରେ କଟକ ବାରବାଟୀ ଦୁର୍ଗର ସୁରକ୍ଷା ଦାୟିତ୍ୱରେ ଥିବା ମୁକୁନ୍ଦ ହରିଚନ୍ଦନ ମୁକୁନ୍ଦ ଦେବ ନାମ ଧାରଣ କରି ସିଂହାସନ ଆରୋହଣ କଲେ । ସେ ତେଲଙ୍ଗା ମୁକୁନ୍ଦ ନାମରେ ପରିଚିତ କାରଣ ସେ ଦାକ୍ଷିଣାତ୍ୟର ଚାଲୁକ୍ୟ ରାଜବଂଶରୁ ଆସିଥିଲେ । ସେ ଥିଲେ ଓଡିଶାର ଶେଷ ସ୍ୱାଧୀନ ରାଜା ଓ ୧୫୬୮ ମସିହାରେ ବଙ୍ଗରେ ମୁସଲମାନ ଶାସକ ସୁଲେମାନ କର ରାନୀ ଦ୍ୱାରା ଗୋହିରୀ ଟିକିରା ଠାରେ ନିହତ ହେଲେ । ଲୋକ କଥାରେ ଶୁଣାଯାଏ ମୁକୁନ୍ଦ ଏକଦା ନିଜର ସୈନ୍ୟ ସାମନ୍ତଙ୍କ ସହ ମୃଗୟା ଉଦ୍ଦେଶ୍ୟରେ କଟକର ଦକ୍ଷିଣ ଦିଗରେ ଯାତ୍ରା କରି ଶିଖର ଚଣ୍ଡୀ ପାହାଡ଼ରେ ଉପଗତ ହେଲେ । ସେଠାରେ ସେ ମା' ଶିଖର ଚଣ୍ଡୀଙ୍କ ଅଲୌକିକ ଶକ୍ତିକୁ ଅନୁଭବ କଲେ ଓ ମା' ଙ୍କୁ ଦର୍ଶନ କରି ଆନନ୍ଦିତ ହେଲେ । ରାଜାଙ୍କ ନିର୍ଦ୍ଦେଶରେ ନରାଜ ଓ ମୁଣ୍ଡଳିରୁ ମନ୍ଦିର ଶିଳ୍ପୀମାନଙ୍କୁ ଅଣାଯାଇ ଏଠାରେ ଦେବୀଙ୍କ

ପାଇଁ ମନ୍ଦିର ନିର୍ମାଣ ଆରମ୍ଭ ହେଲା । ଏହି ପାହାଡ଼ରୁ ପଥର କଟାଯାଇ ଦେବୀଙ୍କ ମନ୍ଦିର ନିର୍ମାଣ ଆରମ୍ଭ ହେଲା । ରାଜା ନବ ନିର୍ମିତ ମନ୍ଦିରରେ ଦେବୀଙ୍କୁ ପ୍ରତିଷ୍ଠା କଲେ । ଦେବୀଙ୍କର ପୂଜାର୍ଚ୍ଚନାର ବ୍ୟବସ୍ଥା ମଧ୍ୟ କରାଗଲା । ମୁକୁନ୍ଦ ଦେବଙ୍କ ମୃତ୍ୟୁ ପରେ ଜନାର୍ଦ୍ଦନ ବିଦ୍ୟାଧର ତାଙ୍କ ପୁତ୍ର ରାମଚନ୍ଦ୍ର ବିଦ୍ୟାଧରଙ୍କୁ ଦାକ୍ଷିଣାତ୍ୟରୁ ଆଣି ଉତ୍କଳ ପ୍ରଦେଶରେ ରାଜସିଂହାସନ ପ୍ରଦାନ କଲେ । ସେ ରାମଚନ୍ଦ୍ର ଦେବ ନାମ ଧାରଣ କରି ବରୁଣେଇ ପାହାଡ ନିକଟରେ ଖୋର୍ଦ୍ଧାଗଡକୁ କେନ୍ଦ୍ର କରି ତାଙ୍କର ଖୋର୍ଦ୍ଧା ରାଜ୍ୟ ପ୍ରତିଷ୍ଠା କଲେ । ମୁକୁନ୍ଦ ଦେବଙ୍କ ଦୁଇ ପୁତ୍ର ରାମଚନ୍ଦ୍ର ରାୟ ଓ ଚକ୍ରଧର ରାୟ ରାଜ ସିଂହାସନ ଦାବି କରି ମୋଗଲ ସମ୍ରାଟ ଆକବରଙ୍କ ନିକଟରେ ଅଭିଯୋଗ କଲେ । ଏହାର ସମାଧାନ ନିମନ୍ତେ ଆକବର ମାନସିଂହଙ୍କୁ ଓଡ଼ିଶା ପ୍ରେରଣ କରିଥିଲେ । ମାନସିଂହ ଦାବିଦାରମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ କଟକ, ଖୋର୍ଦ୍ଧା ଓ ପୁରୀ ଗଜପତି ରାମଚନ୍ଦ୍ର ଦେବଙ୍କୁ ପ୍ରଦାନ କଲେ, ୨୩ କିଲ୍ଲା ଓ ଆଳି ଜମିଦାରୀ ମିଳିଲା ତେଲଙ୍ଗା ରାମଚନ୍ଦ୍ର ରାୟଙ୍କୁ ଏବଂ ସାରଙ୍ଗଗଡ ତଥା ପଟିଆ ଅଞ୍ଚଳ ପାଇଲେ ଚକ୍ରଧର ରାୟ । ସେ ଛକଡି ଭ୍ରମରବର ରାୟ ନାମରେ ପରିଚିତ । ଚକ୍ରଧର ରାୟ ପ୍ରଥମେ ଛଅଟି ପ୍ରଗଣା ପାଇଥିବାରୁ ଛକୋଡି, ରାମଚନ୍ଦ୍ର ରାୟଙ୍କର କନିଷ୍ଠ ଭ୍ରାତା ହୋଇଥିବାରୁ ଭ୍ରମରବର ତେଣୁ ତାଙ୍କର ନାମ ଛକଡି ଭ୍ରମରବର ନାମରେ ନାମିତ । ଚକ୍ରଧର ରାୟ ଓରଫ ଛକଡି ଭ୍ରମରବର ରାୟ ସାରଙ୍ଗ ଗଡ଼ ତଥା ପଟିଆର ପ୍ରଥମ ରାଜା ରୂପେ ରାଜ ସିଂହାସନ ଅଳଙ୍କୃତ କରିଥିଲେ । ଲେଖିବାର ତାତ୍ପର୍ଯ୍ୟ ଏହି ଯେ ପଟିଆ ରାଜ ବଂଶ ଶିଖର ଚଣ୍ଡୀ ଦେବୀଙ୍କର ତତ୍ତ୍ୱାବଧାରକ ରୂପେ କାର୍ଯ୍ୟ ନିର୍ବାହ କରି ଆସୁଥିଲେ । ମଧୁସୂଦନ ଦେବ, କୃଷ୍ଣଚନ୍ଦ୍ର ଦେବ ଓ ଦିବ୍ୟ ସିଂହ ଦେବ ପ୍ରଭୃତି ପଟିଆ ଗଡର ରାଜାମାନେ ଶିଖର ଚଣ୍ଡୀଙ୍କ ପୀଠରେ ପୂଜାର୍ଚ୍ଚନାରେ କୌଣସି ଅବହେଳା କରି ନଥିଲେ । ପୂର୍ବତନ ରାଜାମାନେ ଦଶହରା ପର୍ବ, ଚଣ୍ଡୀଙ୍କ ପୂଜା, ଯାଗ, ଯଜ୍ଞ, ହୋମ ଇତ୍ୟାଦି କାର୍ଯ୍ୟ ସୁଚାରୁ ରୂପେ ସଂପାଦନା କରୁଥିଲେ । ପ୍ରତିବର୍ଷ ମା' ଶିଖର ଚଣ୍ଡୀଙ୍କ ନିକଟରେ ରଜ ସମୟରେ ଏକ ମେଳାର ଆୟୋଜନ କରାଯାଏ । ନିକଟସ୍ଥ ପୁରାତନ ଗ୍ରାମ ପଟିଆ, ଡମଣା, କଳାରାହଙ୍ଗ, ରଘୁନାଥପୁର, ପଥରଗାଡିଆ ଓ ଭୁବନେଶ୍ୱର ଅଧିବାସୀମାନେ ରଜ ସମୟରେ ଆୟୋଜିତ ମେଳାରେ ଯୋଗଦାନ କରନ୍ତି । ମା'ଙ୍କ ନିକଟରେ ମାନସିକ କଲେ ତାହା ପୁରଣ ହେବାର ଅନେକ ଦୃଷ୍ଟାନ୍ତ ରହିଛି । ୧୯୭୨ ମସିହା ଏପ୍ରିଲ୍ ମାସ ୧୬ ତାରିଖ ଠାରୁ ପଟିଆ ଦଳ ବେହେରା ବଂଶର ଯୁବକ ଗୋବିନ୍ଦ ଚରଣ ମହାନ୍ତିଙ୍କ ଶରୀରରେ ଦେବୀ ଆବିର୍ଭୂତା ହେଲେ ଓ ସେ ମା' ଶିଖର ଚଣ୍ଡୀଙ୍କର ଆଶୀର୍ବାଦ ଲାଭ କଲେ । ଶ୍ରଦ୍ଧାଳୁ ଭକ୍ତ ମାନଙ୍କୁ ମା' ଶିଖରଚଣ୍ଡୀଙ୍କ ଆଜ୍ଞାରେ ହୁକୁମ ପ୍ରଦାନ କରୁଥିଲେ । ଭକ୍ତମାନଙ୍କର ମନ ବାଞ୍ଛା ପୂର୍ଣ୍ଣ ହେଉ ଥିବାର ଲୋକମୁଖରେ ଶୁଣାଯାଏ । ଭକ୍ତମାନେ ଦାନ କରୁଥିବା ଅର୍ଥରେ ମା'ଙ୍କ ମନ୍ଦିର ନୂତନ ଭାବେ ନିର୍ମିତ ହୋଇଥିଲା । ମନ୍ଦିର କାର୍ଯ୍ୟର ତତ୍ତ୍ୱାବଧାରକ ଭାବରେ ଅଲେଖ ଚନ୍ଦ୍ର ରାୟ ସାମନ୍ତ କାର୍ଯ୍ୟ କରିଆସୁଥିଲେ । ସେ ଚଣ୍ଡୀ ମହିମାର ଲେଖକ ଓ ତତ୍‌କାଳୀନ ସମୟରେ ମନ୍ଦିର ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ୧୯୭୨ ମସିହା ଅଗଷ୍ଟ ମାସ ୬ ତାରିଖରେ ମନ୍ଦିର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଥିଲା । ଦାରୁଠେଙ୍ଗ ନିବାସୀ ଜନୈକ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ମନ୍ଦିର ସମ୍ମୁଖରେ ଏକ କ୍ଷୁଦ୍ର ଚଉତରା ନିର୍ମାଣ କରାଯାଇଥିଲା । ୧୯୭୪ ମସିହା ସମୟରେ ଶିଖର ଚଣ୍ଡୀଙ୍କ ପୀଠ ନିଘଞ୍ଚ ଅରଣ୍ୟ ମଧ୍ୟରେ ଅବସ୍ଥିତ ଥିଲା । ନିକଟରେ କୌଣସି ଜନବସତି ନଥିଲା । କିନ୍ତୁ ଏହା ବର୍ତ୍ତମାନ ଭୁବନେଶ୍ୱର ମହାନଗର ନିଗମ ମଧ୍ୟରେ ଅନ୍ତର୍ଭୁକ୍ତ । ପ୍ରାକୃତିକ ସୌନ୍ଦର୍ଯ୍ୟର ମନୋରମ ପରିବେଶ ମଧ୍ୟରେ ଦେବୀ ଶିଖର ଚଣ୍ଡୀଙ୍କ ଆସ୍ଥାନ ଅବସ୍ଥିତ । ଲୋକ କଥାରେ ବିଶ୍ୱାସ ଅଛି ପଞ୍ଚୁପାଣ୍ଡବ ଗୁପ୍ତରେ ଦେବୀ ଶିଖର ଚଣ୍ଡୀଙ୍କୁ ଆରାଧନା କରୁଥିଲେ । ଭୁବନେଶ୍ୱର ନନ୍ଦନ କାନନ ରାସ୍ତାରେ ପଟିଆ ଛକରୁ ପଶ୍ଚିମକୁ କିଟ୍ ବିଶ୍ୱବିଦ୍ୟାଳୟ ପରିସର ମଧ୍ୟ ଦେଇ ୪ କି.ମି. ଅତିକ୍ରମ କଲାପରେ ପ୍ରାଚୀନ ଶକ୍ତି ପୀଠ ଶିଖର ଚଣ୍ଡୀ ପଡେ । ମନ୍ଦିର ପରିଚାଳନା କମିଟି ମାଧ୍ୟମରେ ପ୍ରତିବର୍ଷ ରଜ ସଂକ୍ରାନ୍ତିରେ ହୋମ ଯଜ୍ଞ ଇତ୍ୟାଦି ଶାକ୍ତ ନୀତି ଅନୁଯାୟୀ ଆୟୋଜିତ ହୁଏ । ଓଡ଼ିଶାର କୋଣ ଅନୁକୋଣରୁ ଶ୍ରଦ୍ଧାଳୁ ଭକ୍ତମାନେ ଶିଖର ଚଣ୍ଡୀ ପାହାଡ଼ରେ ମା'ଙ୍କୁ ଦର୍ଶନ କରିବା ପାଇଁ ଆସିଥାନ୍ତି । ମା'ଙ୍କ ପୀଠରେ ବିବାହ, ବ୍ରତ ଓ ଅନ୍ୟାନ୍ୟ ଧାର୍ମିକ ଉତ୍ସବ ଆୟୋଜନ କରାଯାଏ । ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ଓ ବଣଭୋଜି ପାଇଁ ପ୍ରତିଦିନ ଅନେକ ଶ୍ରଦ୍ଧାଳୁମାନେ ମା'ଙ୍କ ପୀଠକୁ ଆଗମନ କରିଥାନ୍ତି । ପ୍ରତିଦିନ ଅନେକ ପ୍ରକୃତି ପ୍ରେମୀ, ଛାତ୍ର, ବୁଦ୍ଧିଜୀବି, ଗବେଷକ ଓ ଭକ୍ତ ଇତ୍ୟାଦି ଶିଖର ଚଣ୍ଡୀ ମନ୍ଦିରକୁ ଆସି ମା'ଙ୍କୁ ଦର୍ଶନ କରନ୍ତି । ପୂଜକ ଲିଙ୍ଗରାଜ ଦାଶ, ତାଙ୍କ ପୁତ୍ର ଓ ନାତି ନବ କୁମାର ଦାଶ ଏହିପରି ବଂଶାନୁକ୍ରମେ ମା'ଙ୍କୁ ପୂଜାର୍ଚ୍ଚନା କରିଆସୁଛନ୍ତି । ଛୋଟ ବଡ ସବୁଜ ବୃକ୍ଷଲତାରେ ସମଗ୍ର ପାହାଡ ପରିପୂର୍ଣ୍ଣ । ମା'ଙ୍କ ମନ୍ଦିର ପଶ୍ଚାତ ଦିଗରେ ତାରିଣୀ ମନ୍ଦିର ଓ ଦକ୍ଷିଣ ପାର୍ଶ୍ୱରେ ଗଣେଶ ମନ୍ଦିର ଅବସ୍ଥିତ । ଏଠାରେ ଥିବା ବଡ ବଡ ଚିକ୍କଣ ପଥରରେ ଭୋଜିଭାତ କରାଯାଏ । ଏଠାରେ ଅତି ନିକଟରେ ମୟୂର ଓ ମାଙ୍କଡମାନଙ୍କୁ ଦେଖିବାକୁ ମିଳେ । ଅଳ୍ପ ସନ୍ଧ୍ୟାରେ ମୟୁରମାନେ ରାସ୍ତାରେ ବୁଲୁଥିବାର ଦେଖାଯାଏ । ପର୍ଯ୍ୟଟକ ମାନଙ୍କର ଭୋଜିର ସୁବିଧା ପାଇଁ ମନ୍ଦିର ପରିଚାଳନା କମିଟି ୪୦ଟି ବର୍ଣ୍ଣର ବ୍ୟବସ୍ଥା କରିଛନ୍ତି । ଭୋଜି ପାଇଁ ପାଣିର ବ୍ୟବସ୍ଥା ମଧ୍ୟ କରାଯାଇଛି । ଭୋଜିର ସରଞ୍ଜାମ ସୁଲଭ ମୂଲ୍ୟରେ ଭଡାରେ ପର୍ଯ୍ୟଟକମାନଙ୍କୁ ଯୋଗାଇ ଦିଆଯାଇଥାଏ ।

**ଇତିହାସ ବିଭାଗ**

**ସନାତନ ହରିଚ଼ନ୍ଦନ ମହାବିଦ୍ୟାଳୟ**

# ଶକୀଲାର ମାଆ

ମୂଳରଚନା - ଅମୃତଲାଲ ନାଗର
ଭାଷାନ୍ତର - ଗୋଲାପ ନନ୍ଦ

କଦଳୀ ଓ ପିଜୁଳି ଗଛରେ ଘେରା ମାଟି ଅଗଣା । ନବାବୀ ଯୁଗର ସୃତିରେ ଶୋକ ଗୀତ ପଢୁଥିବା ତିନି ଚାରୋଟି କଠୋରୀ । ଗୋଟିଏ ରେ ଜମିଲନ, ଆଉ ଗୋଟିଏରେ ଜମଲୀୟା ଏବଂ ଅନ୍ୟ ଏକ କଠୋରୀ ରେ ଶକୀଲା, ଶହଜାଦୀ ଏବଂ ମୁହମ୍ମଦୀ । ତାହା ଥିଲା ସେଇ ବେସାହାରା ମାନଙ୍କର ଧର୍ମଶାଳା ।

ଦିନେ ଜମୀଲନ ର ଝିଅ ଶକୀଲା ଦୁଇ ଘଣ୍ଟା ଭିତରେ ମାଉସୀ ଘରୁ ଆସୁଛି କହି କାହା ସହିତ କେଉଁ ଆଡେ ଚାଲି ଗଲା । ଏଇ କଥାକୁ ନେଇ ଘରେ ଯେଉଁ ଚିକ୍ ଚିକ୍ ଆଉ ତାମସା ଚାଲିଲା ତାକୁ ଦେଖି ଲୋକେ ଖୁବ ମଜା ନେଲେ । ସାରା ଦିନ ବଜାରର ରସିକିଆ ଦୋକାନୀ ମାନଙ୍କ ତୁଣ୍ଡରେ କେବଳ ଶକୀଲା ର ହିଁ ଚର୍ଚ୍ଚା ଥିଲା । କିନ୍ତୁ ତୃତୀୟ ଦିନ ହିଁ ଆଶ୍ଚର୍ଯ୍ୟାନ୍ୱୀତ ଭାବରେ ସେ ଫେରି ଆସିଥିଲା । ଲୋକେ ଦେଖିଲେ କାନରେ ନାଲି ସବୁଜ ପଥର ଜଡା ସୁନାର ଝୁମୁକା, ଦେହରେ ବେତ ରଂଗର ଚୁନରୀ, ସୁନା ଜରି ଦିଆ ରେଶମୀ କୁର୍ତ୍ତା ଏବଂ ଲେହଙ୍ଗା ।

ଘରର ଚଉକାଠରେ ପାଦ ରଖୁ ରଖୁ ମୁହମ୍ମଦୀ ଟିକିଏ ହସି ଓ ତାର ଥୋଡିକୁ ଆଙ୍ଗୁଠିରେ ଟିକିଏ ଚିପି ପଚାରିଲା "ଆହାରେ ମୋ ଛମକଛଲ୍ଲୁ, ଦୁଇ ଦିନ ହେଲା କୋଉଠି ଥିଲୁ ?"

ଶକୀଲା କେବଳ ହସିଦେଇ ଆଗକୁ ବଢିଗଲା । ଝଛନ ମିୟାଁ ଙ୍କ ଦାଢିରେ କେତେ ବାଳ ଅଛି, ଅବା ତାଙ୍କର ପ୍ରଦର୍ଶୀତ ପେଟର ଓଜନ କେତେ ଏହା ଆପଣଙ୍କୁ କେବଳ ଶହଜାଦୀ ହିଁ କହିପାରିବ । ହଁ ତାଙ୍କର ଚଉଡା ଛାତି ଯେ ଏବେ ବି ୫୦-୫୫ ହେବ ଏ କଥା ସହଜରେ ଜାଣି ହୁଏ ଖଟିଆରେ ବସି ବିଛଣା ଚଲଉ ଚଲଉ ଝଜନ ମିୟାଁ ଶକୀଲାକୁ ଦେଖି ଦେଲେ । କଳା ଧଳା ନିଶ ଦାଢି ରେ ତାଙ୍କର ଏକ ବିଜୁଳିର ଚମକ ଖେଳିଗଲା । କହି ଉଠିଲେ, "ଆଏ ହାଏ, ଏ ରୂପ, ଅଙ୍ଗଭଙ୍ଗି ! କୁଆଡେ ଚାଲି ଯାଇଥିଲା ତୁମେ ?"

"କାନପୁର", ଚୁନରୀରେ ମୁହଁ କୁ ଲୁଚେଇ କଣେଇ ଚାହିଁ କହିଲା ଶକୀଲା ।

ଶହଜାଦୀ କୋଠରୀ ରୁ ବାହାରି ଆସି ଦେଖିଲା, ଶକୀଲା । ମୁହଁ ଫେରାଇ ହାତ ହଲେଇ କହିଲା, "ଉଁ... ହୁଁ.. । ଏବେ କଣ ଆଉ ବେଗମ ସାହିବାଙ୍କ ପାଦ ଭୁଇଁରେ ପଡିବ ? ହଉ, ଲୋକେ ଖୁସିରେ ରୁହନ୍ତୁ, ଭଲ । କିନ୍ତୁ ମୁଁ କହି ଦେଉଛି ଏ ସବୁ ମୋ ଘରେ ଚଳିବନି ।"

ଶକୀଲା ଉପରେ ଯେମିତି ଚଡକ ପଡିଗଲା । ପଥର ମୂର୍ତ୍ତି ସଦୃଶ ସେଇଠି ଠିଆ ହୋଇ ରହିଗଲା ।

ଶହଜାଦୀର ପ୍ରତ୍ୟେକ ଅଙ୍ଗ ସେହି ସମୟରେ ଫଡ ଫଡ ହୋଇ ଏକ ଅଜବ ଦୃଶ୍ୟ ଉପସ୍ଥାପନ କରୁଥିଲା । ହାତ କେବେ ଏପଟକୁ ତ କେବେ ସେପଟକୁ, ଆଖି କେତେବେଳେ ପୃଥିବୀ କୁ ତ କେତେବେଳେ ଆକାଶକୁ, ଛାତି ଫୁଲି ଯାଇଥାଏ । ଚାଳିଶି ଉପରକୁ । ଘର ର ଚାରି କାନ୍ଥ ଭିତରେ ଦୁପଟା ପକେଇ ବାର ଆବଶ୍ୟକତା ନଥିଲା । ତା ଛଡା ଝଛନ ମିୟାଁଙ୍କୁ ଆକୃଷ୍ଟ ବି ତ କରିବାର ଥିଲା ନା ।

ନିଜ କଠୋରୀ ସାମ୍ନା ଅଗଣାରେ ଖଟିଆ ଉପରେ ବସି ଜମୀଲନ ରୋଟି ଖାଉଥିଲା । ଶହଜାଦୀ ର ବଖାଣ ଶୁଣି ତାକୁ ଶକୀଲା ଆସିବାର ସୂଚନା ମିଳି ଯାଇଥିଲା ।

ତଥାପି ସେଇଠୁ ନ ଉଠି ଚୁପଚାପ ସେ ସବୁ ଶୁଣୁଥିଲା ।

ଶହଜାଦୀ ଅନର୍ଗଳ କହି ଯାଉଥାଏ । "ପୋଡାମୁହିଁର ମିଜାଜ ତ ଦେଖ । ଉଁ.... ହୁଁ... ଏତେ ଫୁଟାଣି । ଯେମିତି ହଜାର ଦୁଇ ହଜାର କମେଇ କି ଆଣିଛି । ଆଲ୍ଲା ଯଦି ଅତି ସୁନ୍ଦର ରୂପ ଦେଇଥାନ୍ତେ ତା ହେଲେ ତ ଆଉ ମାଟିରେ ପାଦ ପଡି ନଥାନ୍ତା । ଆହାରେ ରଙ୍ଗ !" ଗାଲରେ ଆଙ୍ଗୁଳି ରଖି ଆଖି ବଡ ବଡ କରି ସେ ମୁହଁ ମୋଡିନେଲା ।

ସହନଶୀଳତାର ବି ଏକ ସୀମା ଥାଏ ।ଏ କଥା ସତ ଯେ ଶକୀଲା ଘର ଛାଡି ଯିବା ପରେ ଜମୀଲନ ପରବରଦିଗାରଙ୍କୁ ତାର ମୃତ୍ୟୁ ମାଗିଥିଲା, କିନ୍ତୁ ନିଜ ଆଖି ସାମ୍ନାରେ ନିଜ ଝିଅ ବିଷୟରେ ଏତେ କଟୁ କଥା ଶୁଣିବା ପାଇଁ ସେ ପ୍ରସ୍ତୁତ ନଥିଲା । ତା ମୁହଁରେ ଥିବା ସେଇ ରୁଟି ଖଣ୍ଡିକ ଯାହା ଅନେକ ସମୟ ଧରି ତା ଦାନ୍ତର ଅତ୍ୟାଚାର ସହୁଥିଲା ଅଧା ଢାଳେ ପାଣି ସହିତ ପେଟରେ ପହଞ୍ଚିଗଲା । ଅଗଣା ବାହାରକୁ ଆସି ଜମୀଲନ ଡାକ ଦେଲା, "ସକୀଲା ! ଏଠାକୁ ଆସ୍" ।

କୌଣସି ସ୍ୱପ୍ନ ଦେଖୁ ଦେଖୁ ଯେମିତି ଚମକି ପଡିଲା ଶକୀଲା । ମାଁ ର ଡାକ ଶୁଣି ନିଜକୁ ସମ୍ଭାଳିଲା ଏବଂ ନିଜ କଠୋରୀକୁ ଚାଲିଗଲା ।

ନିଆଁ ଦୁଇପଟେ ବରାବର କୁହୁଳୁ ଥିଲା । ଶହଜାଦୀ ଏବେ ବି ଆହୁରି କିଛି କହିବାକୁ ଚାହୁଁଥିଲା, ଆଉ ଜମୀଲନର ମନ ବି ଭିତରେ ଭିତରେ ଗରଜୁଥିଲା । ନିଜକୁ ନିଜେ ଶୁଣେଇ ଶୁଣେଇ କହିଲା "ସାରା ଜୀବନ ଦୁଇ ଅଣା - ଚାରି ଅଣାରେ ବଞ୍ଚୁଥିବା ଲୋକ କାହାର ଉନ୍ନତି ଦେଖି ସହି ପାରୁ ନାହାଁନ୍ତି । ବାଃ ରେ ଦୁନିଆ ବାଃ ।'

"ଆଲୋ ହେଇ ଦୁନିଆକୁ କଣ ସୋଧୁଛୁ ? ମୋତେ କହୁନୁ କହ । ହିମ୍ମତ ଅଛି ଯଦି ମୋତେ କହ ।" ଶହଜାଦୀ କହିଗଲା । "ମୁଁ କାହିଁକି କାହାକୁ ସୋଧିବି ବା ! ତୁମକୁ କାହିଁକି ବାଧୁଛି ?"

"ହଁ... ବାଧିବନି ? ଶୁଣେଇ ଶୁଣେଇ କହିଗଲୁ, ଆଉ ପଚାରୁଛୁ କାହିଁକି ବାଧୁଛି ?"

"ଆଉ ମୋ ଆଖି ସାମ୍ନାରେ ମୋ ଝିଅକୁ ଏତେ ସମୟ ଧରି ସୋଧୁଥିଲ, ସେଇଟା କଣ କିଛି ନୁହଁ ? ସାରା ଦିନ ଭଉଣୀ ଭଉଣୀ କହୁଛ, ସିଏ ମାଉସୀ ମାଉସୀ ରଟୁଛି, ଆଉ ମାଉସୀ ଯେତେବେଳେ ଦେଖ ଗାଳି କରୁଛି । ମୁହଁ ପୋଡୁ ସେ ମାଉସୀର । ଆସିଲେ ମାଉସୀ..... "

ଜମୀଲନର କଥା ଏବେ ନସରୁଣୁ ଶହଜାଦୀ ଝାମ୍ପି ପଡିଲା ତା ଆଗକୁ, "ନେ ପୋଡି ଦେ ମୋ ମୁହଁକୁ ପୋଡି ଦେ ପୋଡାମୁହିଁ, ବଦଜାତ, ରାଣ୍ଡି ।"

"ଆଉ ତୁମେ କଣ ? ଅନ୍ୟକୁ ତ ରାଣ୍ଡି ବଦଜାତ କହି ଦଉଛ, ଆଉ ନିଜେ ବହୁତ ଭଲ ନା ? ସେ ଦିନ କଥା ଭୁଲିଗଲ କି ମହାରାଣୀ, ଯେବେ କମ୍ପାନୀ ବଗିଚାରେ ନିଜ ପ୍ରେମିକ ସହ ଧରା ପଡିଥିଲା ? ତିନି ଦିନ ଜେଲରେ କାଟି କି ଆସିଥିଲ । ଭୁଲିଗଲ କେମିତି ମାମୁଲି ସିପାହୀ ମାନେ ଭିକାରୀ ବନେଇ ଦେଇଥିଲେ । ନା ଏବେ ତ ସବୁ ଭୁଲି ଯାଇଥିବ । ନିଜ କଥା କେମିତି କହିବ ?"

"ହଁ ହଁ ମୋର ତ ମାମୁଲି ସିପାହୀ ଥିଲେ, ନିଜର ତ ଯେମିତି ସବୁ ଲାଟସାହେବ ଥିଲେ !"

"ଆଉ ନୁହେଁ ତ କଣ ? ମୋର ଗୋଟିଏ ଇସାରା ରେ ତୋତେ ମୁକୁଳେଇ ଆଣିଥିଲେ । ନ ହେଲେ ମରି ଯାଇଥାନ୍ତ ସାରା ଜୀବନ ଜେଲରେ ଚକି ପେସି ପେସି ।"

"ଆ ହା ଲୋ ... ! କଣ ଏମିତି ଭୁଲ କରି ପକେଇଥିଲି ଯେ ସାରା ଜୀବନ ଜେଲରେ ଚକି ପେସି ଥାନ୍ତି ? ଆସିଲା ବଡ ମୁକୁଳେଇଲାବାଲି । କୁତ୍ତି ।"

ଜମୀଲନର ଦେହ ସାରା ଯେମିତି ନିଆଁ ଲାଗିଲା । ଡେଇଁ ପଡି ଧରିନେଲା ଶହଜାଦୀର ବେକକୁ । ସମସ୍ତେ ବଞ୍ଚେଇବା ପାଇଁ ଦୌଡି ଆସିଲେ । ଜମୀଲନ ତାକୁ ଛାଡି ଦେଇ ଚାଲିଗଲା ନିଜ ଅଗଣାକୁ ।

ଦୁଇ ହାତ ଉପରକୁ ଉଠେଇ ଉଠେଇ ଚିଲେଇ

ଚିଲେଇ ଶହଜାଦୀ କହିବାକୁ ଲାଗିଲା, "ଆଲ୍ଲା କରନ୍ତୁ ଅଧ ରାତିରେ ଯାର ଲାସ ମିଳୁ । ଆଲ୍ଲା କରନ୍ତୁ ଯାର ଦେହ ସାରା ପୋକ ଲାଗିଯାଉ । ଆଲ୍ଲା କରନ୍ତୁ......"

ଆଉ ନିଜ ଅସମର୍ଥତାକୁ ହରେଇବାର ଅନ୍ତିମ ପ୍ରୟାସରେ ସେ ହଜିଗଲା । ଝଛନ ମିୟାଁ ଖଟିଆରେ ବସାଇ ତାକୁ ବିଞ୍ଚିବାକୁ ଲାଗିଲେ ।

ଜମୀଲନ ଖାଇବାକୁ ବସିଲା, କିନ୍ତୁ ଠିକ୍ ସେ ଖାଇ ପାରିଲା ନାହିଁ । ଥାଳି କୁ ଗୋଟିଏ କୋଣରେ ରଖି ଢାଳରେ ହାତ ଧୋଉ ଧୋଉ ଡାକିଲା "ସକୀଲା" ।

ଶକୀଲା ନିଜ କଠୋରୀ ରୁ ବାହାରି ଚୁପଚାପ ଆସି ତା ପାଖରେ ଛିଡା ହେଲା । ପାନ ଡବା କୁ ନିଜ ପାଖକୁ ଟାଣି ଆଣି ଡବା ଖୋଲୁ ଖୋଲୁ ପଚାରିଲା "କୁଆଡେ ଯାଇଥିଲୁ ?"

"କାନପୁର", କବାଟରେ ଡେରି ହୋଇ ପରଦା ହଲେଇ ହଲେଇ ଉତ୍ତର ଦେଲା ।

"କାହା ସାଥିରେ ଯାଇଥିଲୁ ?"

"ମୁନ୍ନା ସାଥିରେ ।"

"କଉ ମୁନ୍ନା ?"

"ରାମଲାଲ ର ପୁଆ ।"

"ରାମଲାଲ କିଏ ? ମିଠାଇବାଲା ?"

ଏଥର ମାର ଆଖିରେ ଆଖି ମିଶେଇ ଶକୀଲା ଉତ୍ତର ଦେଲା, ସେ ନୁହେଁ । ଆରେ ସେଇ ବଣିଆ ମ ହାଟ ଛକରୁ ।

ଆଖି ଚମକେଇ ଜମୀଲନ କହିଲା ହୁଁ ... । ଆଉ ପାନ ଉପରେ ଚୁନ ଲଗାଇବାରେ ଲାଗିଲା । ଶକୀଲା ଚୁପଚାପ ବସିଥିଲା । ପାନ ଖିଲ କୁ ପାଟିରେ ପୁରେଇ କାନି ରେ ହାତ ପୋଛୁ ପୋଛୁ ଜମୀଲନ ପଚାରିଲା "ମିଳିଲା କି ?"

ଶକୀଲା ଅଣ୍ଟାରୁ ରେଶମୀ ବଟୁଆ କାଢି ଦୁଇଟି ଦଶ ଟଙ୍କିଆ ନୋଟ ମାଁର ହାତରେ ଗୁଞ୍ଜି ଦେଲା ।

ମୁଠାରେ ନୋଟ କୁ ଦବେଇ କୋମଳ ସ୍ୱରରେ ଜମୀଲନ କହିଲା "ତା ହେଲେ କହିକି ଯାଇ ନଥିଲୁ କାହିଁକି ?"

ଶକୀଲା ମୁହଁ ପୋତି ଚୁପଚାପ ସେମିତି ବସିଥାଏ ।

କିଛି ସମୟ ପରେ ଜମୀଲନ ସ୍ନେହ ପୂର୍ବକ କହିଲା ଆଛା ଯା, ଲୁଗା ବଦଳେଇ ଦେ । ମୁଁ ବଜାରରୁ ପୁରୀ ମଗେଇ ଦେଉଛି । ଜମୀଲନ ଉଠି ଆସି ଗଳି ମୁହଁରେ ଠିଆ ହୋଇଗଲା । ପୁରୀ ମଗେଇବା ପାଇଁ ସେ କୌଣସି ପରିଚିତ ବ୍ୟକ୍ତି କୁ ଖୋଜୁଥିଲା । ସଂଯୋଗବଶତଃ କିଛି ସମୟରେ ମିୟାଁ ବୁଲ୍ଲାକି ପଚାରିଲେ" କାହାକୁ ଅପେକ୍ଷା କରିଛ ?" "ତୁମକୁ ହିଁ । " ଜମୀଲନ ଟିକିଏ ହସି ଉତ୍ତର ଦେଲା । "ଓଃ ହୋ.... । ଏତେ ମିଛ ନ କହିଲେ କଣ ହେବନି ?" 'ନିଜ ଜୀବନ ରାଣ, ମିଛ କହୁନି । ଭାବୁଥିଲି କେହି ମିଳି ଯାଇଥିଲେ, ବଜାରରୁ ପୁରୀ ମଗାଇଥାନ୍ତି । ସକୀଲା ଭୋକରେ ବସିଛି । ତମେ ଟିକିଏ ଝଅଟ ନେଇ ଆସନ୍ତନି ।"

ଏକୁଟିଆ ଗଳିରେ ଠିଆ ହୋଇ ନିଶରେ ହାତ ବୁଲେଇ ତୃଷିତ ନେତ୍ରରେ ସେ ଥରେ ଜମୀଲନକୁ ଦେଖିଲା ।

ଆଉ ତା କାନ୍ଧରେ ହାତ ରଖି କହିଲା "କୁହ କଣ ଦରକାର ? ଆଣିଦେବି ।

ଜମୀଲନ ଆଠଣାରେ ତାଲିକା ବଢାଇ ଦେଲା । ବୁଲ୍ଲାକି ମିୟାଁ ଚାଲିଯାଉଥିଲେ । ଜମୀଲନ ଡାକି କହିଲା 'ଆରେ ପଇସା ତ ନେଇକି ଯାଆ ।"

ପଛକୁ ମୁହଁ ବୁଲେଇ ମିୟାଁ ବୁଲ୍ଲାକି କହିଲେ "ରଖିଥାଅ ପରେ କାମ ଦବ ।"

ସେଦି ଦିନ ସନ୍ଧ୍ୟାରେ ଜମୀଲନ ଶକୀଲାକୁ ମାରି ମାରି ଅଧମରା କରିଦେଲା । ମୁହମ୍ମଦୀ ବଡ କଷ୍ଟରେ ତାକୁ ବଞ୍ଚେଇଲା । ଝଛନ ମିୟାଁ ଅଶ୍ରୁଭରା ନୟନରେ ତାକୁ ଦେଖୁଥିଲେ । ଶକୀଲା କାନ୍ଦୁଥିଲା । ଜମୀଲନ ଧଇଁସଇଁ ହୋଇ କହୁଥାଏ, "ଯାଉନୁ ଯା; ଆଉ ଯିବୁ ?"

ମୁହମ୍ମଦୀ ନିଜର ପୁରା ଜୋର ଲଗେଇ ଜମୀଲନକୁ ପଛକୁ ଠେଲି କହିଲା, "ଆରେ ଥାଉ ଥାଉ, ବହୁତ ହୋଇଗଲା । ଛାଡି ଦିଅ ତାକୁ । ଏବେ ଆଉ ମାରନି । ଦୂରରୁ ହିଁ ଶହଜାଦୀ ଆଖି ହାତ ନଚେଇ ଧୀରେ ସେ କହିଲା "ବାପା ରେ ବାପ ! ଓଃ ହୋ କି ରାଗ ମ ।" କହି ନଜି ଗାଲରେ ଧୀରେ ସେ ଚାପୁଡା ମାରିନେଲା ।

ଶକୀଲା ର ଅପରାଧ ଦଣ୍ଡ ଅନୁସାରେ ବହୁତ କମ ଥିଲା । କଥା ଏଇଆ ଥିଲା ଯେ ଶକୀଲା ସନ୍ଧ୍ୟା ବେଳେ ଶହଜାଦୀ ପାଖକୁ ଯାଇ ବଡ ସ୍ନେହରେ କହିଥିଲା "ମାଉସୀ ଆଜି ପାନ ଖୁଆଇବନି କି ?"

ନୀତି ଦିନିଆ କଳି ଝଗଡା ଆଉ ମିଳାମିଶା ପରି ଆଜି ବି ସନ୍ଧି ହୋଇ ଯାଇଛି ବୋଲି ଭାବି ନେଇଥିଲା ଶକୀଲା । କିନ୍ତୁ ଶହଜାଦୀ ସେଦିନ ବହୁତ ଚିଡି ଯାଇଥିଲା । ତେଣୁ ସେ ଶକୀଲା କୁ ଆହୁରି କେତେ କଥା କହିଗଲା ।

ଜମୀଲନର ଚେହେରା କ୍ରୋଧରେ ଲାଲ ହୋଇଗଲା । ଯାଥାଶୀଘ୍ର ଆସି ଶକୀଲା କୁ ଘୋଷାରି ନେଇଗଲା ନିଜ କୋଠରୀକୁ ।" ନେ ଆଉ ଯିବୁ ନେ... ନେ ।"

ଧମ, ଧାମ, ଧମ - ଧମ । ଆଉ ଶକୀଲା ବହୁତ ମାଡ ଖାଇଲା ।

ମୁହମ୍ମଦୀ ଆସି ବଞ୍ଚେଇବାରୁ ଶକୀଲା କାନ୍ଦି କିନ୍ଦି ନିଜ କଠୋରୀକୁ ଚାଲିଗଲା ଓ ଜମୀଲନ ଧଇଁସଇଁ ହୋଇ ଖଟିଆ ଉପରେ ଯାଇ ବସିଲା ।

ରାତି ଆଠାଟାରେ କିଏ କବାଟ ପିଟିଲା । ଜମଲୀନ ଖଟିଆରୁ ଉଠି ଚପଲକୁ ଚଟର ପଟର କରି ଯାଇ କୁଣ୍ଡି ଖୋଲି ଦେଖିଲା ମୁନ୍ନା ।

"ଆସନ୍ତୁ, ଆସନ୍ତୁ ।" ହସିବାର ନିଷ୍ଫଳ ପ୍ରୟାସ କରି ଜମୀଲନ ତାର ସ୍ୱାଗତ କଲା । ଟିକିଏ କଥାରୁ ସେ ଶକୀଲା କୁ କେତେ ଯେ ପିଟିଲା ଏହି କଥା ତାକୁ ଘାଣ୍ଟୁଥିଲା ।

ମୁନ୍ନା ପଚାରିଲା "ଶକୀଲା କାଇଁ ?"

"ଏବେ ଡାକୁଛି । ଆପଣ ଉପରେ ଯାଇ ବସନ୍ତୁ ।"

ଛାତ ଉପରେ ଏକ ଛୋଟ କାଠ ବଖରା ଥିଲା । ତାହା ହିଁ ଥିଲା ତା ରୂପ ର ଦୋକାନ । ମୁନ୍ନା କୁ ଉପରେ ବସାଇ ତଳକୁ ଆସି ସେ ଶକୀଲା ର କବାଟ ପିଟିଲା । "ସକୀଲା, ଆଲୋ ସକୀଲା ! ଟିକିଏ କବାଟ ଖୋଲିଲୁ ମା ।" ଶକୀଲା କିଛି ବି ଉତ୍ତର ଦେଉ ନଥିଲା "ଆରେ ମୁନ୍ନା ବାବୁ ଆସିଛନ୍ତି ।"

କବାଟ ତଥାପି ବନ୍ଦ ଥିଲା । ମା ବାରମ୍ବାର ମିନତୀ କରିବାରୁ ବହୁତ ସମୟ ପରେ ସେ କୁଣ୍ଡି ଖୋଲିଲା ।

ସ୍ନେହରେ ତା ମୁଣ୍ଡକୁ ଆଉଁସି ସେ କହିଲା "କାହିଁକି ଯାଇଥିଲୁ ସେ ପୋଡାମୁହିଁ ପାଖକୁ ?"

ଶକୀଲା ତକିଆରେ ମୁହଁ ଲୁଚେଇ ଜୋରେ କାନ୍ଦିବାକୁ ଲାଗିଲା । ଜମୀଲନ ବି କାନ୍ଦି ପକେଇଲା ।" ତେତେ ମୋ ରାଣ । ଏବେ ଆଉ କାନ୍ଦେନି ଝିଅ । ଉଠିଲୁ ମୋ ଧନ । ଉଠ, ଉଠ ।"

କିଛି ସମୟପରେ ନିଜକୁ ସମ୍ଭାଳି ଜମୀଲନ ହାତ ଧରି ଶକୀଲାକୁ ଉଠେଇବାକୁ ଚେଷ୍ଟା କଲା । ନିଜ ଛାତିରେ ତାକୁ ଚାପିଧରି ଜମୀଲନ କାନ୍ଦିବାକୁ ଲାଗିଲା ଓ ଶକୀଲା ବି । ଲୁହ ଆଉ କାନ୍ଦ ଭିତରେ ଜମୀଲନ କହିଲା "ଆଲ୍ଲା କରନ୍ତୁ ମୋର ଏ ହାତ ଛିଡି ଯାଉ । ମୋ ଝିଅ ମୋ ଛୁଆ ।" ସେ ତାର ମଥାକୁ ନିଜ ଛାତିରେ ଜୋରେ ଚାପି ଧରିଥାଏ ।

ମୁହମ୍ମଦୀ କବାଟ ପାଖରେ ଛିଡା ହୋଇ ସବୁ ଦେଖୁଥିଲା । କହିଲା "ପ୍ରଥମେ ତ କେତେ ମାରି ପକେଇଲ ଆଉ ଏବେ ଗେଲ କରିବାରେ ଲାଗିଛ, ବାଃ ମାଉସୀ ବାଃ । ଏମିତି କହୁଛ ଦେଖ ସତରେ ଯେମିତି ଆଲ୍ଲା ତୁମ ହାତ ନ କାଟି ଦିଅନ୍ତି ।"

.... ସକୀଲ ଚାଲ ଉଠ ହାତ ମୁହଁ ଧୋ । ଆଉ ଏତେ ନଖରାମି କରନି ।

ଚାଲ ଚାଲ ଏ ସବୁ ନଖରା ଉପରେ ଯାଇ କରିବୁ । ଆଉ ଦିନଟା ଝୁମୁକା ମିଳିଯିବ । ବଣିଆର ପୁଅ ନା ।"

ମୁହମ୍ମଦୀନୀ ତା ହାତ ଧରି ନିଜ ଆଡକୁ ଟାଣିନେଲା । ସେ ହସୁଥିଲା । ପୁରିଲା ପୁରିଲା ଜଳମଗ୍ନ ନେତ୍ରରେ ତା ଆଡକୁ ଦେଖି ଶକୀଲା ବି ମୁରୁକୁ ହସିଦେଲା ।

ମୁହମ୍ମଦୀ ସାହାଯ୍ୟରେ ହାତ ମୁହଁ ଧୋଇ, ଶାଢୀ ବଦଳେଇ, ପାନ ଖାଇ ଉପରକୁ ଗଲା ।... ଆଉ ଏମିତି ହିଁ ପୁରା ରାତି ବିତିଗଲା । ସକାଳୁ ଉଠି ମୁନ୍ନା ଦେଖିଲା ଶକୀଲା ଶେଜ ଉପରେ ନଥିଲା । ସେ ଜମୀଲନକୁ ପଚାରିଲା । ଶକୀଲା କୁ ଡାକ ଛାଡିଲା, ମୁହମ୍ମଦୀକୁ ପଚାରିଲା, ଝଇନ ଓ ଶାହଜାଦୀ କୁ ବି ପଚାରିଲା । ଶକୀଲା କେଉଁଠି ବି ନଥିଲା । ହଠାତ୍ ଦେଖିଲା ଅଗଣା କବାଟର କୁଣ୍ଡି ଖୋଲାଥିଲା । କବାଟ କେବଳ ଆଉଜା ହୋଇଥିଲା । ଦୁଇ ହାତରେ ମଥା ପିଟି ସେ ବସିଗଲା ।

ଶକୀଲା ସତରେ ଆଉ ଥରେ ପଳେଇଥିଲା । ଦିନେ, ଦୁଇ ଦିନ, ଦଶ ଦିନ, ଏକ ମାସ, ଦେଢ ମାସ.. କିଛି ଖୋଜ ଖବର ନାହିଁ । ଜମୀଲନ କୁ ଲାଗୁଥିଲା ଯେମିତି ଧରିତ୍ରୀ ତା ଶକୀଲାକୁ ଗିଳି ଦେଇଛି । ସେ ପୁଲିସ୍ ପାଖକୁ ବି ଯାଇଥିଲା, କିନ୍ତୁ ହାବିଲଦାର ମାନଙ୍କର ପାଶବିକ ମନୋବୃତ୍ତିର ଛାପ ନିଜ ଗଳା ଏବଂ ଅବନତ ସ୍ତନରେ ଲଗାଇ ଫେରିଲା । କିନ୍ତୁ ଶକୀଲା ଫେରି ନଥିଲା ।

ଯୌବନରେ ରୋଜଗୋର ଯାହାଥିଲା ଗୋଟି ଗୋଟି କରି ସେ ବିକି ଖାଇଲା । ସ୍ୱାଦିଷ୍ଟ ଭୋଜନ କରିବାକୁ ଲାଗିଲା, ଦିନରେ ଚାରି ଚାରି ଥର ଶୃଙ୍ଗାର କରିବା ବି ଆରମ୍ଭ କରିଦେଲା ।

ବେଳେବେଳେ ମୁହମ୍ମଦୀ କୁ ଏକୁଟିଆ ଡଠାକି କୁହେଁ "ଆଏ - ହାଏ, ଆଜି ତ ବହୁତ ସୁନ୍ଦର ଦିଶୁଛି ମୋ ଝିଅ, ଟିକିଏ ମୋର ବେଣୀ କରି ଦିଅନ୍ତୁନି ?"

ସବୁ କଥା ବୁଝି ମୁହମ୍ମଦୀ ଜମୀଲନର ଚୁଟି ବାନ୍ଧୁ ବାନ୍ଧୁ କୁହେ "ତମଠୁ କିନ୍ତୁ କମ ମାଉସୀ । ତୁମେ ତ ଗଜବ । ପୁରା ବଜାର ତମକୁ ଘୁରି ଘୁରି ଦେଖେ, ଯେମିତି କେହି ଅପ୍ସରା ।"

"ଯା ମ ମିଛେଇ । କଥା କହିବା କିଏ ତୋ ଠୁ ଶିଖିବ ।" ମନକୁ ମନ ପ୍ରସନ୍ନ ଓ ଗର୍ବିତ ହୋଇ ଜମୀଲନ ଉତ୍ତର ଦିଏ ।

ଦିନ ଗୁଡିକ ଏମିତି ଚୁପଚାପ କଟି ଯାଉଥାଏ । ଜମଲୀନ ବହୁତ ସଜେଇ ହୋଇ ବଜାର ଯାଉଥିବା ଲୋକଙ୍କୁ ଦେଖୁଥାଏ । ବହୁତ ଲୋକ ତାକୁ ବି ଦେଖନ୍ତି, କିନ୍ତୁ କେହି ତା ପାଖକୁ ଆସନ୍ତି ନାହିଁ ।

ଦିନେ ମୁହମ୍ମଦୀ କେଉଁ ଆଡେ ଚାଲିଗଲା ତିନିଦିନ ପାଇଁ । ଜମୀଲନ ପାଇଁ ସେ ତିନିଦିନ ଥିଲା କାଳରାତ୍ରୀ ।

ଶୂନଶାନ ଗଳିରେ ଠିଆ ହୋଇ ଆଖି ଫାଡି ଫାଡି ଜମୀଲନ ଯେମିତି କିଛି ଖୋଜୁଥାଏ । ହଠାତ୍ ମୁନ୍ନା କୁ ଦେଖିଲା । ଦୌଡି ଆସିଲା ତାକୁ ଡାକିବା ପାଇଁ । ସେ ବି ସେଇଠାକୁ ଆସୁଥିଲା ।

ମୁନ୍ନା ପଚାରିଲା "ଶକୀଲା ଆସିଗଲା ?"

ସକୀଲା କଥା ଛାଡ ମ । ତମୁକୁ ସେଥିରୁ କଣ ମିଳିବ ?" ଏହା କହି ସେ ମୁନ୍ନାର ହାତ ଧରି ନିଜ ଘରକୁ ଟାଣିନେଲା । ଖଟିଆ ଉପରେ ବସାଇ କହିଲା, "ତୁମେ ତ ଆଉ ଆସୁନ ।"

"କଣ କରିବି ? କାହା ପାଇଁ ଆସିବି ?" ମୁନ୍ନା ଜମୀଲନ କୁ ଦେଖାଇବାକୁ ଚାହୁଁଥିଲା ଯେ ଶକୀଲା ପାଇଁ ତା ମନରେ କେତେ ପ୍ରେମ ଥିଲା ଆଉ ଏବେ ବି ବାକି ଅଛି । ତା ହାତକୁ ନିଜ ହାତରେ ଦବାଇ କଣେଇ ଚାହିଁ ସେ କହିଲା "କାହିଁକି ? ମୁଁ କଣ ସୁନ୍ଦର ନୁହେଁ ?"

ଆଉ ତା ପରେ ଦୁଇ ହାତକୁ ମୁଣ୍ଡ ପଛରେ ଥୋଇ ଛାତ କୁ ଚାହିଁ ଚାହିଁ ସେ କିଛି ଗୀତ ଗାଇବାକୁ ଲାଗିଲା ।

ଗାଇ ସାରି ସେ ଥିରେ ମୁନ୍ନା କୁ ଦେଖିଲା ଆଉ ହସିଦେଲା । ତା ପାଖକୁ ଲାଗିଯାଇ ଅଳସ ଭାଙ୍ଗି ସେ ପଚାରିଲା, "ଆଜି କଣ ପାଇଁ ଚୁପ୍ ମୋ ରାଜା ?"

ମୁନ୍ନା ଚମକି ପଡିଲା । ସେ କଣ କହିବ ? କାହିଁକି ସେ ଚୁପ୍ ଅଛି ? କିଛି ସମୟରେ ଜମୀଲନ ପୁଣି ପଚାରିଲା,

"ମୋ ଉପରେ ରାଗିଛ କି ?"

ମୁନ୍ନା ଅଳ୍ପ ହସି ଉତ୍ତର ଦେଲା, 'ନାଇଁ ତ ତୁମ ଉପରେ କିଏ କଣ ରାଗି ପାରିବ ? ଆଚ୍ଛା ଆଜି କ'ଣ ଘରେ କେହି ନାହାନ୍ତି ନା କ'ଣ ?"

ଜମୀଲନ ମୁହଁ ଫୁଲେଇ ଆଖି ନଚେଇ ମୁନ୍ନା କୁ ହାଲକା ଧକା ଦେଇ କହିଲା, "ତୁମକୁ ସେଥିରୁ କଣ ମିଳିବ ? ସେତେବେଳୁ ହଜାର ଥର ପଚାରି ସାରିଲଣି, ଶକୀଲା କାଇଁ, ଅମୁକ କାଇଁ, ସମୁକ କାଇଁ ଦେଖା ଯାଉନି ? କେହି ଜଣେ ତୁମ ପାଇଁ ଜୀବନ ଦେବାକୁ ରାଜି ଅଛି, ଆଉ ତୁମେ ଯେ .... ?

ମୁନ୍ନା ଚୁପଚାପ ବସି ତାକୁ ଦେଖିଥାଏ । ଜମୀଲନ କିଛି ସମୟ ଚୁପ ରହିଲା, ଆଉ କଣେଇ ଚାହିଁ ହସିଦେଲା ।

ସେ ମୁନ୍ନାର ଆହୁରି ପାଖକୁ ଖସି ଆସିଲା, ଖସି ଆସି ଶୋଇଗଲା ତା କୋଳରେ ।

ମୁନ୍ନା ବଡ ଅସୁବିଧାରେ ଫସି ଯାଇଥିଲା । ସେ ଜମୀଲନ ଠୁ ବଞ୍ଚିବାକୁ ଚାହୁଁଥିଲା । କହିଲା, ଆଚ୍ଛା ଏବେ ମୁଁ ଯାଉଛି । ମୋର ଟିକେ କାମ ଅଛି । ପରେ ଆସିବି ।

ମୁନ୍ନା ନିଜକୁ ଅଲଗା କରିବାକୁ ଚେଷ୍ଟା କରୁ କରୁ ଜମୀଲନ ତାକୁ ନିଜ ଆଡକୁ ଆକର୍ଷିତ କରିବାର ପ୍ରଯତ୍ନ କରୁଥିଲେ । ଉତ୍ସାହିତ ହୋଇ ସେ ତା'ର ପ୍ରତି ଅଙ୍ଗଭଙ୍ଗୀ ରେ ସେ ଆପଣେଇ ଥିବା ସମସ୍ତ ବିଧି ଅବଲମ୍ବନ କରି ମୁନ୍ନାକୁ ଆକର୍ଷିତ କରିବାକୁ ଚାହୁଁଥିଲା ।

ମୁନ୍ନା ସତରେ ଡରି ଯାଇଥିଲା । ଶେଷରେ ସେ ଆଉ ସମ୍ଭାଳି ପାରିଲାନି । ନିଜର ପୁରା ଜୋର ଲଗାଇ ଜମୀଲନକୁ ଠେଲିଦେଇ ସେ ଦୌଡିଲା ।

ଜମୀଲନ ଦୂରକୁ ଛିଟିକି ପଡିଲା । ଯେତେ ଚେଷ୍ଟା କଲେ ମଧ ଉଠି ପାରିଲାନି, ସେଇଠି ପଡି ରହିଲା । ଅକର୍ମଣ୍ୟତା ଯେମିତି ତା'ର ଅଙ୍ଗଅଙ୍ଗକୁ ଆଚ୍ଛାଦିତ କରି ଦେଉଥିଲା । ଓଠ ବାରମ୍ବାର କମ୍ପି ଉଠୁଥିଲା । ସତେ ଯେମିତି କହୁଥିଲା, "ଶକୀଲା ଫେରିଆ ମୋ ଝିଅ, ଫେରି ଆ ।"

ଲାଗୁଥିଲା ଯେମିତି ତା'ର ଦୁଇଟି ଯାକ ହାତ କଟି ଯାଇଛି । ମୁହମ୍ମଦୀ ବି ନଥିଲା, ଶକୀଲା ବି ନଥିଲା, ସେ ଭୋକିଲା ଥିଲା ।

*ଦେଉଳବେଡା କଲୋନୀ, ତାଳଚେର*

# ସଂସ୍କାର

- ଲକ୍ଷ୍ମଣ କୁମାର ବେହେରା (ଯତି)

ଆଜି ଏତେ ଭିଡ଼ ଏ ବସ୍‌ରେ, କେମିତି ଚଢ଼ିବି ? ଇଏ ମାଆ ଲୋ... ।

ମୋ ସାମ୍ନାରେ, ବସ୍‌ରେ ଚଢ଼ିବାକୁ ଉଦ୍ୟମ କରୁଥିବା କଲେଜ୍ ପଢୁଆ ଝିଅଟିର କୋମଳ କଣ୍ଠରୁ ଏଇ ଦୁଇ ପଦ ମଧୁର କଥା ଭାସି ଆସିଲା । ମୁଁ ସେ ଝିଅଟିକୁ ଭଲ ଭାବରେ ଜାଣିଥିଲା । ତା' କଥା ଶୁଣି ମୁଁ ହସି ଦେଇ କହିଲି, ହଁ ମାଆ ତୁ ଆଗ ଚଢ଼ ।

ବସ୍‌ରେ ଚଢ଼ିଲି । ଠିକ୍ ୯ଟାରେ । ସେଦିନ ମୁଁ ଔଷଧ କିଣିବା ପାଇଁ ଦେବଗଡ଼ ଯାଉଥାଏ । ବସ୍‌ରେ ଛିଡ଼ା ହୋଇଥାଏ, ମୋ ସହିତ ସେଦିନ ଛିଡ଼ା ହୋଇଥିଲେ ଅନେକ ଲୋକ । କଲେଜ୍ ପାଠ ପଢୁଥିବା ପୁଅ ଆଉ ଝିଅମାନେ ବି ଥିଲେ ସେଇ ବସ୍‌ରେ । ବସ୍ ଭିତରେ ବହୁତ ଭିଡ଼ ଥାଏ । ସେଦିନ ମୁଁ ସେ ବସ୍‌ରେ କାହିଁ ଯେ' ଚଢୁଥିଲି, ବସ୍‌ରୁ ଓହ୍ଲାଇବା ପରେ କେବଳ ସେଇ କଥା ହିଁ ଭାବୁଥାଏ ।

ସେଦିନ ସୋମବାର । ମୋ ଅଞ୍ଚଳର ଅତି ଜଣାଶୁଣା ବଜାର, "ବଳମ ବଜାର" । ସବୁ ଗାଁରୁ ଲୋକେ କିଣା ବିକା କରିବା ପାଇଁ ସେଇ ବସ୍‌ରେ ଚଢ଼ିଥାନ୍ତି । ଅନେକଙ୍କୁ ମୁଁ ଚିହ୍ନି ଥିଲି । ସେଇ ବସ୍‌ରେ ପୁଣି କଲେଜ୍ ପିଲାଙ୍କ ଭିଡ଼ । ମୋ ସହିତ ସେଦିନ ପଞ୍ଚମହଲା ଛକରୁ ତିନି ଜଣ କଲେଜ୍‌ରେ ପଢୁଥିବା ପିଲା ଓ ଜଣେ ଝିଅ ଚଢ଼ିଥିଲେ । ସେମାନେ ମୋତେ ବୋଧହୁଏ ଚିହ୍ନି ନ ଥିଲେ, କିନ୍ତୁ; ମୁଁ ସେମାନଙ୍କୁ ଚିହ୍ନି ଥିଲି । ବସ୍ ଭିତରଟା ଏତେ ଭିଡ଼ ଥିଲା ସେଦିନ ଯେ' ସେକଥା କହିବାକୁ ବି ଲାଜ ଲାଗୁଛି । ତଥାପି କହୁଛି...

ବସ୍ ଭିତରେ ମୋ ଆଗରେ ଆଉ ପଛରେ ଦୁଇଟି କଲେଜ୍ ଝିଅ ଠିଆ ହୋଇଥିଲେ । ମୋ ପଛରେ ଥିବା ଝିଅଟି ମୋତେ ସବୁବେଳେ ଠେଲି ଦେଇ କହୁଥାଏ, ମଉସା ତୁମେ ଟିକେ ଭଲରେ ଛିଡ଼ା ହେଉନ । ଅଣ୍ଟା ଭାଙ୍ଗି ଛିଡ଼ା ହେଇଛ ଯେ' ସିଧା ହେଇ ଛିଡ଼ା ହେଉନ । ତା' କଥା ଶୁଣି ମୋ ଆଖିରେ ଲୁହ ଭରି ଯାଉଥାଏ । କହିଲି ଏ ମା' ମୁଁ ବୁଢ଼ା ଲୋକ । ଭଲରେ କେମିତି ଛିଡ଼ା ହେଇ ପାରିବି । ବସ୍‌ରେ ତ ନିଃଶ୍ୱାସ ପ୍ରଶ୍ୱାସ ନେବା ପାଇଁ କଷ୍ଟ ହେଇ ଯାଉଛି । ପାଦ ରଖିବାକୁ ଜାଗା ନାହିଁ । ଏଇ ସମୟରେ କଣ୍ଡକ୍ଟରର ସ୍ୱର ଶୁଭିଲା, ପଛକୁ ଚାଲ- ପଛକୁ ଚାଲ... ।

ଏତେ ଭିଡ଼ ଭିତରେ, ତଥାପି ମଧ୍ୟ କଣ୍ଡକ୍ଟର ପ୍ରତି ଛକରେ ଲୋକମାନଙ୍କୁ ଚଢ଼ାଉ ଥିଲା । ମୁଁ ମନା କଲି, କାହିଁକି ଚଢ଼ାଉଛ, ବସ୍‌ରେ ତ ଲୋକ ଭର୍ତ୍ତି । ମୋ କଥା ଶୁଣି ସମସ୍ତେ ହସିଦେଲେ । କଣ୍ଡକ୍ଟରର ସପକ୍ଷରେ ସେଦିନ ସମସ୍ତେ ଥିଲେ । ମୋତେ ବହୁତ ଖରାପ ଲାଗୁଥାଏ ।

ମୋ ଆଗରେ ଥିବା ଝିଅଟି ସେଦିନ ଚୁପଚାପ ଛିଡ଼ା ହେଇଥିଲା । ପଦେ ବି ବାଟି ଫିଟେଇ କହୁ ନଥାଏ । ବୋଧେ ମୋତେ ଚିହ୍ନିଥିଲା, ସେଥିପାଇଁ ।

ସବୁବେଳେ କଣ୍ଡକ୍ଟର ଡାକିବାର ଶୁଣୁଥିଲି, ପଛକୁ ଚାଲ, ପଛକୁ ଚାଲ... ହେଲେ ଡ୍ରାଇଭର ଆଗକୁ ଗତି ବଢ଼ାଉ ଥାଏ । ବସ୍‌ର ଦୁଆର ମୁହଁରେ ବହୁତ ଭିଡ଼ ଥିଲା । ହେଲପ୍‌ର ସମସ୍ତ ଭାର ନିଜେ ସମ୍ଭାଳି ଥିଲେ ।

ଦୁଇ ତିନିଟି ଛକ ଡେଇଁଲା ପରେ... ଶୁଣିଲି, ମଉସା ଟିକିଏ ସାଇଡ୍ ଦିଅନ୍ତୁ । ଆମେ ଆଗ ଛକରେ ଓହ୍ଲାଇବୁ । ମୁଁ ତା' ମୁହଁକୁ ଦେଖି ଜାଣିଲି ଏ ତ ରାଧା, ମୋ ଗାଆଁ ଝିଅ । ସମ୍ଭ୍ରାନ୍ତ ଓ ଉଚ୍ଚ ଜାତିର ଝିଅ । ବିବାହ କରିଛି ପାଖ ଗାଁରେ । ମୋତେ ଦେଖି ଝରକା ଆଡ଼େ ଛେପ ମଞ୍ଚାଏ ଥୁ କରି ପକାଇ ଦେଇ କହିଲା ଟିକେ ସାଇଡ୍ ହୁଅ... ଛୁଇଁ ହେବ ! ମୁଁ ବହୁତ କଷ୍ଟରେ ଟିକିଏ ଦୂରକୁ ଘୁଞ୍ଚିଗଲି । ଭାବିଲି ଏ ବସ୍‌ରେ ବି ଛୁଆଁ ଅଛୁଆଁ ଭେଦଭାବ । ମନ କୋହରେ ଭରି ଯାଇଥାଏ ।

ମୋ ଆଗରେ ଛିଡ଼ା ହେଇଥିବା ସେଇ କଲେଜ୍ ଝିଅଟିକୁ ସେ ତା' କାନ ତଳେ ଅନେକ କଥା ତୁନି ତୁନି କହୁଥାଏ, ମୁଁ ଶୁଣୁଥାଏ, କିଛି କହିବି ବୋଲି ଭାବୁଥାଏ । ହେଲେ ଭାବିଲି ଆଗରୁ ତ କଣ୍ଡକ୍ଟରକୁ ପ୍ରତିବାଦ କଲି ମୋ ସପକ୍ଷରେ କେହି ରହିଲେ ନାହିଁ । ଥାଉ, ଏହା ଭାବି କିଛି କହିଲି ନାହିଁ ।

ସେ ତା'ର ଛକକୁ ପହଞ୍ଚିବା ଯାଏ କହୁଥାଏ, ଏ ବୁଢ଼ାଟା ତଫସିଲଭୁକ୍ତ ଜାତିର । ତା'କୁ ଛୁଇଁଲେ ତୁମ ଜାତି ମାରା

ହେଇଯିବ, ଦୂରେଇ କି ରୁହ । ଆମ ଗାଆଁରେ ମୋ ବାପା ଉଚ୍ଚ ସମାଜର ସଭାପତି । ମୋ ବାହାଘରରେ ଏଇ ବୁଢ଼ାର ପରିବାର ଭୋଜିଭାତ ଖାଇବାକୁ ଆସିଥିଲେ ଯେ' ମୋ ବାପା ସେମାନଙ୍କୁ ଟେଣ୍ଟ ତଳେ ଥିବା ଚେୟାରରେ ନ ବସାଇ ଗୁହାଳ ଘରେ ଖାଇବାକୁ ଦେଲେ । ତା' କଥା ଶୁଣି ଝିଅଟି ବସ୍‌ରେ ଭିଡ଼ ଥିଲେ ବି ପୁରା ପଛକୁ ପଳାଇ ଗଲା । ମୋତେ ଜମାରୁ ଭଲ ଲାଗୁ ନଥାଏ ।

ସେଦିନ ମୋ ଗାଆଁର କଲେଜ୍ ପଢୁଆ ଝିଅଟି ସବୁ ଦେଖୁଥାଏ । ମୁଁ ତା'କୁ ଯେତେବେଳେ ଚାହିଁଲି ସେ ବି ମୋତେ ଅନେଇ ଥାଏ ଲୁହ ଭରା ଆଖିରେ । ସେତେବେଳେ ମୋ ଆଖିରୁ ଦୁଇ ଥୋପା ଲୁହ ଥପ୍ ଥପ୍ ଝରି ପଡ଼ିଥିଲା, ମୁଁ ଜାଣି ପାରି ନଥିଲି ।

ବଳମ ଛକ ପହଞ୍ଚିଲା । ବଜାରକୁ ଆସିଥିବା ଲୋକେ ଓହ୍ଲାଇଲେ । ସେଇ ଛକରୁ ମୋର ଅତି ପରିଚିତ ଜଣେ ଯୁବକ ବନ୍ଧୁ ବସ୍‌ରେ ଚଢ଼ିଲେ । ମୁଁ ତା'ଙ୍କୁ ଦେଖି ଭାରି ଖୁସି । ଲିପନ, ଅବିବାହିତ । ଖୁସି ମିଜାଜର ପିଲାଟିଏ । ଭାରି ସରଳ । ବୟସ ତିରିଶ ଛୁଉଁଥିବ । ଗରିବ ହେଲେ ଚଳଣୀ ସମ୍ଭ୍ରାନ୍ତ ଭଳି । ପ୍ରାୟ ତିନି ବର୍ଷ ହେଲାଣି ପୋଷ୍ଟାଲରେ ଚାକିରି, ପୁଣି ସମ୍ବଲପୁର ସହରରେ । ବହୁତ ଦିନ ପରେ ଦେଖିଲି ।

ମୋତେ କଣ୍ଡକ୍ଟର ସିଟ୍ ଟିଏ ଦେଲେ ବସିବା ପାଇଁ । ମୁଁ ଅପେକ୍ଷାରେ ଥାଏ, ଲିପନ୍ ମୋ ପାଖରେ ବସିବେ ବୋଲି । ସେ ମୋତେ ଦେଖି ହଠାତ୍ ଚିହ୍ନି ପକାଇ ଖୁସିରେ କହିଲେ,

- ମଉସା ନମସ୍କାର, କୁଆଡ଼େ ବାହାରିଲେ ।

- ଭଲରେ ଥାଅ । ଦେବଗଡ଼ ଯାଉଛି । ବ୍ଲଡ୍ ପ୍ରେସର୍ ଔଷଧ ସରିଯାଇଛି ତ ଆଣିବାକୁ ଯାଉଛି ।

- ଓଃ !

- ଆସ ବସିବା ।

- ହଁ ହଁ, ଧନ୍ୟବାଦ୍ ମଉସା ।

(ଏକା ସିଟ୍‌ରେ ବସିବା ପରେ)

- ପୁଅ ଝିଅ ଆପଣଙ୍କର ଭଲ ଅଛନ୍ତି, ମଉସା । ଘରେ ମାଉସୀ ଭଲ । ଆଉ ତମେ ବିବାହ କଲଣି ?

- ନାହିଁ ମଉସା । ମୁଁ ଯାହାକୁ ଭଲ ପାଉଥିଲି, ବିବାହ କରିବାକୁ କଥା ଦେଇଥିଲି, ସେ ଆଉ କାହାକୁ ବାହା ହେଇ ଚାଲିଗଲା ।

- ଓଃ । ସେ ତୁମକୁ ପସନ୍ଦ କରୁ ନଥିଲା କି ?

- ନା, ନା । ସେ ମୋତେ ପସନ୍ଦ କରୁଥିଲା । ନ ହେଲେ କେମିତି ମୋ ସହିତ ଗୁଜୁରାଟ, ଦିଲ୍ଲୀ, ଉତ୍ତର ପ୍ରଦେଶ, ଓଡ଼ିଶାର ପୁରୀ, ଭୁବନେଶ୍ୱର, ସମ୍ବଲପୁର, କନ୍ଧମାଳ, କୋରାପୁଟ, ଜଗତସିଂହପୁର, କଟକ ଆଦି ବିଭିନ୍ନ ଜାଗାରେ ମାସ ମାସ ଧରି ରହୁଥିଲା । ମୁଁ କେବେ ଜାଣି ପାରିଲି ନାହିଁ, ସେ ମୋତେ ଭଲ ପାଇବାର ଅଭିନୟ କରୁଥିଲା ବୋଲି । ମୋର ପ୍ରତ୍ୟେକ ଉପହାର ଆଉ ଅର୍ଥ ପଛରେ ସେ ପାଗଳି ଥିଲା । ସେ ଏବେ ଜଣେ ସରକାରୀ ଶିକ୍ଷୟତ୍ରୀ । କହିବା ବେଳେ ଲୁହ, କୋହ ଆଉ କ୍ରୋଧରେ ଯେମିତି ଫାଟି ପଡୁଥିଲା ଲିପନ୍ ।

- ସେ ଝିଅର ଘର କେଉଁଠାରେ କି ଲିପନ୍ ?

- ଏଇ ଦେବଗଡ଼ ଜିଲ୍ଲାରେ ମଉସା ।

- ତା'ର ନାଆଟି କ'ଣ କି ଲିପନ୍ ?

ଲିପନ୍ ସେଦିନ ସେ ଝିଅର ନାମ ରକ୍ମିଣୀ ବୋଲି ଅତି ଖୁସି ମନରେ ମୋ କାନ ତଳେ କହିଲା । ମୁଁ ଶୁଣି ଅଚଳ ହେଇଗଲି । ମୋ ଛାତିରେ ଏକ ଶକ୍ତ ବିଜୁଳି ଧକ୍କା ଦେଲା । ମୋତେ ଲାଗିଲା ଯେମିତି ପଞ୍ଚଭୂତ ସ୍ଥିର ହେଇଗଲେ । ପଦେ ବି କଥା ମୋ ପାଟିରୁ ଆଉ କଥା ବାହାରିଲା ନାହିଁ । ସେ ମୋତେ ଆହୁରି ଅନେକ କଥା ଶୁଣାଉ ଥାଏ । ମୁଁ ଯେମିତି ଜଡ଼ ଭଳି ସବୁ ଶୁଣୁଥାଏ ହେଲେ କିଛି କହି ପାରୁ ନଥାଏ ।

ସେଦିନ ଦେବଗଡ଼ ବସ୍‌ଷ୍ଟାଣ୍ଡରେ ମୁଁ ବସ୍‌ରୁ ଓହ୍ଲାଇଲି । ଆଖିରୁ ଥପ୍ ଥପ୍ ଲୁହ ସବୁ ଝରି ପଡୁଥାଏ । ବର୍ଷାରେ ଲୁହ ସବୁ ମିଶି ଯାଉଥାଏ । ମୋ ଲୁହ କାହାରିକୁ ଦେଖା ଯାଉ ନଥାଏ ।

(ବର୍ଷାରେ ଭିଜି ଭିଜି) ସେଦିନ ମୋ ଝିଅ ମୋତେ ସବୁ ମିଛ କହିଥିଲା ! କାହାକୁ ମୁଁ ଭଲପାଏ ନାହିଁ ବୋଲି ସେ ମୋତେ କାହିଁକି କହିଲା ? ଥରୁଟିଏ ପାଟି ଖୋଲି ତ ମୋତେ ସବୁ କହିପାରି ଥାନ୍ତା !

ସେ ତା' ହେଲେ ଏଇ ଲିପନ୍‌କୁ ଭଲ ପାଉଥିଲା । ମୁଁ ମୋ ଝିଅକୁ କେମିତି ଚିହ୍ନି ପାରିଲି ନାହିଁ । ମୋର ସାମ୍ନାରେ ରକ୍ଷା ପାଇଁ ମୁଁ ଠିକ୍ କରିଥିବା ପ୍ରସ୍ତାବକୁ ସେ ସ୍ୱୀକାର କଲା । ହେ ମାଆ, ମୋତେ ତୁ କ୍ଷମା କରିଦେବୁ । ତୋ ଇଚ୍ଛା, ତୋ ଭଲ ପାଇବାକୁ କେବେ ମୁଁ ବୁଝି ପାରିଲି ନାହିଁ । ଏହା କହି ଶିବରାମ ସେଦିନ କାନ୍ଦିବାକୁ ଲାଗିଲେ । ଆଉ କାନ୍ଦି କାନ୍ଦି କହୁଥିଲେ, ଜୀବନ ବାଟରୁ ମୁଁ ସୁନ୍ଦର ଜ୍ୱାଇଁଟିଏ ହଜାଇ ଦେଲି ।

*ନିର୍ଦ୍ଦେଶକ, ପ୍ରେମ ସମ୍ରାଟ ପ୍ରକାଶନୀ*
*ଦଣ୍ଡାସିଂହା, ଦେବଗଡ*

# ଆଲୋକ ଆଡ଼କୁ...

- ରାଜେଶ ପୂଜାରୀ

ଆଗ ସେ' ଅହରହ ପ୍ରଗଲ୍ଭ ଓ କର୍ମବ୍ୟସ୍ତ ଥିଲେ । ତାହା ଥିଲା ତାଙ୍କ ଜୀବନର ମୂଳପୁଞ୍ଜି । କିନ୍ତୁ ବିଗତ କିଛି ଦିନ ହେବ ଅଫିସ ଆସୁନଥିଲେ । ଚୁପ୍‌ଚାପ୍ ରହୁଥିଲେ । ବନ୍ଦ ଫ୍ଲାଟ୍ ଭିତରେ । ନିଜେ ନିଜେ ସହ ନିର୍ଜନତା ଭିତରେ,ବନ୍ଦ ଆଲୁଅରେ । କି'ଏ ତାଙ୍କ ବାବଦରେ କ'ଣ ଭାବୁଛି ସେ'ସଂପର୍କରେ ତାଙ୍କର ଖିଆଲ୍ ନଥାଏ । ଭିତରେ ଭିତରେ ସେ ଭାଙ୍ଗି ବସୁଥିଲେ । ନିଜେ ନିଜକୁ ସାରି ଆସୁଥିଲେ,ଯେମିତି ସରିଯିବାକୁ ଚାହୁଁଥିଲେ ।

ପହିଲା ପହିଲା ଆମେରିକା ତାଙ୍କୁ ଖୁବ୍ ଭଲ ଲାଗୁଥିଲା ଯଉ ଆମେରିକା କୁ ସେ'ଷଷ୍ଠ ଶ୍ରେଣୀ ଭୂଗୋଳ ବହିରେ ପଢୁଥିଲେ କେମିତି ଥିବ ଭାବିଲା ବେଳକୁ ତାଙ୍କ ଭାବନାର ଆଖି ପହଞ୍ଚୁନଥିଲା । ସେଇ ଆମେରିକାର ଅଧିବାସୀ ସାଜିଥିବା ଭାବନାରେ ଭିଜି ସିହରି ଉଠୁଥିଲେ । ନୂଆଁ ନୂଆଁ ସେଠାକାର ପାଣି, ପବନ,ରହଣି, ବସଣି, ଚାଳିଚଳନ ତାଙ୍କ ମନକୁ ଖୁବ୍ ଭୁରୁଥିଲା । ଗୋଟେ ଦିଇଟା ହ୍ୱାଟ୍‌ସଏପ୍ ଓ ଇମେଲ୍ ଯୋଗାଯୋଗ ବ୍ୟତୀତ ଭାରତ ସହ ତାଙ୍କର ବିଶେଷ ସଂପର୍କ ରହିଲାନି । କେବେ କେମିତି ଓଡ଼ିଶାକୁ ବହୁତ ଘୃଣା କରୁଥିବା ବେଳେ ମନ ବଉଳିଲେ ବିଭୋରି ହୋଇଯାଆନ୍ତି ଗାଁ ମାଟିର ବାସ୍ନାନୁଭୂତିରେ । ତାଙ୍କ ଆଖି ଦୁଇ ଜକେଇ ପଡ଼େ ଅମାନିଆ ଲୁହର ଲଘୁଚାପରେ, ସ୍ୱତଃସ୍ଫୂର୍ତ୍ତ ଭାବରେ ।

ସେ' ଆଗରୁ ସଂପୂର୍ଣ୍ଣ ବଦଳି ଯାଇଥିଲେ । ତାଙ୍କର ଅତିପ୍ରିୟ ଆମିଷ ଓ ମଦ ଛାଡ଼ି ଦେଇଥିଲେ । ସେ' ଏକ ପ୍ରକାର ପ୍ରହାରିତ ହେଉଥିଲେ ସ୍ୱ-ସୃଷ୍ଟ ପ୍ରଶ୍ନତୀରେ । ଭାବୁଥିଲେ, ମତେ ସମସ୍ତେ ମୋ ସଂପତ୍ତି ପାଇଁ ଜାଣନ୍ତି, ଆଗରୁ କି'ଏ ଏତେ ନିକଟତର ଥିଲା, ସମସ୍ତେ ସ୍ୱାର୍ଥପର, ସବୁ ଦେଖାଣିଆ, ମୁଁ ଆଗରୁ ଯାହା ଥିଲି ଏବେବି ସେଇୟ ।, କେହି ନଥିଲେ କି ନାହାନ୍ତି ? ଧନ ରତ୍ନ, ବିଳାସ ବ୍ୟସନକୁ ଅତି ତୁଚ୍ଛ ମଣି ବହୁତ ନିରିମାଖି କରି ଦେଉଥିଲେ ନିଜେ ନିଜକୁ । ଯା' ପାଇଁ ନିଜ ପରିଚୟ ଏକାନ୍ତ ଗୋପନୀୟ ଚିରକାଳ । ସେ ବ୍ୟସ୍ତ ଓ ବିବ୍ରତ ଥିଲେ ପରିଚୟହୀନତା ପାଇଁ । ପରିଚୟର ସନ୍ଧାନ ପାଇଁ । ତାହେଲେ କ'ଣ ସେ ଏମିତି ମରିଯିବେ ! ତାଙ୍କ ଅବସୋସ ସମୂହ ତାଙ୍କର ପିଛା ଛାଡ଼ିବେନି । ସେ ମଳାପରେ ବି ଭୂତ ପେତ୍ର ହୋଇ ତାଙ୍କ ଅଜଣା ପରିଚୟର ସନ୍ଧିସୁ ହୋଇ ଏପଟ ସେପଟ ଭଟକୁଥିବେ । ଏୟା ଭାବି ଚମ୍‌କି ପଡ଼ନ୍ତି । ବେଳେ ବେଳେ ଭାବନ୍ତି ଗାଁକୁ ଫେରି ଯିବେ । ଯଉ ଗାଁର ସବୁକିଛି ମିଠା । ପାଣି, ପବନ, ସବୁ ନିଆରା । ଯା' କୋଳରେ ଜନ୍ମଲାଭ କରିଥିବାରୁ, ଆଗ ନିଜେ ନିଜକୁ ଭାଗ୍ୟବାନ ମଣୁଥିଲେ । ତାଙ୍କ ଗାଁ ତାଙ୍କ ପାଇଁ ଇନ୍ଦ୍ରଦେବଙ୍କ ସ୍ୱର୍ଗ, ବ୍ରହ୍ମାଙ୍କ ଯଶୋବନ୍ତି ଧାମ,ଶିବଙ୍କ କୈଳାସ ଓ ବିଷ୍ଣୁଙ୍କ ବୈକୁଣ୍ଠପୁରଠୁ ବଳି'କି ମନେ ହେଉଥିଲା । ସେଠାରେ ଜନ୍ମି ଲାଳିତ ପାଳିତ ହେଲା ପରି ସେ'ଚାହାନ୍ତି ଶୋଇଯିବାକୁ ତା'ମଧୁର ସରଣର ନିର୍ସିକାଳର ଗଭୀର ନିଦରେ । ସେ ଚାହାନ୍ତି ହୁ-ହୁତାସେନେ ତାଙ୍କ ଚିତା ଜଳୁ ଗ୍ରାମ୍ୟ ଶ୍ମଶାନରେ । ସେ ମିଶି ଯାଆନ୍ତୁ ଗାଁର ପାଣି, ପବନ, ମାଟି ଓ ଆକାଶ ସାଙ୍ଗରେ । ଗାଁର ଅଙ୍କା ବଙ୍କା ନଈ, ନଈ ପଠାରେ କାଶତଣ୍ଡି ଫୁଲ, ସବୁଜ ଧାନ କ୍ଷେତ, ଜୀବଜନ୍ତୁ ପଳ, ଗାଈ ଗୋରୁ, କାକ-କୋକିଳର କୁହୁକୁହୁ ସ୍ୱନ, ଆମ୍ବ ବଉଳର ବାସ, ଗାଁର ସକାଳ ସଞ୍ଜ, ପୁନେଇ ରାତି, ପର୍ବ ପର୍ବାଣି, ପ୍ରତିମୁହୂର୍ତ୍ତରେ ମନକୁ ଆନନ୍ଦରେ ଆଚ୍ଛନ୍ନ କରୁଥିବା ଆମ୍ରିୟତାର ସ୍ନେହ ସମ୍ଭାଷଣର ଉଚ୍ଛାଟ ପଣ, ଓଃ... ମନ ବତୁରି ଯାଏ ।ପୁଣି ଭାବନା ଦିଗ ବଦଳେଇ ଦିଏ । ସେ ଭାବନ୍ତି- ସେ' ଗାଁ ର କ'ଣ ବା ତାଙ୍କର କି'ଏ ଅଛି ସେଠାରେ, କ'ଣ ପାଇଁ ଯିବେ, ପୁଣି ଏତେ ଦିନ ପରେ, କ'ଣ କରିବେ ସେଠାରେ, ହଜାର ମୁହଁରୁ ଛୁଟି ଆସୁଥିବା ପ୍ରଶ୍ନର ଉତ୍ତର ଦେଇ ପାରିବେ ତ, ତାଙ୍କର ସେତିକି ସାମର୍ଥ୍ୟ ଅଛି ତ ? ସେ' ସଂପୂର୍ଣ୍ଣ ଉପାୟ ଶୂନ୍ୟ । ସେଥିପାଇଁ କ୍ଷଣିକ ସକାଶେ ହେଲେ ମନକୁ ଉଶ୍ୱାସ କରିବାକୁ ଚର୍ଚ୍ଚକୁ ଯାଆନ୍ତି । ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସମସ୍ତ ସଂପ୍ରଦାୟ ସହ ମିଶି ସେ କଉ ସଂପ୍ରଦାୟର ଅନୁଭବିବାକୁ ଚେଷ୍ଟା କରି ବିଫଳ ହୁଅନ୍ତି । ସବୁବେଳେ ତାଙ୍କ ଆଖି ଯୋଡ଼ିକ କିଛି ଗୋଟେ ଖୋଜିବାରେ ବ୍ୟସ୍ତ ଥାଏ ଓ ନିରାଶ ହେଉଥାଏ । ସଂଧ୍ୟା ସମୟ ଦିନେ ସେ' ଚର୍ଚ୍ଚରୁ ଫେରୁଥାନ୍ତି । ସେଇ ଘରରୁ ଚର୍ଚ୍ଚକୁ ଗଲାବେଳେ ବାଟରେ ପଡ଼େ ତାଙ୍କର ବିଖ୍ୟାତ ହୋଟେଲ୍ 'ପ୍ଲାନେଟ୍-ଏମ୍', ନାଁ ଟା ରଖିଛନ୍ତି ଜଣେ ଅନିକଟ ଅନ୍ତରଙ୍ଗର ସ୍ମୃତିରେ । ଫେରିବା ବେଳେ ବାଟରେ ଭେଟିଗଲେ ତାଙ୍କ

ହୋଟେଲ୍‌ର ମ୍ୟାନେଜର ମିଷ୍ଟର୍ ଚେଙ୍ଗ୍ । ତାଙ୍କ ସହ ହୋଟେଲ୍ ଯିବାକୁ ବାଧ୍ୟକଲେ । ଯୁବରାଜ୍ ମନାକରି ପାରିଲେନି । ହୋଟେଲ୍‌ରେ ଅର୍ଦ୍ଧନଗ୍ନ ବ୍ରିଟିଲେଡ଼ୀ ମାନଙ୍କର ଡ଼େନ୍ସ ଚାଲିଥାଏ । ଗ୍ରାହାକ ମାନଙ୍କୁ ଆକୃଷ୍ଟ କରିବା ପାଇଁ । କିନ୍ତୁ ଯୁବରାଜ୍‌ଙ୍କ ଧ୍ୟାନ ଯାଉନଥାଏ ସେପଟେ । ଥାଇକି ଯେପରି ନଥିଲେ ସେଠାରେ । ସେତେବେଳେ ହୋଟେଲ୍ ଭିତରକୁ ଭଦ୍ର ମହିଳା ଜଣକର ପ୍ରବେଶ ହେଲା । ଯିଏ ଗୋଟିଏ ଧଳାଶାଢ଼ୀ ପିନ୍ଧିଥିଲେ ଅନୁମାନିକ ବୟଶ ଅଂଚାଳିସ୍‌ରୁ ଚାଳିସ୍ ଆଡ଼କୁ ହୋଇପାରେ । ସାଉଁଳି ଚେହେରା । ଗଢ଼ଣ ଦେହ । ନିଶ୍ଚିତ ଆଇ କେଚିଙ୍ଗ୍ । ଗୋଟିଏ ଚ୍ୟାର୍‌ରେ ବସିବାବେଳକୁ ଓ୍ୱେଟର ସାଙ୍ଗରେ ଧକ୍କା । ଓ୍ୱେଟରକୁ କଅଁଳେଇ କହିଲେ, "ଆଇ ଏମ୍ ସରି ବାବୁ" । ଓ୍ୱେଟର ବାକ୍‌ଶୂନ୍ୟ ହୋଇ ଚାହିଁ ରହିଲା କିଛି ବେଳ । ପରେ ନବୁଝି ବୁଝିଲା ପରି ମୁଣ୍ଡ ହଲେଇ ଅଳ୍ପ ହସି ଚାଲିଗଲା । ଏ ଶବ୍ଦଟା' ଯୁବରାଜ୍‌ଙ୍କୁ ଭାବନାରୁ ଓହରିବାକୁ ବାଧ୍ୟ କଲା । ତାଙ୍କ ଆଖି ଦ୍ୱୟ କେନ୍ଦ୍ରୀଭୁତ ହୋଇଗଲେ ମହିଳା ଜଣକ ଉପରେ । ଗୋଟିଏ ଅଜଣା ଆକର୍ଷଣରେ ମହିଳା ଜଣକ ମୁହଁ ତାଙ୍କୁ ଚିହ୍ନା ଚିହ୍ନା ଲାଗୁଛି । ସେ' ଅନୁମାନ ବି କରିପାରୁଥିଲେ ଇଏ ଜଣେ ଭାରତୀୟ ହୋଇଥାଇ ପାରନ୍ତି ! ତାଙ୍କୁ ପ୍ରବଳ ଇଚ୍ଛା ଲାଗୁଥିଲା ପଚାରିବାକୁ । ହେଲେ ତାଙ୍କ ଧାରଣା ଯଦି ଭୁଲ ହେଲା..! ଏଇ ସଂକୋଚରେ ସେ ତାଙ୍କ ପାଖକୁ ଯାଇ ପାରୁନଥିଲେ । କିନ୍ତୁ ତାଙ୍କୁ ଅପଲକେ ଚାହିଁଥିଲେ କାଳେ ଚିହ୍ନି ପକେଇବେ ବୋଲି । କିନ୍ତୁ ପାରିଲେନି । କାହିଁକି ମହିଳା ଜଣକୁ ଦେଖି ସେ ଏତେ ପ୍ରଫୁଲ୍ଲିତ ହୋଇ ଉଠୁଥାନ୍ତି ତାହା ତାଙ୍କୁ ନିଜକୁ ମାଲୁମ୍ ନଥିଲା । ମହିଳା ଜଣକ ଡ଼ିନର ସାରିବା ପରେ ହୋଟେଲର ବାହାରକୁ ଯିବାକୁ ଉଦ୍ୟତ ହେଲା ବେଳକୁ ଯୁବରାଜ୍‌ଙ୍କୁ ଆଦୌ ଭଲ ଲାଗୁନଥିଲା । ତାଙ୍କୁ ଲାଗୁଥିଲା, ଅତି ଆପଣାର କେହିଜଣେ ତାଙ୍କ ପାଖରୁ ଦୂରେଇ ଯାଉଛି । ସେ ଆଉ କିଛି ବୁଝିବା ଭାବିବା ସ୍ଥିତିରେ ନଥିଲେ । ତାଙ୍କୁ କ'ଣ କେମିତି ଲାଗିଲା ଯେ ସଡ଼ନ୍ ଚ୍ୟାର୍‌ରୁ ଉଠି ମହିଳା ଜଣକୁ ରୋକିବା ଛଳରେ କହିଲେ :

- ହାଏ ଆଇ୍ ଏମ୍ ଯୁବରାଜ୍ । ଓନର୍ ଅଫ୍ ପ୍ଲାନେଟ ଏମ୍ ।

-(ଅଳ୍ପ ବସି) ପ୍ଲିସ୍ ଟୁ ମିଟ୍‌ୟୁ ।

-ଇଫ୍ ୟୁ ଡ଼ୋଣ୍ଟ୍ ମାଇଣ୍ଡ୍ । ଆଇ ଜଷ୍ଟ୍ ଓ୍ୱାଣ୍ଟ୍ ଟୁ ଟକ୍ ଓ୍ୱିଥ୍ ୟୁ ଫର୍ ଏ ଲିଟିଲ୍ ଟାଇମ..?

-ଓକେ.. ଆଇ ଡ଼ୋଣ୍ଟ୍ ।

-ପ୍ଲିଜ୍ କମ୍ ଟୁ ଦି' ସାଇଡ୍ ।

-ଅବ୍‌କୋସ୍ ।

-ଆଇ ଥିଙ୍କ ୟୁ ଆର ବିଲଙ୍ଗ୍‌ଡ଼ଟୁ ଇଣ୍ଡିଆ । ବିକସ୍ ଦି ଓ୍ୱାଡ଼ 'ବାବୁ' ଇଚ୍ ଫାଉଣ୍ଡ ଓନ୍‌ଲି ଦେଆର୍ ।

-ୟା.. ୟୁ ଆର୍ ଆବ୍‌ସୁଲ୍ୟୁଟ୍‌ଲି ରାଇଟ୍ । ଆଇ ଏମ୍ ଏନ୍ ଇଣ୍ଡିଏନ୍, ଆକ୍‌ଚୁଏଲି ଆଇ ଏମ୍ ଫ୍ରମ୍ ଓରିଶା ।

ଏହା ଶୁଣିଲା ପରେ ଯୁବରାଜଙ୍କ ଖୁସିର ସୀମା ନଥିଲା । ଜାଣି ପାରୁନଥାନ୍ତି ସେ କାହିଁକି ଏତେ ଉଚ୍ଛନ୍ନ । ଆଗରୁ ବି ତ' ସେଇଠି ଅନେକ ଭାରତୀୟଙ୍କୁ ଭେଟିଛନ୍ତି । କାରଣ ଜଣା ନଥିଲା କିନ୍ତୁ ତାଙ୍କୁ ବହୁତ ଭଲ ଲାଗୁଥିଲା । ସେ ଆବେଗିତ ହୋଇ କହିଲେ- ମୁଁ ବି ଜଣେ ଓଡ଼ିଆ ଆପଣ ଏଠି କ'ଣ କରୁଛନ୍ତି, ଆପଣଙ୍କ ଘର କେଉଁଠି ? ପରସ୍ପର ଖୁସିରେ ଉପୁଳି ପଡୁଥାନ୍ତି । ମହିଳା ଜଣକ କହିଲେ- ପ୍ରଥମେ ଆପଣ ଆପଣଙ୍କ ବିଷୟରେ କୁହନ୍ତୁ ମୁଁ ପରେ ମୋ ବିଷୟରେ କହିବି । ଯୁବରାଜ୍‌ଙ୍କୁ ଲାଗିଲା ଉଶ୍ୱାସ ହୋଇ ଯାଆନ୍ତେ କି ଯାହା କାହାକୁ କହିନାହାନ୍ତି ଏ ଅଚିହ୍ନା ଅଜଣା ମହିଳା ଜଣକୁ କହି ! ଯିଏ ସେତେବେଳେ ତାଙ୍କୁ ଖୁବ୍ ଆତ୍ମିୟ ମନେ ହେଉଥିଲା । ସବୁ ଦୁଃଖ, ଶୋକ ତା' ପାଖରେ ଉଭାନ ମାରୁଥିଲା ।

- ଆପଣ ଧୈର୍ଯ୍ୟ ଧରି ଶୁଣିବେତ... ?

- ହଁ ନିଶ୍ଚୟ... ?

ଯୁବରାଜ ଆରମ୍ଭିଲେ:

ମୁଁ ଗୋଟିଏ ଅଭାଗା ଅନାଥ । ମୁଁ ପରିପୋଷିତ ହେଉଥିଲି ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲାର କୁଶକ୍ଷେତ୍ର ଗାଁରେ । ମୋର ବାଲ୍ୟବସ୍ଥା ଓ ଯୌବନବସ୍ଥା ସେଇଠାରେ କଟିଥିଲା । ସେଠାରେ ପରିଚୟଟେ ପାଇଥିଲି ବନ୍ଧୁ ଭାବରେ । ମୋରି ବୟସର ଝିଅଟିଏ ନାଁ ତାର ମାନିନୀ । ମୁଁ ଶ୍ରଦ୍ଧାରେ ତାକୁ ମୀନୁ ଡ଼ାକୁଥିଲି ସେ ମତେ ଯୁବୁ । ଆମେ ସବୁ କାମ ସାଙ୍ଗରେ କରୁଥିଲୁ । ସୁଖରେ ଦୁଃଖରେ ସହଭାଗୀ ହେଉଥିଲୁ । ମୁଁ ଗୀତ ଲେଖି ସୁର କରୁଥିଲେ ସେ ଭଲରେ ବୋଲୁଥିଲା । ତା' କଣ୍ଠ ବହୁତ ମିଠା ଥିଲା । ତା' ମୁଖରୁ ଲଳିତ ଅଭିନବ ସ୍ୱାଦ ଝରୁଥିଲା । ଗ୍ରାମବାସୀ ମାନେ ମଧ୍ୟ ଆମକୁ ବହୁତ ଭଲ ପାଉଥିଲେ । ଆମ କଳା ପାଇଁ । ସୁଧିର ବ୍ୟଭାର ପାଇଁ । ଆଶ୍ରମ ପାଇଁ ଭିକ୍ଷା ସଂଗ୍ରହ କରିବା, ଜଙ୍ଗଲରୁ କାଠ ଆଣିବା, ଆଶ୍ରମର ସଫା ସୁତୁରା କରିବା ବଦଳରେ ଆମକୁ ରହିବା ଖାଇବା ସହ ପଢ଼ିବାକୁ ମିଳୁଥିଲା । ଦୁହେଁ ସହପାଠୀ ଥିଲୁ । ସାଙ୍ଗରେ ଦଶମ ଶ୍ରେଣୀ ଯାଏ ପଢିଲୁ । ବନ୍ଧୁତାରୁ ଘନିଷ୍ଠତା ହେଉ ହେଉ ଜାଣି ହେଲାନି କେତେବେଳେ ପ୍ରେମର ଚାରାଟିଏ ଅଙ୍କୁରୋଦ୍‌ଗମ ହୋଇଗଲା ମୋ ହୃଦୋଦ୍ୟାନରେ ମୀନୁ ପାଇଁ । ମୁଁ ତାକୁ ବହୁତ ଭଲପାଇ ବସିଲି । କିନ୍ତୁ କହିପାରୁନଥିଲି । ଭୁଲ ବୁଝିବ ଭାବି ଡ଼ରି ଯାଉଥିଲି । କିଛିଦିନ ପରେ ଆମ ଆଶ୍ରମକୁ ଆସିଲେ ଧର୍ମାବତାର ଇନ୍ଦ୍ରରାଜ

ବାବା । ସେ' ଭାରତ ଭ୍ରମଣ କରୁଥାନ୍ତି । ସେ' ମୀନୁର ଗୀତରେ ମୋହିତ ହୋଇ ମୀନୁକୁ ତାଙ୍କ ମାୟାନଗରୀ ସୁଂବାଇ ସ୍ଥିତ ଆଶ୍ରମକୁ ନେଇଗଲେ । ତା'ର ଯିବା ବାଟକୁ ମୁଁ ଚାହିଁ ରହିଥାଏ ଆଉ ଭାବୁଥାଏ ଆଗ ସମସ୍ତଙ୍କୁ କହିପାରୁଥିଲି ମୁଁ ମୀନର ବନ୍ଧୁ ବୋଲି । ତାହା ମୋର ପରିଚୟ ପାଲଟି ଯାଇଥିଲା । ଭବିଷ୍ୟତରେ ତା' ସ୍ୱାମୀ ହେବାର ସ୍ୱପ୍ନ ସଂଖୋଳିଥିଲି, ତାହା ବି ଲିଭିଗଲା । ବାବା ଜଣକ କହୁଥିଲେ ଅନେକ ବଡ଼ ବଡ଼ ଗାୟକ, ନିର୍ଦ୍ଦେଶକ ଓ ପ୍ରଯୋଜକ ତାଙ୍କ ସରଣାଗତ ଶିଷ୍ୟ । ମୀନୁ ବଲିଉଡ଼ର ଗୋଟିଏ ସୁନାମଧନ୍ୟ ଗାୟିକା ହୋଇସାରିଥିବ ଭଳି ଲାଗେ । ବେଳେ ବେଳେ ଅନେକ ଗୀତ ଶୁଣେ, କାଳେ ସେ ଗାଇଥିବ ବୋଲି । କିନ୍ତୁ ତା' କଣ୍ଠ ପରି ଲାଗେନି । ଫେର୍ ଭାବେ ବଡ଼ ହୋଇ ତା' କଣ୍ଠ ବଦଳି ବି ଯାଇପାରେ । ନେଟ୍‌ରେ ଆର୍ଟିଷ୍ଟ୍ ଲିଷ୍ଟ୍‌ରେ ତା' ନା ସାର୍ଚ୍ କରେ ହେଲେ ପାଏନି । ଭାବେ ବୋଧେ ଛଦ୍ମନାମରେ ଗାଉଥିବ ସେ ପାଖରେ ନଥିଲେ ବି ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରଣତି ବଢ଼େ ତାକୁ ସୁଖରେ ରଖିବ ପାଇଁ । ତା' ଜୀବନ ମଧୁଝରା କରିବା ପାଇଁ । ମୀନୁ ପରେ ମତେ କିଛି ଭଲ ଲାଗୁନଥିଲା । ଶୟନେ ସପନେ ତାକୁ ଝୁରୁଥିଲି । ତାକୁ ନେଇ ଅନେକ କବିତା ଗଳ୍ପ ଲେଖୁଥିଲି । କିଛିଦିନ ପରେ ଭାବିଲି ଯେମିତି ହେଲେ ଆଗେଇବାକୁ ପଡ଼ିବ ଠାକୁରେ ଏତେ ବଡ଼ ମୂଲ୍ୟବାନ ଜୀବନ ଦେଇଛନ୍ତି ଯେହେତୁ କିଛି ନା କିଛି ଯୋଗାଡ଼ି ରଖିଥିବେ । କିନ୍ତୁ ମତେ ପରିଶ୍ରମ କରିବାକୁ ପଡ଼ିବ । ମୁଁ ଆଶ୍ରମ କାମରୁ ସମୟ ବାହାର କରି ଜୋତା ପୋଲିସ୍ କରିବା ସହ ଜଙ୍ଗଲରୁ ସରଗିପତ୍ରରୁ ବିଡ଼ି, ଭାଙ୍ଗ ଆଦି ପ୍ରସ୍ତୁତି କରି ବିକ୍ରି କଲି । ସେଥିରୁ ଉପାର୍ଜିତ ଅର୍ଥରୁ ପାଖ ସୀତାପୁର କଲେଜରେ କଣ୍ଟାକ୍ଟରେ +୨ କଲି । ଫାଷ୍ଟ କ୍ଲାସ୍ ପାଇଲି । ଆଗକୁ ପଢ଼ିବାକୁ ଇଚ୍ଛା ହେଲା । ସେମିତି ଭାବରେ +୩ କଲି । ଆଶ୍ରମର କେହି କିଛି ଜାଣୁନଥିଲେ । ପଢ଼ିବାରେ କଲେଜର ମୋ ର ଜଣେ ସହପାଠୀ ମତେ ବହୁତ ସାହାଯ୍ୟ କଲେ । ତାଙ୍କ ନାଁ ରମେଶ ଖଟୁଆ । ବି.ଏ ସରିଲା ସେ ଫାଷ୍ଟକ୍ଲାସ୍ ପାଇଲେ ମୁଁ ସେକେଣ୍ଡ୍‌କ୍ଲାସ୍ । ତା' ପରେ ଆମେ କାମ ଖୋଜିବା ଆରମ୍ଭ କରିଦେଲୁ । ହେଲେ ମୁଁ ମୋ ପରିଚୟର ଗୋପନୀୟତା ଯୋଗୁଁ ସବୁ ଜାଗାରେ ତାଚ୍ଛଲ୍ୟ ହେବା ଛଡ଼ା ଅନ୍ୟ କିଛି ପାଉନଥିଲି । ଭାବିଲି, ଆଉ କୌଣସି ଜାଗାରେ ଇଣ୍ଟରଭ୍ୟୁ ଦେବିନି । ବିଭିନ୍ନ ଘରୋଇ ଉଦ୍ୟୋଗ ଗୁଡ଼ିକରେ କାମ କଲି । କିନ୍ତୁ ମାଲିକ ମାନଙ୍କ କଟକଣା, ଟାହିଟାପରା ଓ ମନମୁଖୀ ଦରମା ଯୋଗୁଁ ସେଠୁ ମଧ୍ୟ ପଶ୍ଚାତପଦ ହେଲି । ଦିନ ଯେତେ ଯେତେ ଗଡ଼ିଗଡ଼ି ଯାଉଥାଏ ମତେ ଲାଗୁଥାଏ ଯେ' ଆଶ୍ରମବାସୀ ମତେ ବୋଝ ମଣିବସିଲେଣି । ଲାଗୁଥିଲା ମୁଁ ଦିଗହରା ନାବିକ ଟିଏ ଯିଏ ଜୀବନ ଦରିଆର କୂଳ କିନାରା ନପାଇ ଏପଟ ସେପଟ ଘୁରି ବୁଲୁଛି ଖାଲି । କିଂକର୍ତ୍ତବ୍ୟ ଭାବରେ । ଉପାୟଶୂନ୍ୟ ହୋଇ । ଥରେଆଶ୍ରମ ପାଇଁ ଚାଉଳ ଆଣିବା ପାଇଁ ସୀତାପୁର ଯାଇଥାଏ । ରମେଶ ସରି ଭେଟ ହୋଇଗଲି । ସେ କହିଲେ- "ଆରେ ଯୁବରାଜ୍ ସବୁ ଠିକ୍ ତ ?ଜବ୍ ପାଇଲନା... !" ମୁଁ ପ୍ରସଙ୍ଗ ବଦଲେଇ କହିଲି- " ରମେଶ କୁଆଡ଼େ ଅଛ ବା.. ଦିଶୁନ ଯେ ?" ତାଙ୍କ ଉତ୍ତର- ସେ ମୁଂବାଇରେ ବ୍ୟୁଜିନେସ୍ କରୁଛନ୍ତି । ଭଲ ଇନ୍‌କମ୍ ହେଉଛି । ସେ ମତେ ଜଏନ୍ କରିବାକୁ କହିଲେ । ଭାବିଲି ପ୍ରଭୁ ଜଗନ୍ନାଥ ମତେ ସୂବର୍ଣ୍ଣ ସୁଯୋଗ ଦେଉଛନ୍ତି ବୋଧେ । ମୁଂବାଇର ନା ଶୁଣିଲା ମାତ୍ରେ ବାଲ୍ୟସଖି ମୀନୁର କଥା ମନେ ପଡ଼ିଲା । ଭେଟ ହେବାର ଇଚ୍ଛା ସଂଚାର ହେଲା । ଆଖି ଆଗରେ ନାଚି ଉଠିଲା ତା ରୂପେଲି ମୁହଁ । ତା' ସାଥେ କଟିଥିବା ପ୍ରତିଟି ସମୟ ପହଁରିଗଲେ ମାନସ ପଟଳରେ । ଲାଗିଲା ସେ ଯେମିତି ହାତ ଠାରି ଡ଼ାକୁଛି ମତେ ଆ... ରେ ସାଥି ଆ । ମୁଁ କିଛି ନଭାବି ତାଙ୍କ ପ୍ରସ୍ତାବରେ ରାଜି ହୋଇଗଲି । ଗଡି କଲୁ ସ୍ୱପ୍ନର ନଗରୀ ଆଡ଼କୁ । ବଡ଼ ବଡ଼ ଅଟ୍ଟାଳିକା, ଦୋକାନ ବଜାର, ଗାଡ଼ି ମଟର ଭିଡ଼, ଲୋକାରଣ୍ୟର ସ୍ମାର୍ଟ୍ ସିଟି ନୂଆଁ ନୂଆଁ ଭଲ ଲାଗିଲା । କିଛି ଦିନ ଖୁବ୍ ଏନ୍‌ଜୟ କଲୁ । ରମେଶ ମତେ କହିଲେ, " ଯୁବରାଜ୍ ଜମା ଚିନ୍ତା କରନି । ଭଲ କି' ମୁଂବାଇ ପରିଦର୍ଶନ କର । ନିଅ କ୍ରେଡ଼ିଟ୍ କାର୍ଡ଼ ଟେ ରଖ । ମୁଁ ଅଳ୍ପ ସମୟ ଭିତରେ ତମକୁ ବି କାମ ସଂପର୍କରେ ଜଣେଇବି । ତମେ ବି କାମ କରିବ । ଦେଖିବ ଦି' ସାଙ୍ଗ ମିଶି ଆକାଶକୁ ଛୁଇଁବା । ଜହ୍ନ ତୋଳିବା ହାତ ପାଆନ୍ତାରେ" । ଭାରି ମନେ ପଡୁଥାଏ ମୀନୁର କଥା । ମନେ ମନେ ଭାବୁଥିଲି, ଏମିତି ହେଉ ହେଉ ଭେଟ ହୋଇଯାଆନ୍ତି କି' ମୀନୁ ସାଙ୍ଗରେ । ତାକୁ ନେଇ ଆସନ୍ତି ମୋ ପାଖକୁ । ସମସ୍ତ ସାର୍ବଜନୀନ ଜାଗାରେ ଆଖି ଠାଉରିଆ ଖୋଜି ଦେଖିଲି । କିନ୍ତୁ ମୋର ସବୁ ପ୍ରୟାସ ବୃଥା ଯାଉଥିଲା । ମୁଁ ରୁମ୍‌ରେ ଏକା ଥାଏ । ରମେଶ ସକାଳୁ ଯାଇ ରାତିରେ ଫେରନ୍ତି । ଦିନ ଦିନ ତ' ଘରକୁ ବି ଆସନ୍ତିନି । ପଚାରିଲେ କହନ୍ତି- କାମରେ ଏପଟେ ସେପଟେ ଯିବାକୁ ପଡ଼େ । ଗୋଟିଏ ସପ୍ତାହରେ ଦୁଇତିନି ଲକ୍ଷ ଟଙ୍କା ଦେଇଯାଆନ୍ତି ମତେ । ମୁ ଆଚମ୍ଭିତ ହୁଏ ହପ୍ତାକର କାମଭିତରେ ଏତେ ରୋଜଗାର ଦେଖି । କିନ୍ତୁ ଦମ୍ଭ ପୁରାଇ ପଚାରିପାରେନି । ସାଇତି କି ରଖିଦିଏ । ଦିନେ ପଚାରିଦେଲି । ଉତ୍ତର ପାଇ ସ୍ଥାଣୁ ପାଲଟିଗଲି । ମୁଁ ଭାବୁଥାଏ, କଲେଜ୍‌ରେ କୌଣସି ଝିଅକୁ ସିଧା ଆଖିରେ ଚାହୁଁ ନଥିବା ପିଲାଟା ଏ କାମ କରି ପାରୁଛି କେମିତି ! କୁଆଡ଼େ ଗଲା ତା' ସରଳ ପଣିଆ,

ଭଦ୍ରାମି ! ମତେ ଏପରି ଅବସ୍ଥାରେ ଦେଖି ସେ କହିଲେ, " ତୁମେ ଆଚମ୍ଭିତ ହେବା ସ୍ୱାଭାବିକ ଯୁବରାଜ୍ । କିନ୍ତୁ ଏଇୟା ହିଁ ପ୍ରକୃତ ସତ । ଭଲ ରେଜଲ୍ଟ ସତ୍ତ୍ୱେ ଲାଂଚ ଦେଇ ନପାରିବାରୁ ଜବ୍ ଖଣ୍ଡେ ମିଳିଲାନି । ମୋ ବାପା ମାଆଙ୍କ ହତାଶିଆ ମୁହଁ, କରଜ ଆଣିଥିବା ସାହୁକାରର ନୀଳ ଆଖି ମତେ ବ୍ୟାହତ କରିପକେଇଲା । ତା' ସାଙ୍ଗକୁ ଏସମାଜର ଟାହିଟାପରା, ଥଟ୍ଟା ତାମସା । କ'ଣ କରିଥାନ୍ତି ! ଫେସ୍‌ବୁକ୍ ଯୋଗେ ମୁଂବାଇର ଜଣେ ସମ୍ଭ୍ରାନ୍ତ ମହିଳା ପାଖକୁ ଏ' ସଂପର୍କରେ ଅବଗତ ହେଲି । ସିଧା ଚାଲି ଆସିଲି ଏଠାକୁ । ମୋର ଏ' କାମ ପ୍ରତି ଆଦୌ ଇଚ୍ଛାନାହିଁ । କିନ୍ତୁ ଏହା ଏ ଦୁନିଆଁର ପାରଂପାରିକ ନିୟତି ।. ଯିଏ ଯାହା ଚାହେଁ ସେ' କେବେ ପାଇ ପାରେନି । କିନ୍ତୁ ଯାହା ଚାହୁଁନଥାଏ ତାହା ତାକୁ ମିଳେ । ସେଥିପାଇଁ ଯାହା ମିଳୁଛି ହସି ହସି ସ୍ୱୀକାରିବା ଦରକାର । ମୁଁ ବି ସେଇୟା କଲି । ଅନ୍ତତଃ ମୋ ପରିବାର ତ' ଏଥିରୁ ଉପାର୍ଜିତ ଅର୍ଥରେ ଭଲରେ ଚଲି ପାରୁଛନ୍ତି । ମୁ ବି ଏଠାରେ ଅୟଶ ଆରାମରେ ଚଲୁଛି । ଆଉ କ'ଣ ବା ଦରକାର ଏ ଜୀବନରୁ ! ତୁମେ ଯଦି ଚାହୁଁଛ, କହିବ । ନହେଲେ ମୁଁ ବାଧ୍ୟ କରିବିନି । ତମେ ଯେବେ ଚାହିଁବ ଫେରିପାର । ଟିକଟ୍ କରି ଦେବି ।" ତାଙ୍କ କଥା ଶୁଣି ଭାବିଲି, ଫେରିକି କ'ଣ ବା କରିବି । ଲୋକନିନ୍ଦା ହିଁ ସାର । ରମେଶଙ୍କ ପ୍ରସ୍ତାବରେ ରାଜି ହେଲି । ଜୁଟି ପଡ଼ିଲି କାମର ପ୍ରସ୍ତୁତିରେ । ତାପରେ ପ୍ରତିଦିନ କଣ୍ଢେଇ ସାଜିଲି ପୁଞ୍ଜିପତି, ବ୍ୟବସାୟୀ, ନେତା ମାନଙ୍କର କାମ ଅଭୀପ୍ସୁ ସ୍ତ୍ରୀ ମାନଙ୍କର । ଯେଉଁମାନେ ତାଙ୍କ ସ୍ୱାମୀମାନଙ୍କର ବ୍ୟସ୍ତତା ଯୋଗୁଁ ତାଙ୍କ ସହ ସମୟ ବିତେଇ ପାରୁନଥିଲେ । ଏଣେ ତେଣେ ଟଙ୍କା ବିଛି ତାଙ୍କ କାମ ଜ୍ୱାଳାକୁ ଶାନ୍ତ କରୁଥିଲେ । ମୁଁ ଓ ରମେଶ ସେମିତି ମହିଳା ମାନଙ୍କ ପାଇଁ ଟୟବୟ ସାଜୁଥିଲୁ । ସେମାନେ ଯାହା କହୁଥିଲେ କରୁଥିଲୁ । ପ୍ରଥମେ ପ୍ରଥମେ ମତେ ଭାରି ଖରାପ ଲାଗୁଥିଲା । ଯେତେ ଭଲ ଖାଦ୍ୟ ଓ ମେଡ଼ିସିନ୍ ନେଲେ ବି ଦୁର୍ବଳ ଲାଗୁଥିଲା । ବାଘୁଣୀ ପଂଝାରେ ଆଘାତ ହୋଇ ହରିଣ ଶାବକଟେ ଛଟ୍‌ପଟ୍ ହେଉଥିବା ପରି ମତେ ଥରଥର ସମ୍ଭୋଗାର୍ଥେ ରାତିସାରା ପୀଡ଼ିତ କରୁଥିବା ଆତୁର ନାଗୁଣୀ ମାନଙ୍କ ସଜ୍ୟାସଙ୍ଗୀ ହୋଇ । ବେଡ଼୍‌କୁ ଚଢୁଥିଲି ସତ ହେଲେ କେବେ ଶୋଇ ପାରୁନଥିଲି । ମନଯଚା ଟଙ୍କା ମିଳୁଥିଲା । ନିଇତି ରାତିରେ ନୂଆଁ କନିଆଁର ବର ସାଜୁଥିଲି । ସକାଳ ପାହିଲେ ସେ ତା' ବାଟରେ ମୁଁ ମୋ ବାଟରେ । କିନ୍ତୁ ସବୁ ନାରୀର ଦେହକୁ ମୀନୁର ଦେହ ଭାବି ଆପଣା ସର୍ବସ୍ୱ ଉସର୍ଗ କରି ଦେଉଥିଲି । ରମେଶ ଓ ମୁଁ ଦଶବର୍ଷ ଭିତରେ କୋଟିପତି ହୋଇଗଲୁ । ରମେଶ ତାଙ୍କ ଗାଁକୁ ଫେରି ଘର ସଂସାର କରି କଲେଜ୍ ଟିଏ ଖୋଲି ସୁଖରେ ରହିଲେ । କିନ୍ତୁ ମୁଁ ମୋ ପାପୀ ଦେହ ଧରି ପୂଣ୍ୟଭୂମି ଓଡ଼ିଶାକୁ ଫେରି ପାରିଲିନି । ସେଇଠି ରହିଲି । ସବୁଦିନ ନୂଆଁ ଦେହ ମାନଙ୍କ ସହ କାମାଭିସାର ମଗ୍ନ ହେବା ଅଭାବରୁ ଅଭ୍ୟାସ ପାଲଟିଗଲା । ସଂପୁର୍ଣ୍ଣ ଦେହ କାମାସକ୍ତ ପାଲଟିଗଲା । ଆଗ ସେମାନେ ଖାଲି ଏନ୍‌ଜୟ କରୁଥିଲେ ପରେ ମୁଁ ବି ଏନ୍‌ଜୟ କରିବାରେ ଲାଗିଲି । ତା' ସହ ଜୁଆ ଖେଳିବା, ଡ୍ରଗ୍‌ସ ସପ୍ଲାଇ, ୱେବସାଇଟ ହେକିଙ୍ଗ୍ ପରି କଳା ଧନ୍ଦା ଆରମ୍ଭ କରିଦେଲି । ପ୍ରଚୁର ଅର୍ଥ ଉପାର୍ଜିତ କଲି । ମୋ ଭାଗ୍ୟ ମତେ ଆମେରିକା ଟାଣି ଆଣିଲା । ଏଠାରେ କଂପାନୀ ଗୁଡ଼ାକ ଖୋଲିଲି । ହଟେଲ, କ୍ୟାପାଚିନୋ ମାନ ତିଆରିଲି । ଅନେକ ରମଣୀ ରାତିରେ ମୋ ସଙ୍ଗିନୀ ସାଜୁଥିଲେ । ଏଇ କେଇଦିନ ହେବ ମତେ ଏ ଅର୍ଥ, ବିଳାସ ବ୍ୟସନ ସବୁ ତୁଚ୍ଛ ପରି ଲାଗୁଛି । ମୁଁ ଏବେ ଗୋଟେ ଅନାମିକା ଠିକଣାରେ ସନ୍ଧାନରେ ବ୍ୟସ୍ତ । ପରିଚୟର ଶୋଷରେ ଆକ୍ରାମାକ୍ରା ଗୋଟେ ତୃଷାର୍ତ୍ତ ମଣିଷ । ଆଜି ମତେ ଯାହା ଲୋକ ଭଲ ପାଉଛନ୍ତି ତାହା ତାଙ୍କ ସ୍ୱାର୍ଥ ପାଇଁ, ମୋ ଅର୍ଥପାଇଁ । ତାକୁ ଛାଡ଼ି କ'ଣ ଅଛି ମୋର... ! ଏହା ମତେ ବିବ୍ରତ କରି ପକାଉଛି । ମୋ ସବୁ ଧନ ସଂପତ୍ତି ଭାରତ ଓ ଆମେରିକାର ବିଭିନ୍ନ ସାମାଜିକ ଅନୁଷ୍ଠାନ ମାନଙ୍କ ନାଁ ରେ ଲେଖି ଦେଲିଣି, ମୁଁ ମଲାପରେ ସେମାନେ ହି ଯାର ଉତ୍ତରାଧିକାରୀ ହେବେ । ହେଲେ କ'ଣ ମୁଁ କେବେ ମୋର ଏ ପରିଚୟହୀନତାରୁ ମୁକ୍ତି ପାଇପାରିବିନି.. !

ଏହା କହୁକହୁ ଆଂଶିକେ ଅନ୍ୟମନସ୍କ ହୋଇପଡ଼ିଲେ ଯୁବରାଜ । ମହିଳା ଜଣକ ମଧ୍ୟ ଏକମନରେ ଶୁଣୁଥାନ୍ତି ସବୁ । ଯେମିତି ଯୁବରାଜ ଗପଟିଏ କହୁଛନ୍ତି ତାଙ୍କୁ । ଯୁବରାଜ ସାମାନ୍ୟ ହେବାକୁ କହିଲେ- "ଆରେ ମୁଁ କହୁକହୁ ବହୁତ କିଛି କହି ଦେଲିଣି । ଆପଣ ବୋର୍ ହେଉନାହାନ୍ତି ତ ?"

"ନା..ନା.., ଆପଣଙ୍କ କଥା ମତେ ବହୁତ ଭଲ ଲାଗୁଛି । ଆଉ କହନ୍ତୁ ନା.." ପ୍ରତ୍ୟୁତ୍ତର ପାଇ ଯୁବରାଜ ପୁଣି ଆରମ୍ଭିଲେ ।

ମହିଳା ଜଣକ ମନଧ୍ୟାନ ଦେଇ ଶୁଣୁଥାନ୍ତି । ତାଙ୍କୁ ଆଖିରୁ ଅଥକରେ ଅଶ୍ରୁପାତ ହେଉଥାଏ । ଯୁବରାଜ ଭାବୁଛନ୍ତି ଇମୋସ୍ନାଲ ହୋଇ କିଛି ଭୁଲ୍ କରିଦେଲି କି, ଏତେ ସବୁ କହିବା ଠିକ୍ ହେଲାନି କି ? କିଛି କ୍ଷଣ ପାଇଁ ମାହୋଲ ପୁରା ଚୁପ୍ ପଡ଼ି ଯାଇଥିଲା । ସେ ଦୁହେଁ ବସିଥିବା ସ୍ଥାନରେ ପ୍ରସରି ଯାଇଥିଲା ନିରସତାର ସଘନ ବଳୟ । ସେ ନିରବତାକୁ ଭଙ୍ଗକଲା ମହିଳା ଜଣକର କରୁଣ ସ୍ୱର । ସେ ପଚାରିଲେ- " କ'ଣ ଆପଣ ଏବେ ବି ମୀନୁ କୁ ଭଲ ପାଆନ୍ତି ?" ଯୁବରାଜ୍ ଆଚମ୍ଭିତ ହୋଇ

କହିଲେ- " ଆଚ୍ଛା ଲୋକ ଆପଣ, ଇଏ କେମିତିକା ପ୍ରଶ୍ନ ଭଲା ! ମୀନୁ କୁ ମୁଁ ବହୁତ ଭଲପାଏ, ମୀନୁର କଥା ମନେ ପଡ଼ିଲେ ମୋ ହୃଦୟ ଚୈତନ୍ୟମୟ ପାଲଟିଯାଏ । ସେ ସଂପୁର୍ଣ୍ଣ ମାତ୍ରାରେ କବଳିତ କରିଛି ମୋ ଆତ୍ମାକୁ । ବୟସ ଯେତେଯେତେ ବଢ଼ୁଛି ତା'ପ୍ରତି ମୋ ଭଲ ପାଇବା ସେତିକି ଗୁରୁତର ହେବାକୁ ଲାଗିଛି ମୋ ଜୀବନର ମନ୍ତ୍ରମୁଗ୍ଧ ଅନୁଭବ ହେଉଛି ମୀନୁ । ମୁଁ ଯେତେ ନାରୀଙ୍କ ସଂଶର୍ପରେ ଆସିଛି କେହି ମତେ ମୀନୁ ପରି ଲାଗିନାହାନ୍ତି । କେହି ମୋ ମନକୁ ଛୁଇଁ ପାରିନାହାନ୍ତି । ସଭିଏଁ ଭଲପାଇଛନ୍ତି ମୋ ଦେହକୁ । ମୁଁ ଯାର ବି ସଜ୍ୟାସଙ୍ଗୀ ସାଜୁଥିଲି ମନେ ମନେ ମୀନୁ ପାଇଁ ଗାଉଥିଲି-

ପାପୀ ଦେହ ମୋର ଯାହା ପାଖେ ଥାଉ
ମନ ତମ ପାଖେ ଥାଏ,
ହୃଦୟ ମନ୍ଦିରେ ତୁମକୁ ବସାଇ
ପିରତି ବନ୍ଦନା ଗାଏ ।"

ଏସବୁ ଶୁଣିବା ପରେ ମହିଳା ଜଣକ ଆଉ କୋହ ସମ୍ଭାଳି ପାରିଲେନି । ଜୋର୍‌ରେ କାନ୍ଦି କାନ୍ଦି ଯୁବ୍‌ରାଜ୍‌ଙ୍କ ଛାତିରେ ଆଉଜି ପଡ଼ିଲେ । ଯୁବରାଜ୍ ତାଙ୍କ ପ୍ରତିକ୍ରିୟାରୁ ସଂପୁର୍ଣ୍ଣ ଆଚମ୍ଭିତା ଭକା ଛାଡ଼ି ଦେଖୁଥାନ୍ତି ଖାଲି । ତାଙ୍କ ମୁଣ୍ଡ ଆଉଁସିବାକୁ ଚାହୁଁଥିଲେ ହେଲେ ହାତ ଉଠିଲାନି । ସେ ଅତିଷ୍ଠା ହୋଇ ପଡୁଥିଲେ । ହେଲେ କିଛି କରି ପାରୁନଥାନ୍ତି, ଭାବୁଥାନ୍ତି, ମହା ଗୁଜବରେ ଫଶିଲା ମଣିଷ । ମହିଳା ଜଣକ ଏତିକି ବେଳେକାନ୍ଦ କାନ୍ଦ ସୁରରେ ଗୀତଟିଏ ବୋଲିଲେ-

"ମନ ଏମିତିକା ଚଢ଼େଇ ଟିଏ
ସହଜରେ ଧରା ଦିଏନା ଯିଏ
ଚତୁର ପଣରେ ଯେ' ଜାଳ ବୁଣିବ
ତାକୁ ଏକା ଧରି ପାରିବିଏ ।"

ହଠାତ୍ ଅନେକ ବର୍ଷ ପରେ ତାଙ୍କ ସ୍ୱରଚିତ ଗୀତ ଶୁଣି ଯୁବରାଜ୍‌ଙ୍କ ହୃଦୟ ସ୍ପଂଦନ ତିବ୍ରଗାମୀ ହୋଇଉଠିଲା । ଅବିଶ୍ୱାସ୍ୟ ପାଲଟି ଗଲା ବାତାବରଣ । କ୍ଷଣିକ ପାଇଁ ସ୍ୱପ୍ନ ଦେଖୁଥିବା ପରି ଲାଗିଲା ତାଙ୍କୁ । କାରଣ ସେ'ଜାଣି ସାରିଥିଲେ ମହିଳା ଜଣକ ମୀନୁ ବୋଲି । କାରଣ ଏ ଗୀତ କେହି ଜାଣିନଥିଲେ ତାଙ୍କ ଛଡ଼ା । ଉଭୟ ଆତ୍ମହରା ପ୍ରାୟ କାନ୍ଦିବାକୁ ଲାଗିଲେ । ଘନ ଘନ ଚୁମ୍ବନ ବର୍ଷା କଲେ ଉଭୟେ ଉଭୟଙ୍କ ଉପରେ । ଯୁବରାଜ୍ ପାଗଳ ପରି ଚିଲ୍ଲାଉଥାନ୍ତି- ଆଇ ଲଭ୍ ୟୁ ମୀନୁ.. ଆଇ ଲଭ୍ ୟୁ ମୀନୁ.. । ଆଉ ମୀନୁ ବି ଉତ୍ତର ଫେରାଉଥାନ୍ତି- ଆଇ ଲଭ୍ ୟୁ ଟୁ... ଆଇ ଲଭ୍ ୟୁ ଟୁ... । ତାଙ୍କୁ ଲାଗିଲା ଦେବତା ଗଣ ତାଙ୍କ ଉପରେ ସ୍ୱର୍ଗରୁ ଫୁଲ ବର୍ଷା କରୁଛନ୍ତି । ସେ ଫୁଲ ସେହ୍ନ ଓ ସରାଗର ଭଲ ପାଇବା ଓ ଅନୁରାଗର । ପ୍ରେମ ଓ ବନ୍ଧୁତାର । ବିଚ୍ଛେଦ ଓ ମିଳନର ।

ମୃଦୁ ସମୀରରେ ମର୍ମରିତ ହୋଇ ଉଠୁଥାଏ ତାଙ୍କ ତନୁମନ । ଦୁଖଃର ଅତ୍ୟାଚାରରେ ଶ୍ୟମଳିମା ହଜି ଯାଇଥିବା ମନ କାନନ ଦ୍ୱୟ ସୁରଭି ଉଠୁଥାଏ ଅଦିନ ବସନ୍ତର ମାଦକତାରେ । ଯୁବରାଜ ଥଟ୍ଟାରେ କହିଲେ- ଟିକେ ମୋଟି ହୋଇ ଯାଇଛ । ମୀନୁ ହସି କହିଲେ- ଆଉ ତମେ ଟିକେ ଚାନ୍ଦୁ ।

ମୁଁ ବାବାଙ୍କ ସହ ଚାଲି ଆସିଲି ମୁମ୍ବାଇ । ଆଶ୍ରମରୁ ଦୂର ତୁମଠୁ ଦୂର । ମନ ଆଦୌ ଭଲ ଲାଗୁ ନଥିଲେ ମଧ୍ୟ ସମୟର ତାଳେ ତାଳେ ପାଦ ବଢ଼େଇଲି । ତମେ ବହୁତ ମନେ ପଡୁଥିଲ । କାରଣ ମନେ ମନେ ମୁଁ ତୁମକୁ ବହୁତ ଭଲ ପାଉଥିଲି । ହେଲେ କହି ପାରୁ ନଥିଲି । ଭାବୁଥିଲତି ତମେ ଆଉ କାହାକୁ ଭଲ ପାଅ । ମୁଁ ଜାଣେ ବେଶୀ ମନେ ପଡ଼ିଲେ ନୀରବରେ ଲୁହ ଢ଼ାଳୁଥିଲି । ମାସେ ଦି ମାସ କଟିଲା ପରେ ଅବଗତ ହେଲି ଆଶ୍ରମର ଗୁଢ଼ ରହସ୍ୟ ସଂପର୍କରେ । ଏମିତି ଏକ ଧାର୍ମିକ ପରିବେଶରେ ଏପରି ଅସଙ୍ଗୀନ କାମ ହୁଏ ମୁଁ ଜମାରୁ ବିଶ୍ୱାସ କରି ପାରିନଥିଲି । ରାତ୍ରି ହେଲା ମାତ୍ରେ ଆଶ୍ରମ ଆଗରେ ବଡ଼ବଡ଼ ଗାଡ଼ି ମାନେ ଆସି ଠିଆ ହେଉଥିଲା । ସେହି ଗାଡ଼ିରୁ ବଡ଼ବଡ଼ ପୁଂଜିପତି ନେତା ମାନେ ଓହ୍ଲାଉ ଥିଲେ । ଆଶ୍ରମର ଝିଅଙ୍କୁ ଉପଭୋଗ କରି ସକାଳ ନହେବା ଆଗରୁ ଚାଲି ଯାଉଥିଲେ । ସେ ଝିଅ ମାନଙ୍କ ଭିତରେ ମୁଁ ମଧ୍ୟ ଥିଲି । ସେଠାରୁ ବହୁତ ଥର ଖସିବାକୁ ଚାହୁଁଥିଲି । କିନ୍ତୁ ସମ୍ଭବ ହେଇ ପାରୁନଥିଲା । ଥରେ ଆଲବର୍ଟ ନାମକ ଆମାୟିକ ବ୍ୟକ୍ତିଟିଏ ଆଶ୍ରମକୁ ଆସିଲେ । ସେ ମୋ ସହ ଖୁବ୍ ଭଲରେ କଥାବାର୍ତ୍ତା କରନ୍ତି । ମୁଁ ତାଙ୍କ ଖାଇବା, ପିଇବା ବୁଝୁଥିଲି । ମୁଁ ତାଙ୍କୁ ଦାମ୍ଭିକତା ସହ ସବୁ କହିଲି । ଯାହା ତାଙ୍କୁ କଠୋରାଘାତ କଲା । ସେ ମତେ ଆମେରିକାକୁ ନେଇ ଆସିଲେ । ମୁଁ ତାଙ୍କ ଝିଅର ପରିଚୟ ପାଇ ରହିଲି । କିନ୍ତୁ ସେ ପରିଚୟ ଟା ମଧ୍ୟ ଶୀଘ୍ର ହଜିଗଲା । ସେ ମତେ ଛାଡ଼ି ଆର ପାରିକି ଚାଲିଗଲେ । ସତରେ ଯୁବରାଜ ତମର ଓ ମୋ ଜୀବନଟା ପୁରା ଏକା ପରି... କହୁ କହୁ କାନ୍ଦି ପକାଇଲେ । ଆଉ ଆଗକୁ କିଛି କହିପରିଲେନି ।

ଜୋରରେ ଆଲିଙ୍ଗି ନେଲେ ଯୁବରାଜ୍‌କୁ । ନୀରବତାର ଆସର । ହେଲେ ସବୁକିଛି ଆଦାନ ପ୍ରଦାନ ସେଇ ନୀରବତାରେ ତାଙ୍କୁ ଲାଗୁଥିଲା ସେମାନେ ସବୁଦିନ ପାଇଁ ମୁକ୍ତି ପାଇ ଯାଉଛନ୍ତି ପରିଚୟ ହୀନତାର ବୋଝରୁ । ସକଳ ଦ୍ୱନ୍ଦର, ଚିନ୍ତାର.. ଅନ୍ଧାରକୁ ଦୂରେଇ ଦେବାକୁ ବଢୁଛନ୍ତି ଅବିବାଦରେ ନୂଆଁ ଏକ ଆଲୋକ ଆଡ଼କୁ... !

*ସା-କୁଶମେଲ, ପୋ.ଅ-କପିଳାପୁର,*
*ଭାୟା-ପଞ୍ଚଗାଁ, ଜି.-ଝାରସୁଗୁଡ଼ା*

# ଆଣ୍ଟିଚିନସ ଓ ବର୍ତ୍ତମାନର ବିସ୍ମୟକର ବିଜ୍ଞାପନ

- ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ

ଆଣ୍ଟିଚିନସ ହେଉଛି ସାଧାରଣ ମୂଷା ଆକୃତିର ଏକ ଶିଶୁଧାନୀ ଥଳୀ ଧାରୀ ଜୀବ ଯାହାରକି ଅନ୍ୟ ସ୍ତନ୍ୟପାୟୀ ପ୍ରାଣୀର ଶରୀର ତୁଳନାରେ ଏକ ବୃହତ ଅଣ୍ଡକୋଷ ରହିଥାଏ । ଏହି ମୂଷାଜାତୀୟ ଜୀବଟି ଅଷ୍ଟ୍ରେଲିଆ, ଟାସମାନିଆ ଓ ନିଉଗିନୀରେ ଦେଖାଯାଇଥାଏ । ଏମାନେ ଖାଦ୍ୟ ପାଇଁ ମୁଖ୍ୟତଃ ବୃକ୍ଷ ଓ ଭୂମିରେ ଥିବା କୀଟପତଙ୍ଗ ଉପରେ ନିର୍ଭରଶୀଳ । ଏହି ମୂଷା ମାନେ ଆର୍ଦ୍ର ଓ ବର୍ଷାବନର ବୃକ୍ଷ କୋଟରରେ ଦଳଗତ ବାସ କରିଥାନ୍ତି । ପ୍ରାପ୍ତ ବୟସରେ ସେମାନଙ୍କର ଲମ୍ବ ୮୦ ରୁ ୧୨୦ ମିଲିମିଟର ପର୍ଯ୍ୟନ୍ତ ହୋଇଥିବା ବେଳେ ଓଜନ ୧୭୦ ଗ୍ରାମ ପର୍ଯ୍ୟନ୍ତ ହୋଇଥାଏ । ଏହି ପ୍ରଜାତିର ପୁରୁଷ ମୂଷା ମାନେ ଜୀବନରେ ଥରେ ମାତ୍ର ସହବାସ କରିଥାନ୍ତି ଏବଂ ପ୍ରତ୍ୟେକ ସହବାସ ଋତୁପରେ ଏହାର ମୃତ୍ୟୁ ସୁନିଶ୍ଚିତ । ଅଷ୍ଟ୍ରେଲିଆର ଜୀବନ ବିଜ୍ଞାନୀମାନେ ଏହି ପ୍ରଜାତିର ୧୩ଗୋଟି ଜୀବଙ୍କୁ ଠାବ କରିଛନ୍ତି ଯେଉଁ ମାନଙ୍କର କି ଆତ୍ମଘାତି ଯୌନପ୍ରବୃତ୍ତି / ଅଭିଳାଷ ରହିଥାଏ । ବର୍ତ୍ତମାନ ଏପରି ଏକ କୃଷ୍ଣ ଲାଂଜ ବିଶିଷ୍ଟ ଆଣ୍ଟଇଚିନସ ମୂଷା ସନ୍ଧାନକରାଯାଇଛି ଯାହାର ଅଣ୍ଡିରା ମୂଷାମାନେ ସହବାସ ଋତୁ ପରେହିଁ ମୃତ୍ୟୁବରଣ କରିଥାନ୍ତି । ବୈଜ୍ଞାନିକମାନେ ଏହାକୁ ଆତ୍ମଘାତି ସହବାସ ହିସାବରେ ଦେଖଥାଆନ୍ତି । ଏହା ଅନ୍ୟ ପ୍ରକାରରେ ପ୍ରକୃତିର ବିକାଶବାଦୀ ପରୋପକାରିତା ଭାବେ ଗଣାଯାଇଥାଏ । ଏହାର ଅନୁଧ୍ୟାନ କଲେ ଏପରି ଲାଗିବ ସତେଯେପରି ଖାଦ୍ୟପାଇଁ ହେଉଥିବା ସଂଘର୍ଷରୁ କ୍ଷାନ୍ତ ହେବାପାଇଁ ପୁରୁଷ ମୂଷାମାନେ ନିଜ ଜୀବନକୁ ବଳିଦାନ ଦେଇଥାନ୍ତି ଯାହା ସେମାନଙ୍କ ଔରଶରୁ ଜନ୍ମଲାଭ କରୁଥିବା ଶିଶୁ ମୂଷାମାନଙ୍କୁ ଖାଦ୍ୟାଭାବରୁ ମୁକ୍ତ ରଖିବ । ଏଣୁ ଅଣ୍ଡିରା ମୂଷାମାନେ ନିଜର ଉତ୍ତରାଧିକାରୀଙ୍କୁ ଜନ୍ମଦେବା ପାଇଁ ଏପରି ଉନ୍ମତ୍ତ ହୋଇ ନିରବିଚ୍ଛିନ୍ନ ସହବାସ କରିଥାନ୍ତି ଯାହା ଫଳରେ ସେମାନେ ଅତ୍ୟନ୍ତ ଚାପଗ୍ରସ୍ତ ଓ କ୍ଲାନ୍ତ ହୋଇପଡ଼ନ୍ତି । ଖାଦ୍ୟ ଓ ବିଶ୍ରାମ ଅଭାବରୁ ସେମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ସମ୍ପୂର୍ଣ୍ଣ ନଷ୍ଟ ହୋଇ ଆଭ୍ୟନ୍ତରୀଣ ରକ୍ତଶ୍ରାବ ଓ ସଂକ୍ରମଣ ହୋଇ ମୃତ୍ୟୁମୁଖରେ ପଡ଼ିଥାନ୍ତି । କୁଇନସ୍-ଲାଣ୍ଡ ବିଶ୍ୱବିଦ୍ୟାଳୟର ଗବେଷକ ଡଃ.ଡାଏନା ଫିଶର ଓ ତାଙ୍କ ସହକର୍ମୀ ବୈଜ୍ଞାନିକ ମାନଙ୍କ ଗବେଷଣାଧର୍ମୀ ଅଧ୍ୟୟନରୁ ଜଣାଯାଏ ଯେ ଏହି ଆଣ୍ଟିଚିନସ ମୂଷା ମାନଙ୍କର ସହବାସ ପ୍ରକ୍ରିୟା ୧୨ ରୁ ୧୪ ଘଣ୍ଟାଶ ପର୍ଯ୍ୟନ୍ତ ଦୀର୍ଘ ହୋଇଥାଏ ଏବଂ ସେମାନେ ଏହି ପ୍ରକ୍ରିୟା ବାରମ୍ବାର କରିଥାନ୍ତି । ଏହି ପ୍ରଜାତିର ମୂଷା ୧୧ ମାସ ବୟସ ହେବା ପରଠୁ ଏହାର ବୀର୍ଯ୍ୟ ସୃଷ୍ଟି ହେବାରେ ଲାଗିଥାଏ ଯାହା ଫଳରେ ସେ ସହବାସକ୍ରିୟା ଯୋଗ୍ୟ ହୋଇପାରିଥାଏ । ସେମାନଙ୍କର ଅଧିବୃଷଣରେ ଏହି ବୀର୍ଯ୍ୟ ସଂଗୃହୀତ ହୋଇରହିଥାଏ । ଯାହାଫଳରେ ସେମାନଙ୍କ ପରିଶ୍ରାରେ ମଧ୍ୟ ଏହା ନିର୍ଗତ ହେବାର ଆଶାଙ୍କା ଥାଏ । ଏଣୁ ସେମାନେ ଏକପ୍ରକାରେ ଚକ୍ରାକିନ ସଂଗମ କରିବାକୁ ବାଧ୍ୟ ହୋଇଥାନ୍ତି । ଏଣୁ ପ୍ରକୃତିରେ ସେମାନଙ୍କ ଏପରି ଶାରୀରିକ ସଂରଚନା ହେତୁ ସେମାନଙ୍କ ସଂଗମ ଅତ୍ୟନ୍ତ ଉନ୍ମତ୍ତ ହୋଇଥାଏ । ଅନ୍ୟଥା ସେମାନେ ସନ୍ତାନ ଉତ୍ପାଦନ କରିପାରନ୍ତେ ନାହିଁ । ଏଣୁ ସହସ୍ର ସଂଖ୍ୟାରେ ଅଣ୍ଡିରା ଆଣ୍ଟିଚିନସ ମୂଷା ଓସିନିଆ ଜଂଗଲରେ ଅଗଷ୍ଟରୁ ସେପ୍ଟେମ୍ବର ମାସରେ ସଂଗମ ସାଥି ଖୋଜିବାକୁ ଏକାବେଳକେ ବାହାରନ୍ତି । କାରଣ ସୀମିତ ସମୟ ମଧ୍ୟରେ ସୀମିତ ସଂଖ୍ୟାରେ ଯୋଗ୍ୟ ସହବାସ ସାଥି ମିଳିବେ ବୋଲି ସବୁ ପୁରୁଷ ଆଣ୍ଟିଚିନସ ମୂଷା ଜାଣିଥାନ୍ତି । ଯାହା ସେମାନଙ୍କ ଭାବି ବଂଶଧର ଉତ୍ପାଦନ ପାଇଁ ନିହାତି ଆବଶ୍ୟକ । ତେଣୁ ପ୍ରତ୍ୟେକ ଅଣ୍ଡିରା ଆଣ୍ଟିଚିନସ ମୂଷା ନିଜ ବଂଶବୃଦ୍ଧି କରିବାର ଅତ୍ୟନ୍ତ ଚାପ ହେତୁ ସେମାନଙ୍କ ପ୍ରତିପକ୍ଷମାନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିଥାନ୍ତି । କିନ୍ତୁ ସେମାନେ ପଞ୍ଝା ଓ ଦାନ୍ତରେ ଲଢ଼େଇ କରିନଥାନ୍ତି । ବରଂ ସେମାନଙ୍କ ବୀର୍ଯ୍ୟମାନଙ୍କ ମଧ୍ୟରେ ଏକ ପ୍ରକାରର ଲଢ଼ାଇ ହୋଇଥାଏ । ବୈଜ୍ଞାନିକ ଭାଷାରେ ଏହାକୁ ପ୍ରତିସ୍ପର୍ଦ୍ଧା ସଂଗମ କୁହାଯାଏ । ଯେଉଁଠି ବହୁ ଅଣ୍ଡିରା ମୂଷା ଏକ ମାଈ ମୂଷା ସହ ସଂଗମ କରିଥିଲେ ମଧ୍ୟ ମାଈ ମୂଷାଟି ସବୁଠାରୁ ଶକ୍ତିଶାଳୀ ବୀର୍ଯ୍ୟ

ଥିବା ଜଣେମାତ୍ର ମୂଷାର ସନ୍ତାନକୁ ଗର୍ଭରେ ଧରାଣ କରି ଜନ୍ମଦେଇଥାଏ । ଏଥିପାଇଁ ମାଈ ମୂଷା ସଂଗମ ଋତୁ ଶେଷ ନହେବା ପର୍ଯ୍ୟନ୍ତ ନିଜର ଗର୍ଭାଶୟ ଭିତରେ ଥିବା ଶୁକ୍ରାଣୁ ଥଳିରେ ସହବାସ କରିଥିବା ସମସ୍ତ ଅଣ୍ଡିରା ମୂଷାଙ୍କ ଶୁକ୍ର ସଂଚୟ କରି ରଖିଥାଏ । ଏହା ଫଳରେ ମାଈ ମୂଷାମାନେ ହିଁ ଲାଭାନ୍ୱିତ ହୋଇଥାଆନ୍ତି । କାରଣ ସେମାନେ ବିନା ରକ୍ତାକ୍ତ ସଂଘର୍ଷରେ ସର୍ବୋତ୍କୃଷ୍ଟ ପୁରୁଷ ମୂଷାର ବୀର୍ଯ୍ୟକୁ ଧାରଣକରି ତାର ସନ୍ତାନକୁ ଜନ୍ମ ଦେଇପାରିଥାନ୍ତି । ଏହି ପ୍ରଜାତିର ସମସ୍ତ ମାଈମୂଷା ଏହି ପ୍ରକାରେ ଗର୍ଭଧାରଣ କରିଥାନ୍ତି । ମାଈମୂଷା ମାନଙ୍କର ଜୀବନ ଅବଧି ୨ ରୁ ୩ବର୍ଷ ପର୍ଯ୍ୟନ୍ତ ହୋଇଥାଏ । ସେମାନେ ଏକାବେଳକେ ୪ରୁ ୧୦ ଟି ଛୁଆ ଜନ୍ମଦେଇଥାନ୍ତି ଓ ଛୁଆମାନେ ବଡ଼ ହୋଇଗଲେ ଅଧିକ ସମୟ ସଂଗମକ୍ଷମ ହେବାକୁ ଯେଉଁ ପୁରୁଷତ୍ତ୍ୱର ଆଖ୍ୟା ଓ ମହତ୍ୱ ଦିଆଯାଇଛି, ତାହା ଏହି ମୂଷା ପ୍ରଜାତିର ମାନସିକତାକୁ ଦର୍ଶାଉଛି କି ? ବିଭିନ୍ନ ଔଷଧ ନିର୍ମାତାଙ୍କ ଦାବୀ ଓ ବିଜ୍ଞାପନ ଆମ ଯୁବ ସମାଜକୁ ଭ୍ରାନ୍ତ ଧାରଣା ଦେବାସହ ସେମାନଙ୍କ ଶକ୍ତି ଓ ଶାନ୍ତି ନଷ୍ଟ କିରବାରେ ଏକ କଦର୍ଯ୍ୟ ଭୂମିକା ଗ୍ରହଣ କରୁଛି । ଅଧିକ ସମୟଧରି ସହବାସର କୁପ୍ରଭାବ କିପରି ଶରୀର ଉପରେ ପଡ଼ିଥାଏ ତାହା ଏହି ଗବେଷଣାରୁ ଜଣାପଡ଼େ । ସଂଗମ ପ୍ରବଣତା କୌଣସି ଅତ୍ୟନ୍ତ ଉଚ୍ଚମାନର ପୁରୁଷାର୍ଥର ଏକମାତ୍ର ଲକ୍ଷଣ ନୁହେଁ ଏହା ପ୍ରମାଣିତ । ନଚେତ ପୁରୁଷ ଆଣ୍ଟିଚିନସ ମୂଷା ପରି ଶାରୀରିକ ସଂରଚନାର ଅନୁରଣରେ ଆମ ଈଶ୍ୱର ପ୍ରଦତ୍ତ ବହୁମୂଲ୍ୟ ଜୀବନ ନଷ୍ଟ ହୋଇଯାଇପାରେ ।


ମଣ୍ଡଳ ଅଧିକାରୀ ମଣ୍ଡଳ ନଂ - ୩

ରେଙ୍ଗାଳି ଜଳସେଚନ ଯୋଜନା ।





# ଅଛୁଆଁ ବଟିକା

**– ପ୍ରିୟଦର୍ଶିନୀ ମହାନ୍ତି**

ଗାଁଟିର ନାମ ରତନପୁରା । ଚାରିପାଖରେ ପାହାଡ଼ । ଗାଁ ପାଖ ଦେଇ ଝରଣାଟି ବହିଯାଇଛି । ଗାଁର ଆରମ୍ଭରେ ବୁଢ଼ା ବରଗଛଟିଏ । ପାଖକୁ ଲାଗି ରତନପୁର ପ୍ରାଥମିକ ବିଦ୍ୟାଳୟ । ଗାଁର ଶେଷ ମୁଣ୍ଡରେ ଶିବ ମନ୍ଦିରଟିଏ । ଗାଁର ମୁଖିଆ ଲୋକମାନଙ୍କର ଭଲ ମନ୍ଦ, ନ୍ୟାୟ ନିଶାବ ବୁଝନ୍ତି । ସୁନାମଣି ବୋଲି ସ୍ତ୍ରୀ ଲୋକଟି ତା ଆଠ ବର୍ଷର ପୁଅ ଦୈତାରି ସହ ସେଇ ଗାଁରେ ରୁହେ ।

ସୁନାମଣି ନୀଚ୍ଚ ଜାତିର ଗରିବ ବିଧବା ସ୍ତ୍ରୀଲୋକଟିଏ । ଦୈତାରିକୁ ପାଂଚ ବର୍ଷ ହୋଇଥିଲା ବେଳେ ତା ବାପା ତାକୁ ଛାଡ଼ି ଆରପାରିକୁ ଚାଲିଗଲେ । ଗାଁରେ ଆର ତା'ର ଘରର ବାସି ପାଇଟି କରି ସୁନାମଣି ଗୁଜୁରାଣ ମେଣ୍ଟାଏ । ଜମି ଖଣ୍ଡକରେ ଚାଷବାସ କରି ମାଆପୁଅ ଯେମିତି ସେମିତି ଚଳି ଯାଆନ୍ତି । ସ୍ୱାମୀ ମରିଯିବା ପରେ ଏଇ ଦୈତାରି ମୁହଁକୁ ଚାହିଁ ସେ ବଂଚିଛି । ପୁଅକୁ ପାଠ ପଢ଼ାଇ ଭଲମଣିଷ କରି ଗଢ଼ିତୋଳିବାକୁ ତା'ର ଇଚ୍ଛା । ହେଲେ କ'ଣ ହେବ ? ଦଇବ ତ ଦାଉ ସାଧୁଛି । ସହଜେ ତ ବାପ ଛେଉଣ୍ଡ, ପଇସା ପତର ଅଭାବ, ତା ଉପରେ ପୁଣି ଛୋଟ ଜାତି ବୋଲି ଗାଁରେ କାହାକୁ ଛୁଇଁବା ମନା । କେମିତି ବା ସ୍କୁଲ ଯିବ ? ସ୍କୁଲ ଯିବା ନାଁ ଶୁଣିଲେ ବି ଗାଁଲୋକ ମାରି ପକେଇବେ । ଆମର କାଇଁ ବା ସାହସ । ଆମେ ତ ମଳି ମୁଣ୍ଡିଆ ଲୋକ ।

ପାଖ ଖେଳପଡ଼ିଆରେ ଗାଁପିଲା ଖେଳିବାର ଦେଖି ଦୈତାରି ମଧ ଦୌଡ଼େ ଖେଳିବାକୁ । ତାକୁ ଦେଖିବାମାତ୍ରେ ପିଲାଏ ଖେଳ ବନ୍ଦ କରି ତା' ଠାରୁ ଦୂରେଇ ଠିଆ ହୁଅନ୍ତି । ଆଉ କେବେ କେବେ ଦୈତାରିକୁ ଦେଖିବା କ୍ଷଣି ଯେ ଯାହା ଘରକୁ ପଳାନ୍ତି । ଥରେ ଦୈତାରି ଖେଳିବା ପାଇଁ ସେମାନଙ୍କ ପାଖକୁ ଗଲା ଓ ସେମାନଙ୍କ ସହ ଖେଳିବ ବୋଲି କହିଲା । ଗାଁ ପିଲାମାନେ ଏକ ସ୍ୱରରେ କହିଲେଏ "ତତେ ଛୁଇଁବାକୁ ଘରେ ମନା କରିଛନ୍ତି । ସାଂଗ ହୋଇ ଖେଳିବୁ କେମିତି ?" ଏଇ କଥା ଶୁଣି ଦୈତାରି କାନ୍ଦିଉଠିଲା । ତା' ମନରେ ଭାରି ଆଘାତ ଲାଗିଲା । ତା' ମନରେ ଅନେକ ପ୍ରଶ୍ନ – "କ'ଣ ସିଏ ଭୁଲ କରିଛି ? କ'ଣ ପାଇଁ କେହି ତା ସହ କଥା ହେଉନାହାନ୍ତି କି ସାଂଗ ହେଉନାହାନ୍ତି ? କ'ଣ ପାଇଁ କେହି ଛୁଉଁ ନାହାନ୍ତି ?" ସେ ତ ଏଡ଼ିକି ବକଟେ ପିଲା । ଏତେ କଥା କାଇଁ ଜାଣିବ ।

ସେ ଦିନ ରାତିରେ ମାଆ ପୁଅ ଦୁହେଁ ଶୋଇଥିଲେ । ଦୈତାରି ମାଆକୁ ପଚାରିଲା, ' କ'ଣ ପାଇଁ ମୋ ସହ କେହି ଖେଳୁ ନାହାନ୍ତି କି ସାଂଗ ହେଉନାହାନ୍ତି ?' ସବୁ ପିଲା ସ୍କୁଲ ଯାଉଛନ୍ତି । ମତେ ବି ଇଚ୍ଛା ସ୍କୁଲ ଯିବାକୁ । ପାଠ ପଢ଼ିବାକୁ । ମତେ କ'ଣ ପାଇଁ ସ୍କୁଲକୁ ଛାଡୁନୁ ? ଏକା ସମୟରେ ଦୈତାରିର ଏଭଳି ଅନେକ ପ୍ରଶ୍ନର ଉତ୍ତର କ'ଣ ବା ଦେବ ସୁନାମଣି । ରାତି ବହୁତ ହେଲାଣି କହି କଥାକୁ ଏଡ଼ାଇ ସୁନାମଣି ଶୋଇପଡ଼ିବାକୁ ଦୈତାରିକୁ କହିଲା । ହେଲେ ଦୈତାରିର ଏକା ଜିଦ ସେ ଯେମିତି ହେଲେ ଜାଣିବ ସବୁକଥା ।

ସୁନାମଣି ନିଜ କାନ୍ଦକୁ ଅଟକାଇ କୋହଭରା ସ୍ୱରରେ କହିଲା, "ତୁ ଖାଲି ଏତିକି ଜାଣେରେ ପୁଅ, ଆମେ ହେଲୁ ଅଛୁଆଁ । ଆମକୁ ଛୁଇଁବା, ଆମ ସହ କଥା ହେବା ମନା । ଆମ ସହ ଯିଏ କଥା ହେବ କି ଆମକୁ ଯିଏ ଛୁଇଁବ ଗାଁ ମୁଖିଆ ତାକୁ ଗାଁରୁ ବାସନ୍ଦ କରିଦେବେ ।" ପୁଣି ଦୈତରାରି ଉତ୍କଣ୍ଠାର ସହ ପଚାରିଲା, "ମା ଏଇଟା କ'ଣ ଗୋଟେ ରୋଗ ?" ସୁନାମଣି ଦୀର୍ଘ ନିଶ୍ୱାସ ଛାଡ଼ି କହିଲଶ, "ହଁ ରେ ପୁଅ ଗୋଟେ ସାଂଘାତିକ ରୋଗ ।" ଆଉ କିଛି ଦୈତାରି ପଚାରିବାକୁ ଉଦ୍ୟମ କରନ୍ତେ ମାଆ ତାକୁ ତାଗିଦ କରି ଶୋଇପଡ଼ିବାକୁ କହିଲେ । ଦୈତାରି ଶୋଇ ଶୋଇ ଭାବୁଥାଏ ଏଇ ଅଛୁଆଁ ପାଇଁ ଏତେ କଥା । କାଲି ସକାଳକୁ ମୁଁ ସବୁ ଠିକ୍ କରିଦେବି ।

ସକାଳ ହେବାମାତ୍ରେ ସୁନାମଣି କାମରେ ବାହାରି ପଡ଼ିଲା । ଦୈତାରି ଘଡ଼ିରୁ ପଇସା କାଢ଼ି ଏକମୁହାଁ ହୋଇ ଚାଲିଲା ଗାଁ ପାଖ ବଜାରକୁ । ଖୋଜି ଖୋଜି ଗୋଟେ ଔଷଧ ଦୋକାନକୁ ଗଲା । ଦୋକାନୀକୁ ପଇସା ବଢ଼େଇ ଦେଇ ଦୁଇଟି ଅଛୁଆଁ ବଟିକା ମାଗିଲା । ଗୋଟେ ମାଆ ପାଇଁ ଆଉ

ଗୋଟେ ନିଜ ପାଇଁ । ଦୋକାନୀ ଦୈତାରି କଥା ଶୁଣି ଠୋ-ଠୋ ହୋଇ ହସି କହିଲା, "ଆରେ ପାଗଳଟା କି, ଏମିତି ବଟିକା କିଛି ନାହିଁ।" ଦୈତାରି ଜିଦି କରି ମାଗିବାରୁ ଦୋକାନୀ ତାକୁ ଧକ୍କାମାରି ରାସ୍ତାକୁ ଠେଲିଦେଲା । ତେଣେ ସୁନାମଣି କାମରୁ ଫେରି ଦୈତାରିକୁ ଗାଁସାରା ଖୋଜି ଖୋଜି ହାଲିଆ ହୋଇ ଦାଣ୍ଡ ପିଣ୍ଡାରେ ବସିପଡ଼େ ତ ଦେଖିଲା ଦୈତାରି କାନ୍ଦି କାନ୍ଦି ଆସୁଛି । ଦୈତାରିକୁ ଦୂରରୁ କାନ୍ଦି କାନ୍ଦି ଆସୁଥିବାର ଦେଖି ସୁନାମଣି ଦୌଡ଼ି ଯାଇ ପଚାରିଲା, "ଧନରେ ମତେ ନ କହି କୁଆଡ଼େ ଯାଉଥିଲୁ ? କେତେ ଖୋଜିଲାଣି ତତେ ମୁଁ । ଆଉ ଏ ହାତରେ ପଇସା ଧରିଛୁ ? କୋଉଠୁ ଆଣିଲୁରେ ବାବୁ ? ଦୈତାରି କାନ୍ଦି କାନ୍ଦି କହିଲା, "ମାଆ ମୁଁ ଘଡ଼ିରୁ ପଇସା ନେଇ ଗାଁପାଖ ବଜାରକୁ ଯାଇଥିଲି ଅଛୁଆଁ ବଟିକା ଆଣିବାକୁ । ତୁ ତ କହୁଥିଲୁ ଆମକୁ ଅଛୁଆଁ ରୋଗ ହୋଇଛି । ସେଥିପାଇଁ କେହି ଛୁଉଁ ନାହାନ୍ତି ରୋଗ ଡେଇଁଯିବା ଭୟରେ ।"

ପୁଅର ଏ କଥା ଶୁଣି ମାଆ ଭୋ-ଭୋ ହୋଇ ପୁଅକୁ କୋଳେଇ ଧରି କାନ୍ଦି କହିଲା, "ହଁରେ ପୁଅ ଏଇଟା ଗୋଟାଏ ରୋଗ । ଏ ରୋଗ ଆମ ବଂଶଗତ । କେବେବି ଭଲ ହେବନି ଏ ରୋଗ । ଆଉ ଏ ରୋଗର ବଟିକା ପଇସା ଦେଇ କିଣାଯାଇ ପାରେନା । ସମାଜରେ ଚାଲୁଥିବା ଉଚ୍ଚଲୋକଙ୍କ ମାନସିକ ନ ବଦଳିବା ଯାଏ ଆମକୁ ଏ ରୋଗ ଭୋଗ କରିବାକୁ ପଡ଼ିବ । କେବଳ ଆମେ ନୁହେଁ ଆମ ଭଳି ଅନେକ ଲୋକ ଏ ରୋଗର ଶିକାର । ବାବୁରେ ତୁ ବଡ଼ ହେଇଯା, ଏ ରୋଗ ବିଷୟରେ ଭଲରେ ଜାଣିବୁ ।" ଏତିକି କହି ସୁନାମଣି ଦୈତାରିର ହାତ ଧରି ଘର ଭିତରକୁ ନେଇଗଲା ।

*ଏସ.ଆର ୭ ଚକ୍ରପାଣି ରୋଡ଼ - ୪*
ପାଣ୍ଡବନଗର, ଭୁବନେଶ୍ୱର

VS ACADEMY
(A WAY TO SUCCESS)
FOR +2 & +3 ARTS (ALL SUBJECTS)
& ALSO H.S.C (CLASS VIII TO X)
Where Ordinary Converts into Extraordinary
MATRUMANGALA CAMPUS, TINIKONIA BAGICHA, CUTTACK - 1
CONTACT : 8270602223 , 8328896892

# ତୁମ ବିନା

- ସୁଜାତା ସାହୁ

ସବୁବେଳେ କହୁଥିଲ ଉପନ୍ୟାସ, କବିତା, ଗପ ଏତେ ପଢୁଛ । କିଛି ଲେଖାଲେଖି ବି କଲଣି । ହେଲେ କେବେ ହେଲେ ତ ମୋ ପାଇଁ କିଛି ଲେଖୁନ । ଆଜି ଯେତେବେଳେ ଇଚ୍ଛା ହେଉଛି ତୁମ ପାଇଁ କିଛି ଲେଖିବାକୁ ଶବ୍ଦଗୁଚ୍ଛ ସବୁ ଅମାନିଆ ହୋଇ ଯେମିତି କୁଆଡ଼େ ପଳଉଛନ୍ତି । କଲମମୁନ ସହ ଯେମିତି ତାଙ୍କର ଭଗାରୀ ସମ୍ପର୍କ । ମୋ ହୃଦୟ ବେଦନା ସହିତ ତାଙ୍କର ତାଳମେଳ ଖାଉନି ଯେମିତି । କାହିଁକି ସେମାନେ ବି ତମ ଭଳି ମୋତେ ହତାଦର କରୁଛନ୍ତି । ନାଁ, ମୁଁ ଆଜି ସେମାନଙ୍କ ଆଗରେ ହାରମାନିବିନାହିଁ । ମୋ ସଂକଳ୍ପରୁ ମୁଁ ଦୂରେଇ ଯିବି କେମିତି । ନିଶ୍ଚିତ ଲେଖିବି ସେ ହୃଦୟଭଙ୍ଗା କାହାଣୀ ।

ତମେ ଗଲାପରେ କେମିତି ଅଛି ମୁଁ ଜାଣିଛ । ବଂଚିଛି ନିଶ୍ଚୟ କିନ୍ତୁ ମୃତ୍ୟୁଦଣ୍ଡଠୁ ଅଧିକ ଦଣ୍ଡ ମୁଁ ପାଇଛି । ମୋ ମରୁଭୂମିର ତୁମେ ଥିଲ ମୃଗତୃଷ୍ଣା । ପ୍ରେମ ତ ଶାଶ୍ୱତ । ତୁମେ ତାକୁ କଳଙ୍କିତ କରିଦେଲ କାହିଁକି । ରାଧାକୃଷ୍ଣଙ୍କ ପ୍ରେମ ଅମର ବୋଲି ମୁଁ କହୁଥିଲି । ହେଲେ ତୁମେ ତ ମୋତେ ମୀରା କଥା କହୁଥିଲ । କେତେ ପବିତ୍ର ସେ ମୀରାର ପ୍ରେମ । କେବେ ତ ପ୍ରେମରେ ପାଇବାର ଇଚ୍ଛା ନଥାଏ । ସେ ତ ଯେମିତି ପ୍ରେମରେ ବାନ୍ଧା ପଡ଼ିଥିଲେ । ତମକୁ ଏସବୁ କହିକି କ'ଣ ଲାଭ ।

ତମେ କ'ଣ ସତରେ ବୁଝିଛ ପ୍ରେମର ଅର୍ଥ
ତମେ ଜାଣିଛ ତମ ବିନା ମୁଁ କେମିତି ଅଛି ?

ନିଶ୍ୱାସ ଅଛି ହେଲେ ଜୀବନ ନାହିଁ । ହୃଦୟ ଅଛି ହେଲେ ସ୍ପନ୍ଦନ ନାହିଁ । ଜାଣିଛ କେତେ ମନେ ପକେଇଛି ତୁମକୁ । କେତେ ଖୋଜିଛି ମୁଁ ବାୟାଣୀ ହୋଇ କାହିଁକି ମୁଁ ପ୍ରେମ ପାଲେଳି ଥିଲି । ମୁଁ ତ କେବେ କହିନି ମୋ ହାତଧରି ରାଜଧାନୀର ରାଜରାସ୍ତାରେ ଚାଲିବାକୁ । କେବେ ତ କହିନି ପାର୍କ ରେ ବସି ଦିପଦ କଥା ହେବାପାଇଁ । କେବେ ତ କିଛି କିହନି ନା ସପିଂଗ ନା ସମୁଦ୍ରକୂଳ । ଖାଲି ମାଗିଥିଲି ଟିକେ ଭଲପାଇବା । ତମେ ତ ଦିନେବି ଏଇଆ ନୁହେଁ ଯେ ଅନ୍ୟମାନଙ୍କୁ ଦେଖି ମୋ ମନ କିଛି ହଉନି । ମୁଁ ଜାଣେ ନା ଏଗୁଡ଼ାକ ତମର ପସନ୍ଦ ନା ମୋର । ହେଲେ ଝିଅପିଲାଟା । ମନ ତ ନିଶ୍ଚୟ ହେବ । ଆଜିକା ସମୟରେ ପିଲାମାନେ ମୋବାଇଲରେ ଯେତେ ରହୁଛନ୍ତି ତମେ ତ ଗୋଟେ କଲ କଲନି । ସୋସିଆଲ ମିଡ଼ିଆରେ ନା ତମେ ଆକ୍ଟିଭ ନା ମୁଁ । ହେଲେ କେଜାଣି କାହିଁକି ଭାରି ମନେପଡ଼ ତମେ । ମାନୁଛି ତୁମଠୁ ଦୂରେଇଯିବା ମୋର ନିଷ୍ପତ୍ତି ଥିଲା । ହେଲେ ମୁଁ କ'ଣ କରିଥାନ୍ତି । ତମେ ମୋ ସହ ଛଳନା କରିନ କି ?

ଯେତେବେଳେ ଆମେ ଦୁହେଁ ବାଣୀବିହାରରେ ପଢୁଥିଲେ । ସହପାଠୀ ହୋଇମଧ୍ୟ କେହି କାହାସହ କଥା ହୋଇନଥିଲେ । ସେଦିନ ଡିପାର୍ଟମେଣ୍ଟ ପିକନିକ୍ ରେ ତମସହ କଥା । ସେଦିନ ଅନ୍ତାକ୍ଷରୀ ଖେଳିଲାବେଳେ ତମେ କେତେ ସୁର କିର ବି ମାନୁ ନଥିଲା । ସେଦିନ ଝରକା ପାଖରେ ବସିଥିଲି ବୋଲି ତମେ କହୁଥିଲ ମୋର ଥଣ୍ଡା ଦେହ, ତମେ ମୋ ସିଟକୁ ପଳେଇଆସ । ମୁଁ ବଡ଼ ଆଶାବାଦୀ ହେଇଥିଲି ଆଉ ଚିଡ଼ିଥିଲି ବି । ଆରେ ମୁଁ ତ ଫ୍ରେଣ୍ଡ । ମୁଁ ଭାବୁଥିଲି ତୁମ ଫ୍ରେଣ୍ଡସିପ ବହୁତ ମଜବୁତ୍ । ଜୁନ୍ ୧୬ ରେ ତମର ଇଣ୍ଟରଭ୍ୟୁ ଥିଲା । ସେଦିନ ମୁଁ କିଛି ଖାଇ ନଥିଲି । ଅପେକ୍ଷା କରିଥିଲି ତମ ଇଣ୍ଟରଭ୍ୟୁ କେମିତି ହେଲା । ରେଜଲ୍ଟ ଶୁଣିକି ବହୁତ ଖୁସିହେଲି । ହେଲେ ଜାଣିନଥିଲି ଏଇଟା ଆମ ସମ୍ପର୍କର ଶେଷ । ସେଦିନ ତମେ ପ୍ରପୋଜ କରିବ ବୋଲି ମୁଁ ଭାବି ନଥିଲି । ବିଶ୍ୱାସ କର କିଛିସମୟ ପାଇଁ ମୁଁ ବହୁତ ଖୁସି ହେଇଥିଲି । ସମସ୍ତେ ଚାହାଁନ୍ତି ଭଲ ଜୀବନସାଥୀ ପାଇବା ପାଇଁ । ହେଲେ ନିଜ ବେଷ୍ଟଫ୍ରେଣ୍ଡକୁ ଜୀବନସାଥି କିରବାର ଭାଗ୍ୟ ସମସ୍ତଙ୍କର ନଥାଏ । ବିଶ୍ୱାର କର କେତେ କଷ୍ଟ ମୁଁ ପାଇଛି ସେଦନ । ଜୀବନସାଥି ହେଇପାରିବିନି କହିଲା ପରେ ତମେ ବହୁତ ଭାଂଗିପଡ଼ିଥିଲ । ତମ ମନକୁ ତ ତମେ ବୁଝେଇଦେଲ ହେଲେ ମୋ ମନକୁ କେମିତି ବୁଝେଇବି । ମୁଁ ତୁମ ବିନା କେମିତି ନିସ୍ୱ ହେଇଯାଇଛି । ତମ ଫ୍ରେଣ୍ଡସିପକୁ ମୁଁ ବହୁତ ମିସ୍ କରୁଛି ।

ତା ପରବର୍ଷ ସାଙ୍ଗମାନଙ୍କ ସହ ଯେବେ ଆସିଥିଲ

ସେଦିନ ମୋତେ ଦେଖେଇ କେତେ କଥା ନକହିଛ । ଥରେ ବୁଝିଛ କ'ଣ ପାଇଁ ତମକୁ ନା କଲି । ଆଜିକୁ ୧୦ବର୍ଷ ହେଇଗଲା । କେବେ ବୁଝିଛ ମୁଁ କେମିତି ଅଛି । ମୋ ଜୀବନର ସବୁ ଦୁଃଖସୁଖ ଆଗେ କହୁଥିଲି । ଆଜି ମୋ ପାଖରେ ମୋର ବେଷ୍ଟଫ୍ରେଣ୍ଡ ଅଛି ନା ମୋ ଲଭର । ଲଭର ନହେଲେ ନାହିଁ ମୋ ବେଷ୍ଟଫ୍ରେଣ୍ଡ ହେଲନି । ପାଂଚବର୍ଷପରେ ଜାଣିଲି ତମ ସାରଙ୍କ ଝିଅ ତମକୁ ପ୍ରପୋଜ କରିଥିଲା । ତମେ ବି ତା ସହ ବୁଲୁଥିଲ । ମୁଁ ଭାବୁଥିଲି ତମେ ମୋ ନମ୍ବର ରଖିନ । ହେଲେ ସେଦିନ ଗୋଟେ ଆଇ.ଏସ.ଡ଼ି କଲ କେତେ କଷ୍ଟ ଦେଇଥିଲା । ତମେ ସେଦିନ କାନ୍ଦୁଥିଲ ଆଉ କହୁଥିଲ ମୋ ଯୋଗୁଁ ତମେ ତା ସହ କଥା ହଉଥିଲ । ମୁଁ କ'ଣ କଲି ? ମୁଁ କ'ଣ କହିଥିଲି ତମେ ତା ସହ କଥା ହୁଅବୋଲି । ମୁଁ ମନାକଲି ବୋଲି ତମେ ତାକୁ ଭଲପାଇବ । ଓଡ଼ିଶା ଆସିବାପରେ ଜାଣିଲି ମୋ ଯୋଗୁଁ ତମେ ବହୁତ କଷ୍ଟ ପାଇଥିଲ । ତଥାପି ମୁଁ କହିଥିଲି ତମର ଯେତେ ପ୍ରୋବ୍ଲେମ ହେଲେ ତମ ବେଷ୍ଟଫ୍ରେଣ୍ଡ ତମ ସହ ଅଛି । ମତେ ତୁମେ ଭୁଲ ବୁଝନି । ହେଲେ ମୋ ପ୍ରେମ ଶାଶ୍ୱତ । ମୁଁ କେବେ ତମ ଭଲପାଇବାକୁ ହୀନ ମନେକରିନି ।

ମୋ ପ୍ରେମ ଶାଶ୍ୱତ । ମୋ ଭାଗ୍ୟରେ ତମ ଭଲପାଇବା ନାହିଁ ବୋଲି ମୁଁ ଦୂରେଇଯାଇଛି । କାରଣ କାହାକୁ ଆଶାଦେଇ ଧୋକା ଦେବା ଅପେକ୍ଷା ତା ଠୁ ଦୂରେଇଯିବା ଠିକ୍ ବୋଲି ମୁଁ ଭାବିଲି । ବେଷ୍ଟଫ୍ରେଣ୍ଡ ହେଇକି ମୁଁ ତୁମର ଅନିଷ୍ଟ କେବେ ଚାହିଁବି ? ତମେ ଜାଣିଛ ଆମଘରେ ଅନ୍ୟ ଜାତିରେ କେବେବି ବାହାଘର ହେଇପାରିବନି । ମାନୁଛି ତମେ କହୁଛ ଯୁଗ ଏବେ କୋଉଠି ପହଞ୍ଚିଲାଣି । ହେଲେ ମୁଁ ମୋ ବାପାଙ୍କ ମୁହଁକୁ ତଳକୁ କରି ସ୍ୱପ୍ନର ରାଜମହଲ କେବେବି ତିଆରି କରିପାରିବିନି। ମୋ ବାପା ତାଙ୍କ ପୁଅଠୁ ବି ମୋତେ ବହୁତ ଭଲପାଆନ୍ତି । ତାଙ୍କ ବାପା ହେବାର ଅଧିକାରକୁ ମୁଁ ମୋ ଠୁ ଏଇକଥା ଶୁଣିଲାପରେ ତମର ସବୁ ସନ୍ଦେହ ଦୂର ହେଇଗଲା । ହେଲେ ମୋ ପ୍ରତି ତମ ଭଲପାଇବା ଦୁଇଗୁଣ ହୋଇଗଲା । ମାନୁଛି ତମେ ତମ ହୃଦୟରେ ମତେ ସାଇତି ରଖିଛ । ବିଶ୍ୱାସ କର ମୁଁ କେବଳ ମୋ ହୃଦୟରେ ନୁହଁ ମୋ ପ୍ରତିଟି ନିଶ୍ୱାସରେ ତମକୁ ସାଇତି ରଖିଛି । ତମ ବିନା ମୁଁ ବଂଚିପାରୁନି ହେଲେ ତମକୁ କେବେ ବି କହିନି । କାହିଁ କି ନା ଯାହା ଭଲପାଇବାରେ ନଥାଏ ତାହା ହରେଇବାରରେ ଥାଏ । ବିରହ ଅଗ୍ନିରେ କେମିତି ଜଳନ୍ତି ମୁଁ ଏବେ ଜାଣିଲି । ତମେ ମୋ ପାଖରେ ଥାଅନ୍ତ କି । ତମ କାନ୍ଧରେ ମୁଣ୍ଡଦେଇ ସବୁ ଭୁଲିଯାଆନ୍ତି । ଆଜି ଜହ୍ନବି ଫିକାଲାଗେ । କେତେ ଶ୍ରାବଣ କେତେ ଫଗୁଣ ଗଲେଣି, ଥରେ ହେଲେ ଆସନ୍ତ । ଟିକେ ମନଭରି ଦେଖନ୍ତି ତମକୁ । ମୋ ବନ୍ଧୁତାର ରାଣ, ସତ କହୁଛି ପ୍ରେମରାଣ ଦେଇ ବାନ୍ଧିଦିଅନ୍ତି ତମକୁ । ତମେ ଡରୁଛ ବୋଧେ । ବିଶ୍ୱାସ କର ଭଲପାଇବିନି ଯେତେ ଭାବିଲେ ବି କାହିଁକି ତମକୁ ଭଲପାଇଥିଲି ମୁଁ ନିଜେ ବି ଜାଣିନି । ସବୁବେଳେ ରାତିରେ ଶୋଇଲାବେଳେ ଭାବେ ତମେ ଟିକେ କଲ୍ କରନ୍ତ । ତମସହ ନିରୋଳାରେ ଟିକେ କଥା ହୁଅନ୍ତି । ତମେ କ'ଣ ସତରେ ମତେ ମନେ ପକଉନ । ମତେ ସତରେ ଭୁଲିଗଲ ।

ମୋର ଏତେ ଖରାପ ପରିସ୍ଥିତି ଜାଣି ମଧ୍ୟ କଲ ଟିକେ ବି କଲନି । ଜମା ମିଛ କହିନି ତମେ ଠିକ୍ ଜାଣିଛ ମୁଁ ଦୁଃଖରେ ଅଛି । ନ ଜାଣିବାର ଅଭିନୟ କରୁଛ । ଛାଡ଼ କେବେ ଦେଖାହେଲେ ତମ ସହ କେବେ କଥା ହେବିନି ।

*ଛିମା, ଖୋର୍ଦ୍ଧା ।*

# ପ୍ରାୟଶ୍ଚିତ

**– ଅସୀମା ସାହୁ**

ଦଶବାର ଦିନ ଆଗରୁ ଶୁଭ୍ରା ଯେତେବେଳେ ସେ ଝିଅଟାକୁ ତାଙ୍କ ଅଫିସର କମ୍ପ୍ୟୁଟର କାମ ପାଇଁ ବୁଝିଲେ ତା ଅତୀତ ତାଙ୍କ ପାଖରେ ଅସ୍ପଷ୍ଟ ଥିଲା । ଝିଅଟା ଭାରି ଶାନ୍ତ ଶିଷ୍ଟ ବୋଧେ ତେଇଶି ଚବିଶ ବର୍ଷ ବୟସ ହେବ । ଗଢ଼ଣ ସୁନ୍ଦର । ଖୁବ୍ ଗୋଟେ ଗୋରା ନହେଲେ ବି ଚେହେରା ଚିକ୍କଣ ଆଉ ଉଜ୍ଜ୍ୱଳ । ଶୁଭ୍ରାଙ୍କୁ ସବୁଠୁ ଭଲ ଲାଗିଥିଲା ତାର ଚୁପଚାପ୍ ଭାବ । ଗହମ ରଂଗ ଝିଅଟାର ମିଠା ମିଠା ଦରଦୀ ଆଖିରେ ଯେମିତି ନେସି ହୋଇଯାଇଥିଲା ସଂସାର ଯାକର ଗଭୀରତା । ତା ଛଡ଼ା ତା କ୍ୟାରିଅର ବି ଭଲ ଥିଲା । ସେଥିପାଇଁ ତ ଏତେ ଜଣଙ୍କ ଭିତରେ ଯେ ତାକୁ ହିଁ ସିଲେକ୍ଟ କଲେ ଏଇ ଅଫିସ ପାଇଁ । ଶୁଭ୍ରାଙ୍କ ଫ୍ୟାମିଲି ତା ବିଜିନେସ୍ ପାଇଁ ବେଶ୍ ଜଣାଶୁଣା । ସଂସାର କହିଲେ ସ୍ୱାମୀ, ସ୍ତ୍ରୀ ଆଉ ଗୋଟିଏ ବୋଲି ପୁଅ ବୁବୁ । ଦାର୍ଜିଲିଂ ଅଫିସ କଥା ଶୁଭେନ୍ଦୁ ବୁଝନ୍ତି । ଏଠିକା କଥା ବୁବୁ ବୁଝେ । ଆଉ ଶୁଭ୍ରା ନିଜେ ଶୁଭେନ୍ଦୁ ଓ ବୁବୁଙ୍କ ମଧ୍ୟରେ ଏକ ସେତୁ ପରି କାମ କରନ୍ତି । ଏଇତ ଏବେ ବୁବୁ ଦାର୍ଜିଲିଂ ଯାଇଥିବାରୁ ଏଠିକା କଥା ବୁଝାବୁଝି ପାଇଁ ସେ ଶୁଭେନ୍ଦୁଙ୍କୁ ଛାଡ଼ି ଏଠାକୁ ଆସିଛନ୍ତି ।

ଯଦିଓ ସେ ଝିଅଟାର ନାଁ ଶେଫାଳି ତଥାପି ଶୁଭ୍ରା ତାକୁ ଝିଅ ବୋଲି ଡାକିବା ଆରମ୍ଭ କରିଦେଇଛନ୍ତି । ହୁଏତ ଝିଅଟିଏ ନଥିବାର ଅଭାବବୋଧ ତାଙ୍କୁ ଏପରି କରିବାକୁ ବାଧ୍ୟ କରିଛି । କିନ୍ତୁ ଏଇ ଚାରି ପାଂଚଦିନ ଆଗରୁ ନନ୍ଦିତା ଅଫିସକୁ ଆସିବାପରେ ତାକୁ ଦେଖି ଯେଉଁ କଥାଟା କହିଲା ଶୁଭ୍ରାଙ୍କୁ କିଛି ବି ବିଶ୍ୱାସ ଲାଗୁନି । ନନ୍ଦିତା ଏଠି ଗୋଟେ ନାମକରା ଖବରକାଗଜର ସାମ୍ବାଦିକ ଅଛି । ଭଲ ନାଁ ବି କମେଇଛି । ନିଜ ପିଲାଦିନର ସାଂଗ ଶୁଭ୍ରା ଆସିଲେ ସେ ମଝିରେ ମଝିରେ ଦେଖା କରିବାକୁ ଆସେ । ସେଦିନ ବି ଦୁଇଜଣ ଖୁସିଗପରେ ମାତିଥିଲେ । ହଠାତ୍ ଶେଫାଳି ରୁମ୍ ନକ୍ କରି ପଶିଲା ଓ ନିଜ କାମକଥା ବୁଝି ଚାଲିଗଲା । ସେ ଚାଲିଯିବା ପରେ ଚାପା କଣ୍ଠରେ ନନ୍ଦିତା କହିଲେ – ଶୁଭ୍ରା ତୁ ଯାକୁ ଜାଣିଛୁଟି ସେ କିଏ । ଆରେ ତା ଫଟୋ ସବୁ ପେପର ରେ ବାହାରିଥିଲା । ଟୋକାଟା ରେପ୍ କଲାପରେ ପୁଲିସ ତାକୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରିଥିଲା । ରେପିଷ୍ଟ କିଏ ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ । ଝିଅଟା ତ ଠିକ୍‌ରେ କିଛି କହିଲାନି । ତୁ ଜାଣିବୁ ବା କୁଆଡୁ । ସେ ଘଟଣାବେଳେ ତୁ ତ ଦାର୍ଜିଲିଂରେ ଥିଲୁ । ବୁବୁ କୁଆଡ଼େ ଗଲା ? ବୁବୁ ତା ବାପାଙ୍କ ପାଖରୁ ପନ୍ଦରଦିନ ହେବ ଯାଇଛି, ଏଇ ଦିନେ ଦୁଇ ଦିନରେ ଆସିଯିବି ଶୁଭ୍ରା ଛୋଟ ଉତ୍ତରଟିଏ ଦେଲେ । ପୁଣି ନନ୍ଦିତା କହିଲା, ତୁ ଶୀଘ୍ର ଏ ଝିଅକୁ ଆଉଟ୍ କର । ନହେଲେ ତୁ ଓ ତୋ କମ୍ପାନୀ ବଦନାମ ହେବ ।

ଶୁଭ୍ରା ହତବାକ ହୋଇଗଲେ । କଥା ଗୁଡ଼ା କଷ୍ଟ ଲାଗିଲା । ଝିଅଟା ଏତେ କଷ୍ଟର ପାହାଡ଼ ମୁଣ୍ଡେଇଛି ଦେଖିଲେ ଲାଗୁନାହିଁ । ନନ୍ଦିତାଙ୍କ ଉପରେ ଅଭିମାନ ଲାଗିଲା । ନନ୍ଦିତା ଭାବିବା ଉଚିତ ଥିଲା ଯେ ନିଜେ ପ୍ରଥମେ ଝିଅଟିଏ ଓ ପରେ ସାଂବାଦିକ । କିନ୍ତୁ କେତେ ସହଜରେ ଝିଅଟାକୁ ବାହାର କରିଦେବା କଥା କହିପାରିଲା । ସତରେ ସାମ୍ବାଦିକତା କ'ଣ ଗୋଟେ ହୃଦୟହୀନ ପେଶା । ସେ ନାରୀ ହେଉ ବା ପୁରୁଷ ସେଠି ହୃଦୟ ଅପେକ୍ଷା ଲେଖନୀର ଚତୁରତାକୁ ଅଧିକ ପ୍ରାଧାନ୍ୟ ଦିଆଯାଏ । କିଏ ସେ ନିଷ୍ଠୁର ଯିଏ ଏମିତି କଢ଼ିଟିଏ ଫୁଟିବା ଆଗରୁ ଦଳିଚକଟି ନଷ୍ଟ କରିଦେଲା । ଶୁଭ୍ରା ଟିକେ ଶୀଘ୍ର ଘରକୁ ଫେରି ଆସିଲେ । ରାତିରେ ଆଦୌ ନିଦ ହେଲାନି । ସେହି ନିରୀହ ଆଖି, ଆଖି ଭିତରର ବେଦନା; ତାଙ୍କ ନିଦ ହଜାଇଦେଲା ଯେମିତି । ଦାର୍ଜିଲିଂ ଫୋନ୍ ଲଗାଇଲେ । ଶୁଭେନ୍ଦୁ ବୋଧେ ଶୋଇ ପଡ଼ିଥିଲେ । ଫୋନ୍ ଧରି ପଚାରିଲେ କ'ଣ ହେଲା ଶୁଭ୍ରା, ଏତେ ରାତିରେ ଯେ ? ଶୁଭ୍ରା ଧୀରେ ଧୀରେ ସବୁ ସଜେଇ କହିଲେ । ଶୁଭେନ୍ଦୁ ସବୁଦିନ ସ୍ୱାଧୀନ ଧର୍ମୀ ଲୋକଟିଏ । ବୁଝାଇବା ପରି କହିଲେ, ଯାହା ଠିକ୍ ଭାବୁଛ କର.....କେବଳ ଏତିକି ମନେ ରଖିବ, ନିଜ ବଦନାମ୍ କଥା ଚିନ୍ତା କଲେ ସମାଜର ମଙ୍ଗଳ ହୁଏନି ।

ଶୁଭ୍ରାଙ୍କୁ ଆଜି ନିଜ ସ୍ୱାମୀଙ୍କ ଉପରେ ଗର୍ବ ଲାଗିଲା । ଏପରି ନିରହଂକାରୀ ଲୋକଟିଏ ପାଇ ସେ ଧନ୍ୟା ହୋଇଯାଇଛି

। ଆଖି କେତେବେଳେ ଲାଗିଗଲା ଜାଣିପାରିଲେନି ।

ପରଦିନ ଠାରୁ ସେ ଝିଅଟିକୁ ଆହୁରି ବେଶି ନିଜର ଲାଗିଲା । ତାଂକୁ ଆହୁରି ଅଧିକ ଭଲ ଲାଗିଲା । ସେ ପଚାରିଲେ ଝିଅ, ଆଜି ଏବେ ..ଦିଶୁଛ ଯେ । ଝିଅଟା କିଛି କହିପାରିଲାନି । ଝିଅଟାର ଛଳଛଳ ଆଖିରୁ ଦୁଇଟୋପା ଲୁହ ଝରିଗଲା । ଶୁଭ୍ରାଙ୍କ ଟେବୁଲ ଉପରେ ଥିବା ତାଙ୍କର ଓ ବୁବୁର ମିଳିତ ଫଟୋଟି ଦେଖି ବଲବଲ କରି ଚାହିଁ ଚାହିଁ ରୁମରୁ ଚାଲିଗଲା । ଏଇତ ଆଜି ହିଁ ଶୁଭ୍ରା ଫଟୋଟି ଆଣି ଟେବୁଲରେ ସଜାଇ ରଖିଥିଲେ । ହେଲେ ଫଟୋରେ କ'ଣ ଏମିତି ଦେଖିଲା ଯେ ତା ଆଖିରେ ଏତେ ପାରି । ବୋଧେ ଏକା ରହୁଛି । ଘରକଥା ମନେ ପଡୁଥିବ । ଅନ୍ୟ ଏକ ଫୋନ୍ କଲରେ ଶୁଭ୍ରା ବ୍ୟସ୍ତ ରହିଲେ ।

ଠିକ୍ ତା ପରଦିନ ଠାରୁ ଝିଅଟା ଅଫିସ ଆସିବା ପୂରାପୁରି ବନ୍ଦ କରିଦେଲା । ଶୁଭ୍ରା ଦିନସାରା ଭାରି ବ୍ୟସ୍ତ ହେଲେ । କ'ଣହେଲା, କାହିଁକି ଆସିଲାନି । ଅନ୍ୟମାନଙ୍କୁ ବାରମ୍ବାର ପଚରି ବୁଝିଲେ । ଦୁଇଦିନ ଚାଲିଗଲା । ସେ ଆଉ ପାରିଲେନି । ଚିନ୍ତକଲେ ନିଜେ ଯିବେ । ବରଂ କଷ୍ଟ ହେଉ ଘରଟା କେଉଁଠି ବୁଝିବେ । ତାପରେ ତା ଫାଇଲ ମଗାଇ ଆଡ୍ରେସ ଖୋଜିଲେ ।

ସନ୍ଧ୍ୟାରେ ସେଇ ଆଡ୍ରେସରେ ପଚାରି ପଚାରି ଝିଅର ଘରେ ପହଞ୍ଚିଗଲେ । ଅନ୍ୟପ୍ରତି ନିରାସକ୍ତ ଥିବା ହୃଦୟଟା ବେଳେବେଳେ ନିଜ ଅଜାଣତରେ କାହିଁକି ଯେ ଗୋଟିଏ ନିର୍ଦ୍ଦିଷ୍ଟ ସମ୍ପର୍କ ପ୍ରତି ଏତେ ବେଶୀ ସଚେତନ ହୋଇପଡ଼େ ତାହା ବୁଝିବା ଏତେ ସହଜ ନୁହେଁ । ଘର କହିଲେ ଛୋଟ ଟାଇଲ ଘରଟିଏ । ମାତ୍ର ଦୁଇଟା ବଖରା । ତା ବାପା ବୃଦ୍ଧ ଏବଂ ରୁଗ୍ଣ । ନିଜ ପରିଚୟ ଦେବାରୁ ଅଧାଭଂଗା ଚେୟାରଟାକୁ ବଢ଼ାଇଦେଇ ବସିବାକୁ ଅନୁରୋଧ କଲେ । ମାଆ ରୋଗରେ ଶଯ୍ୟାଶାୟୀ । ଝିଅଟା ବୋଧେ ରୋଷେଇ କରୁଥିଲା । ହାତ ପୋଛି ପ୍ରଣାମ କଲା । ଶୁଭ୍ରା ମୁଣ୍ଡ ସାଉଁଳେଇ ପଚାରିଲେ ମାଆ ଅଫିସ କାହିଁକି ବନ୍ଦ କଲୁ ? କ'ଣ ହେଲା ? ତା ବାପା ସଂଗେ ସଂଗେ କହିଉଠିଲେ, ଆମେ ବି ଯୋଉଁ କଥା ବୁଝାଇ ଥକି ଗଲୁଣି । କିଛି କହୁନି । କେତେ ଦୁଃଖ ପାଇବ କେଜାଣି ? ଶିକ୍ଷକଟିଏ ଥିଲି । ପେନସନ୍ ଟଙ୍କାରେ ତା ମାଆର ରୋଗ ଖର୍ଚ୍ଚ କରିକରି ବ୍ୟସ୍ତ ଲାଗିଲାଣି । ଆପଣଙ୍କ ଦୟାରୁ ପିଲାଟା ଚାକିରି ପାଇଥିଲା । ନହେଲେ ଏତେ ବଦନାମ୍ ହେବାପରେ ଏତେ ସହଜରେ କ'ଣ ଆଜ୍ଞା ଚାକିରି ମିଳେ । ତଥାପି ଯାଉନି । ଓଃ ଆପଣ ଟିକେ ଚୁପ୍ ରହିଲେ ଶୁଭ୍ରା ମଝିରେ କହି ଉଠିଲେ । ସେ ଜାଣିବାକୁ ଚାହୁଁଥିଲେ ଅସୁବିଧାଟା ପ୍ରକୃତରେ କେଉଁଠି ? ପୁଣି କହିଲେ, ସେ ଚାଲୁ ମୋ ସହି ଆଜି ଆମ ଘରେ ରହିବ । ମୁଁ ଏବେ ଏକା ରହୁଛି, ମୁଁ ବୁଝିକି ତା କଥା । ଝିଅଟା ଆଦୌ ଯିବାକୁ ରାଜି ନଥିଲା । କିନ୍ତୁ ତା ବାପାଙ୍କ ବିରକ୍ତି ଓ ଚାପରେ ବାଧ୍ୟ ହୋଇ ବାହାରିଲା ।

କାର୍‌ରୁ ଓହ୍ଲାଇ ଭାରି ସଂକୋଚରେ ସେ ଶୁଭ୍ରାଙ୍କ ଘରେ ପ୍ରବେଶ କଲା । ତାକୁ ଟି.ଭି ରୁମରେ ବସାଇ ଚା' ବରାଦ କରି ଶୁଭ୍ରା ଲୁଗା ବଦଳାଇବାକୁ ଚାଲିଗଲେ । ଘରେ ଅନ୍ୟକାହାକୁ ନଦେଖି ଝିଅଟା ଟିକେ ସହଜ ହେବା ପରି ଲାଗିଲା । ଶୁଭ୍ରା ଭାବିଲେ ସକାଳ ହେଉ; ପ୍ରକୃତ କଥାଟା ତାକୁ ପଚାରି ବୁଝିବେ । ଅପରାଧୀକୁ ଉପଯୁକ୍ତ ଦଣ୍ଡ ଦେବେ । ବ୍ୟସ୍ତତା ଭୁଲିଯାଇଥିଲେ ଆଜି ତ ବୁବୁ ଫ୍ଲାଇଟରେ ଆସୁଛି । ପହଂଚିଗଲେ ରାତି ଖାଦ୍ୟଟା ସାଂଗ ହେଇ ଖାଇବେ, ସେ ଭାବିଲେ ।

ଫ୍ଲାଇଟ ଲେଟ ଥିଲା । ବୁବୁ ଟିକେ ରାତିରେ ଫେରିଲା । ଶୁଭ୍ରା ଓ ଶେଫାଳି ବସି ଟିଭି ଦେଖୁଥିଲେ । ବୁବୁ ହଠାତ ଅଚିହ୍ନା ଝିଅଟିକୁ ଘରେ ଦେଖି ଚମକି ପଡ଼ିଲା ପରି ଲାଗିଲା । ଶୁଭ୍ରା ପରିଚୟ କରାଇଦେଲେ । ବୁବୁ କିନ୍ତୁ ତା ସଂଗେ କଥା ହେବାକୁ ସଂକୋଚ ବୋଧ କଲେ ଓ ଲୁଗା ବଦଳାଇବାକୁ ଚଟକରି ଶୋଇବାକୁ ଘରକୁ ଚାଲିଗଲେ । ବୁବୁ ପ୍ରାୟତଃ ଝିଅମାନଙ୍କ ସହ ମିଳାମିଶା କରେନି । ତେଣୁ ତାର ଏପରି ଭାବ ।

ଶୁଭ୍ରା ଝିଅକୁ ରହୁଥିବା ଘର ପାଖ ଶୋଇବା ରୁମ ଦେଖାଇ ଦେଲେ ଓ ନିଜେ ଶୋଇବାକୁ ଚାଲିଗଲେ । ରାତି ପ୍ରାୟ ଗୋଟାଏ ହେବ । କ'ଣ ଗୋଟିଏ ଶବ୍ଦରେ ଶୁଭ୍ରାଙ୍କ ନିଦ ଭାଂଗିଗଲା । ବାଲକୋନୀ ପାଖରେ କାହାର ଚାପା ଶବ୍ଦ ସେ ଶୁଣିପାରିଲେ । ଧୀରେ ଧୀରେ ଉଠି ପାଦ ଚାପି ସେ ଆଗୋଉଥିଲେ । ଛାତି ଦମ୍ ଦମ୍ କରୁଥାଏ । ଅନ୍ଧାରରେ ଦେଖିଲେ ଗୋଟେ ଛାଇପରି କେହି ଜଣେ ଆଣ୍ଠେଇ ପଡ଼ି ଅନ୍ୟଏକ ଛାଇକୁ କହୁଛି – ମୋ ମାମାକୁ କିଛି କହିବନି । ସେଦିନ ମଦ ନିଶାରେ ସାଂଗମାନଙ୍କ ପ୍ରରୋଚନାରେ ମୋ ଜୀବନର ପରମ ଭୁଲ କରିଦେଇଥିଲି । ସେଦିନଠୁ ସାଂଗ ଓ ମଦ ଛାଡି ଦେଇଛି । ତୁମକୁ କ୍ଷମା ମାଗିବି ବୋଲି ଅନେକ ଖୋଜିଛି । ପୁଲିସ ଆସିବାର ଆଭାସ ପାଇ ମୁଁ ଓ ମୋ ସାଂଗମାନେ କାର୍‌ରେ ଚାଲିଗଲୁ ।

ତମେ ବୋଧେ କାହାର ଔଷଧ ଧରି ଘରକୁ ଫେରୁଥିଲ । ତମର ଅଚେତ ଅବସ୍ଥା ଓ ଭଂଗା ଔଷଧ ବୋତଲ ମୋତେ ବାରମ୍ବାର ଅପରାଧୀଟିଏ କରି ପକାଇଛି । ..ତୁମେ ଯିଏ ବି ହୁଅନା କାହିଁକି ମୋତେ କ୍ଷମା କରିଦିଅ । ମୋ ମାମାଙ୍କୁ ମୁଁ ଭାରି ଭଲପାଏ ।ତାଙ୍କୁ କିଛି କହିବନି । କାଲି ସକାଳେ ତମ ଘରେ ଯେତେ ଚାହିଁବ ସେତେ ଟଙ୍କା ମୁଁ ଦେଇଆସିବି ।

ଶୁଭ୍ରା ସ୍ତବ୍ଧ ହୋଇଗଲେ । ଆଉ କିଛି ଶୁଣିବାର ଧୈର୍ଯ୍ୟ ତାଙ୍କର ନଥିଲା । ପୁଣି ଶୁଣିଲେ, ତୁମେ ଅଚେତ ହେଇଗଲ ଓ ପୁଲିସ ଆସିଗଲା । ତେଣୁ ସାଂଗମାନେ ତମ ସହ କିଛି କରିବାର ଆଉ ସୁଯୋଗ ପାଇଲେନି । କେବଳ ମୁଁ, ମୁଁ ହିଁ ପାପୀ ହୋଇଗଲି । ମୋତେ କ୍ଷମା କର । ପ୍ଲିଜ୍ ମୋତେ ଥରେ କ୍ଷମା କରିଦିଅ ।

ଶୁଭ୍ରା ନିଃଶବ୍ଦରେ ନିଜ ବିଛଣାକୁ ଫେରି ଲଥ୍ କରି ବସିପଡ଼ିଲେ । ଲୁହ କୋହ ଆବେଗ ଦୁଃଖ ସବୁ ଏକାକାର ହେଇଗଲା । ନାରୀ, ଯେ ଆକାଶର ବିସ୍ତାର୍ଣ୍ଣତାକୁ ଧାରଣ କରିଛି । ଇନ୍ଦ୍ରଧନୁର ସପ୍ତରଂଗ ତା ଆଖିର ସରହଦ୍ ଦେଇ ଗତି କରୁଛି । ସୂର୍ଯ୍ୟ ତା ଗର୍ଭକୁ ମାର୍ଗ ନିର୍ଦ୍ଧାରଣ କରେ । ତା ଭାବନା ଚିନ୍ତାଧାରା ବଦଳ ରୂପେ ଭାସମାନ ତଥାପି ପୁରୁଷ ପ୍ରାଧାନ୍ୟ ସାମ୍ରାଜ୍ୟରେ ନାରୀଟିଏ କେତେ ନିଃସହାୟ ସତରେ । କେତେ ଶୀଘ୍ର ନାରୀ ଉପଭୋଗ ପରେ ପରିତ୍ୟକ୍ତା ପାଲଟିଯାଏ । ଏକ ନାରୀର ନିଜ ରକ୍ତ ବିନ୍ଦୁଟିଏ ଆଜି ବଡ଼ ହେଇ ପୁଣି ...ପଥରେ ଟଂକା ସହ ତଉଲଉଛି ନାରୀଟିଏର ଇଜ୍ଜତ୍ । ସତରେ କ'ଣ ଏ ପରମ୍ପରାର ଶେଷନାହିଁ । ହେ ଭଗବାନ ଆଉ ନୁହେଁ ଏଥର ମୁକ୍ତି ଦିଅ । ମନେ ମନେ ସେ ଚିତ୍କାର କରି ଉଠିଲେ ।

ସାରା ରାତି ଲୁହ ସହ ସଂଘର୍ଷ କରୁକରୁ ସକାଳ ହୋଇଗଲା । କବାଟର ଠକ୍‌ଠକ୍ ଶବ୍ଦରେ ଝିଅ କବାଟ ଖୋଲିଲା । କାନ୍ଦି କାନ୍ଦି ତା ନିରୀହ ଆଖିଦୁଇଟା ବେଶ୍ ଫୁଲିଥିବା ପରି ଲାଗିଲା । ହଠାତ୍ ଶୁଭ୍ରା ଓ ବୁବୁଙ୍କୁ ଦେଖି ସେ ଚମକି ପଡ଼ିଲା । ଶୁଭ୍ରା ଝିଅର ହାତ ଦୁଇଟା ଜାବୁଡ଼ି ଧରିଲେ । କହିଲେ – ମାଆରେ ବହୁତ ଦୁଃଖ ସହିଲୁ, ଏଥର ତୋର ସବୁ ଦୁଃଖ ବୁବୁ । ତୋ ବାପା ମାଆଙ୍କ କଥା ବି ବୁବୁ ବୁଝିବ । ଝିଅ ବୋଲି ଡାକିଛି ଯେତେବେଳେ ତୁ ମୋ ଘରେ ହିଁ ତୋ ସାରା ଜୀବନ ବିତେଇବୁ । ଝିଅର ବାପା ମାଆ ହତବାକ୍ ହେଇଯାଇଥିଲେ । ନିର୍ଜୀବ ଆଖିରୁ ତାଙ୍କର କେବଳ ସହଜ ଆନନ୍ଦ ଅଶ୍ରୁ ଝରିପଡୁଥିଲା । ଶୁଭ୍ରା ମୋବାଇଲ୍‌ରେ ସ୍ୱାମୀ ଶୁଭେନ୍ଦୁଙ୍କ ଫୋନ୍ କଲେ ତୁମ ପୁଅର ବୋହୂ ମୁଁ ଚଏସ୍ କରିଦେଇଛି, ତମେ ଆସିଲେ ଖାଲି ବାହାଘର ତାରିଖଟା ଧାର୍ଯ୍ୟ କରିବା ।

*ଅଧ୍ୟକ୍ଷା, ଶ୍ରୀରାମଚନ୍ଦ୍ର ଭଂଜ ଡିଗ୍ରୀ ମହାବିଦ୍ୟାଳୟ*
*ରାଗଧା ମୟୂରଭଂଜ*

# ତେଜପତ୍ର

- ସ୍ନେହଲତା ଦାସଲେଙ୍କା

ପୋଖରୀ ଘାଟରେ ଅଇଁଠାବାସନ ମାଜୁମାଜୁ ତାଟିଆରେ ରହିଯାଇଥିବା ତେଜପତ୍ରକୁ ପୋଖରୀକଡ଼ ପାଣିସାରୁ ବୁଦାମୂଳକୁ ଫୋପାଡୁ ଫୋପାଡୁ କିଛିକ୍ଷଣ ଅଟକି ଯାଇଥିଲା ବାସନ୍ତି । ତେଜପତ୍ରଟିକୁ ଦେଖି ଅନ୍ୟମନସ୍କ ହୋଇପଡ଼ିଥିଲା । ସତରେ କେତେ ଉପକାରୀ ଏ ପତ୍ରଟି । ସବୁଦିନିଆ ଜୀବନରେ ଖୁବ୍ କାମରେ ଲାଗେ । ହେଲେ ସର୍ବପ୍ରଥମେ ଖୋଜା ପଡୁଥିବା ଏଇ ତେଜପତ୍ର ଭାତଗୁଣ୍ଡା ପାଟିକୁ ନଯାଉଣୁ ଆଗ ତଡ଼ାଖାଏ ଆଜି କଡ଼କୁ । ନିଜକୁ ତିଳତିଳ କରି ସିଝେଇ ଅନ୍ୟକୁ ଖୁସି ଦେଉଥିବା ତେଜପତ୍ର ଭିତରେ ନିଜକୁ ଜାଳୁଥିଲା ବାସନ୍ତି । ତେଜପତ୍ର ଆଉ ବାସନ୍ତି । ବାସନ୍ତି ଆଉ ତେଜପତ୍ର । ଫରକ କିଛି ନାହିଁ ।

ଥରେ ଥରେ ବାସନ୍ତି । ନିଜକୁ ପ୍ରଶ୍ନ କରେ । ତେଜପତ୍ରର କ'ଣ ଗୋଟିଏ ହୃଦୟ ଥାଏ କି ? ଅନ୍ତର ଭିତରୁ କେହିଜଣେ କହେ ହଁ ଥାଏ । ହେଲେ ତା ହୃଦୟକୁ କିଏ ଚିହ୍ନି ପାରନ୍ତି । ଶୁଖିଯାଇଥିବା ପତ୍ରଟିର ଠିକ୍ ମଝାମଝିରେ ତାର ଗୋଟିଏ ଛୋଟ ହୃଦୟଟେ ଅଛି । ନିଶୁକ ଅନ୍ଧାର ରାତିରେ ହୃଦୟଟି ଧକ୍ ଧକ୍ ହୁଏ । ଗହନ ଅନ୍ଧାରକୁ ନିଜ ମନକଥା କହେ । କାନ୍ଦେ । କେବେ କେବେ ମନଖୋଲି ହସିବାକୁ ଚେଷ୍ଟା ବି କରେ । ଧେତ୍...ତେଜପତ୍ର କ'ଣ ହସିପାରେ ? କାହିଁକି ନୁହଁ । ତାକୁ କଣ ହସିବା ମନା । ହଁ,.... ହସିବା ମନା । ସେ କେବଳ ଅନ୍ୟକୁ ସୁଖ ବାଣ୍ଟିବ ଅନ୍ୟକୁ ଖୁସି ରଖିବ । ଅନ୍ୟଲାଗି ଜୀବନ ଜିଇଁବ । ଦରକାର ସରିଲେ ନିଶ୍ଚ ହସଟେ ହସିଲା ବାସନ୍ତି ।

ପୋଖରୀ ହୁଡ଼ାରେ ବାପା ଲଗେଇଥିଲେ ତେଜପତ୍ର ଗଛଟିଏ । ଜେଜେମାଙ୍କ ଧର୍ମ ସମୟରେ ଯେମିତି ନ ଯାଆନ୍ତି । ନହେଲେ ଗଛଟା ବିଲକୁଲ ଉଧେଇବନାହିଁ । ବାପା ଖୁବ୍ ଯତ୍ନ ନେଉଥିଲେ ଗଛଟିର । ବାସନ୍ତିର ଅତିପ୍ରିୟ ଏ ତେଜପତ୍ର ଗଛଟି । ୟା'ଭିତରେ ସେ ତା'ର ଶାଖା ପ୍ରଶାଖା ମେଲାଇ ଖୁବ୍ ବଢ଼ିଗଲାଣି । ଆଉ ବାସନ୍ତି ବି ମାଇନର ପାସ୍ କରୁକରୁ ବାସନ୍ତି ହାତ ଛନ୍ଦା ହୋଇସାରିଥିଲା । ଚାରି ଭାଇରେ ଦୁଇଭଉଣୀ । ବାସନ୍ତି ମଝାମଝି । ତା ଉପରକୁ ଦୁଇଭାଇ ଆଉ ତଳକୁ ଦୁଇ ଭାଇ ଜଣେ ଭଉଣୀ ।

ଯୋଉଦିନ ବାସନ୍ତି ତା ଶାଶୁଘର ଗଲା । ଜେଜେମା ଶିଖେଇଥିବା କାନ୍ଦଣା ଗୀତରେ ଆଉ ପଦିଏ ଯୋଡ଼ି ଗାଇଥିଲା । ତେଜପତ୍ର ଗଛେ ପଡ଼ିଛି ଖରା ଭାଇଗୋ, ଆଣିବାକୁ ମୋତେ କରିବ ନାହିଁ ଗୋ ହେଳା ଭାଇଗୋ । ସବାରୀରେ ବସିଯିବା ସମୟରେ ସବାରୀ ବାହକଙ୍କ ହାକୁମ ଧାବଲ ଦୋହଲାରେ ଯଦି ପେଟରୁ ଅଇ ବା ବାନ୍ତି ବାହାରି ଆସେ । ଖାଲିପେଟ । ତେଜପତ୍ର ବାସ୍ନା ପାଇଲେ ଅଇ ଥମିଯିବ । ଶାଶୁଘର ପହଞ୍ଚିଲା ପରେ କେହି ଜଣେ ନଣନ୍ଦ ଆସି ତେଜପତ୍ର ପାଛିଆଟିକୁ ଆସି ନେଇଗଲା ସମୟରେ ବାସନ୍ତିକୁ ବାପଘରର ସମ୍ପର୍କ ସବୁ ଦୂର ଲାଗୁଥିଲା ।

ବାସନ ମଜା କେତେବେଳଠୁ ସରିଲାଣି । ହେଲେ ବାସନ୍ତି ହାତରେ ଅଇଁଠା ତେଜପତ୍ରଟିକୁ ଧରି ସ୍ମୃତିର ଢ଼େର ପଛକୁ ପଳେଇ ଯାଇଥିଲା ।

କାଲି ଗୁରୁବାର ଲିପାପୋଛ କେତେ କାମ । ମାର୍ଗଶୀର ମାସର ପ୍ରଥମପାଳି । ବୋଉ ବହୁତ ଥର କହିଲାଣି ମାର୍ଗଶୀର ମାସରେ ଆଇଁଷ ଘରକୁ ଆଣନା । ଯଦିବା ଆଣୁଚ ଶୁକ୍ରବାର କି ରବିବାର ଆଣ । ବୁଧବାରଟାରେ ବିଲକୁଲ ନାଁ । କିଏ ଏତେ ଧୂଆଧୋଇ କରିବ ? ସମସ୍ତଙ୍କୁ ଆଜିକାଲି ବେମାରୀ ବଡ଼ଭାଇଜ ଗାଲେଇ । କାମ ଦାମଠୁ ବହୁ ଦୂରରେ । ସବା ସାନଟା ତ ବାହା ହେଇନି । ସାନ ଭଉଣୀ ଏବେ ତା ଶାଶୁଘରେ । ବୋଉ ଏବେ ବୁଢ଼ୀ ହେଲାଣି ଆଖି କିଛି ଦିଶେନି । ତାହେଲେ କିଏ ଏତେ କାମ କରିବ । ବାସନ୍ତି,....ବାସନ୍ତି ହିଁ କରିବ । ତା'ର କିଛି ଅସୁବିଧା ନାହିଁ ।

କୂଅମୂଳୁ ପାଣିଆଣି ଘର ଅଗଣା ପୋଛିଲା । ରାତିରେ

ପିଠଉ କରି ଝୋଟି ପକେଇବ । ବାସନ୍ତି ଖୁବ୍ ଭଲ ଝୋଟି କରେ । ଶାଶୁଘରେ ଥିବା ସମୟରେ ଚାତକ ପରି ଅନେଇଥାଏ ମାର୍ଗଶୀର ମାସକୁ । ଲକ୍ଷ୍ମୀପାଦର ପଦ୍ମଫୁଲ ଘରସାରା ଫୁଟେଇ ଦେଇଥାଏ । ଶାଶୁ ଖୁବ୍ ଖୁସି ବାସନ୍ତି ଉପରେ । ସାନ ନଣନ୍ଦଟି ସଦା ସର୍ବଦା ଭାଉଜଙ୍କ ପାଖେ ପାଖେ । ସ୍ୱାମୀ ମାଧବଙ୍କ ଆଖିରେ ବାସନ୍ତି ହେଉଚି ନୟନର ପିତୁଳି । ସାପ୍ତାହିକ ହାଟରୁ ମାଧବ ବାସନ୍ତି ଲାଗି କେତେ କଣ ଜିନିଷ କିଣି ଆଣନ୍ତି । ଖୁସିରେ ବାସନ୍ତି ଛଳଛଳେଇ ଉଠେ । ସ୍ୱାମୀ ପାଖେ ଗେହ୍ଲେଇ ହୁଏ । ଛାତିକୁ ଟାଣି ନିଅନ୍ତି ମାଧବ ଆଉ ଭବିଷ୍ୟତର ସୁନେଲି ସ୍ୱପ୍ନକୁ ନେଇ ବିଭୋର ହୋଇପଡ଼ନ୍ତି ସେମାନେ ।

ସୁଖପରେ ଦୁଃଖ ଏହା ତ ସଂସାରର ନିୟମ । ଆଲୁଅ ଅନ୍ଧାର କ'ଣ କେବେ ସାଥି ହୋଇ ଏକାଠି ରହନ୍ତି । ବାସନ୍ତି, ଜୀବନରେ ମଧ୍ୟ କ୍ଷଣିକ ଆଲୁଅକୁ ଲିଭେଇ ଅନ୍ଧାର ମାଡ଼ି ଆସିଥିଲା । ମଗୁଶୁର ମାସ ଧାନ କଟା ଚାଲିଥାଏ । ମାଧବ ଯାଇଥାନ୍ତି ବିଲକୁ । ହିଡ଼ ମୁଣ୍ଡରେ ଛିଡ଼ାହୋଇ ମୁଲିଆମାନଙ୍କ ସହିତ କଥା ହେଉଥାନ୍ତି । ଗୋଡ଼ରେ କ'ଣ ଗୋଟେ କଣ୍ଟା ଫୋଡ଼ିଲା ପରି ଲାଗିଲା । ଦିଟୋପା ରକ୍ତ ଲାଗିଛି । ସରସର କରି କିଛିଗୋଟେ ଚାଲିଗଲା ହିଡ଼ତଳକୁ । କଚାଡ଼ି ହୋଇ ପଡ଼ିଲେ ମାଧବ । ଡାକ୍ତର ପାଖକୁ ନେଲାବେଳକୁ ସବୁଶେଷ । ଉଜୁଡ଼ି ଯାଇଥିଲା ବାସନ୍ତିର ସୁଖ ସଂସାର । ନିଜ ଲୋକ ପରକରି ଚାଲିଗଲାପରେ ପରମାନେ କ'ଣ ନିଜର ହୋଇପାରନ୍ତି ? ବଦଳି ଗଲା ଦୃଶ୍ୟପଟ । ଯୋଉମାନେ ତାକୁ ଖୁବ ଭଲ ପାଉଥିଲେ ସେହିମାନେ ତା ଉପସ୍ଥିତି ସହି ପାରୁନଥିଲେ ।

ଯା'ଭିତରେ ବେଶ କିଛି ବର୍ଷ ହୋଇଗଲାଣି ବାସନ୍ତିକୁ ବାପଘରେ ରହିବାର । ପରିବାରକୁ ଅନେକ ନୂଆଲୋକ ଆସିଲେଣି । ବାସନ୍ତି ବାପଘରେ ଝିଅପରି ନୁହଁ ତ ଲୋଟଣିପାରା ପରି ସବୁ କାମ କରିଛି । ତୁଠ ପଥର ପରି ସବୁ ସହିଛି । ଉଁ କି ଚୁଁ କିଛି କହିନି । କଥାରେ ନାହିଁ ଶାଶୁଘର ଖୁଣ୍ଟା .......ବାପଘର ଖୁଣ୍ଟା ଜୀବନଯାକ । ବାସନ୍ତି ନିରବି ଯାଏ । କିଏ ତାର ସାହା ଅଛି ଯେ । ବାପା ତ ବାସନ୍ତିର ବାହାଘର ପରେପରେ ଆଖି ବୁଜିଥିଲେ । ତାଂକ ପଛକୁ ଜେଜେମା । ବୋଉ ଏବେ ନିଜେ ଡରି ଡରି ରହୁଚି ପୁଅବୋହୂଙ୍କୁ । ସେ କ'ଣ ସାହାରା ହେବ ଝିଅର । ଯାହାର ନିଜର ଗୋଟିଏ ସାହାରା ଦରକାର ।

ଗାଁମୁଣ୍ଡ ତଳସାହିର ବିପିନ ଦାଦାଙ୍କ ପୁଅ ଅଜିତ । ଲେଖାଯୋଖାରେ ଭାଇ ହେବ । ବୟସରେ ବାସନ୍ତିର ସାଂଗର ହେବ । କେବେ କେବେ ଯାଡ଼େ ବୁଲିଆସେ । ବାସନ୍ତି ସହ କଥାବାର୍ତ୍ତା କରେ । ବାସନ୍ତିକୁ ଖୁବ ଭଲଲାଗେ ଅଜିତ । ଅଜିତ ବିବାହ କରିଥିଲା । ଚଉଠି ରାତିରୁ ନୂଆବୋହୂଟି ଫେରାର । ସେଇଦିନୁ ଅଜିତ ଏକୁଟିଆ । ଖୁବ୍ ମଜାଳିଆ ମଣିଷଟି । ଯିଏ ଯେତେ ରାଗିଥାଉ କି ମୁହଁ ଫୁଲେଇଥାଉ ତାର ପଦିଏ କଥାରେ ସେ ନ ହସି ରହିପାରିବନାହିଁ । ଗାଁ ଗୋଟାଯାକ ସଭିଏଁ ତାର ଆପଣାର । ତାକୁ କେ ପଚାରୁ ଅବା ନ ପଚାରୁ ସମସ୍ତଙ୍କ ସୁଖଦୁଃଖରେ ଆଗ ହାଜର । କାହିଁକି କେଜାଣି ଦିନେ ନିରୋଳାରେ ଅଜିତ କହିଥିଲା ବାସନ୍ତିକୁ । କ'ଣ ପାଇଁ ଏତେ ବାପଘରେ ରହି ଚାକରାଣୀ ପରି ଖଟୁଚୁ । ଘରର ଝିଅ ବୋଲି ତ ଟିକିଏ ମାନସମ୍ମାନ ନାହିଁ । ଏମିତିରେ କ'ଣ ସୁଖରେ ଅଛୁ । ଚାଲ ଆମେ ..ଶେଷ ବେଳକୁ ଥ ଥ ମ ମ ହୋଇ ଯାଇଥିଲା । କିଛି କିହନପାରି ଚୁପଚାପ ପଳେଇ ଯାଇଥିଲା । ସତରେ କ'ଣ ପାଉଚି ଏ ଜୀବନରେ । ରଂଗହୀନ ଜୀବନ ଆକାଶରେ ମେଂଚାମେଂଚା ତାଛଲ୍ୟ ଆଉ ତାଡ଼ନାର ଧୂଆଁଧୂଆଁ ବାଦଲଛଡ଼ା ଆଉ କ'ଣ ଅଛି । ମଜବୁତ ହେବାକୁ ଚେଷ୍ଟା କଲା ବାସନ୍ତି ଏଥର । ଅଜିତର ରହିଯାଇଥିବା ଅପୁରା କଥାକୁ ସଂପୂର୍ଣ୍ଣ କରିବାକୁ ଆଗେଇ ଆସୁଥିଲା ।

ପୁରୀ ହାଓ୍ୱଡ଼ା ଜଗନ୍ନାଥ ଏକ୍ସପ୍ରେସରେ ବିନା ଟିକେଟରେ ଚଢ଼ିଯାଇଥିଲେ ବାସନ୍ତି ଆଉ ଅଜିତ । ସୌଭାଗ୍ୟକୁ ଟିକେଟ ଚେକ୍ କରୁଥିବା ଟିଟିଇ ଜଣକ ମାଗିନଥିଲେ ଟିକେଟ ଏମାନଙ୍କୁ । ଭୟ ପାଇଥିଲା ବାସନ୍ତି । କାହିଁକି ମାଗିଲାନି ? ମୋ ଭାଇମାନଙ୍କ ଭିତରୁ କାହାରି ଜଣକର ଚିହ୍ନା ନୁହଁନ୍ତି ତ । ଏମିତି କେତେ କ'ଣ ଭୟର ଜମାଟ ବାନ୍ଧୁଥିଲା ତା' ମନରେ । ଯଦି ବି ଟିକେଟ ମାଗିଥାନ୍ତା କେମିତି ଦେଖେଇ ଥାନ୍ତେ ଟିକେଟ । ପାଖରେ ତ କାଣି କଉଡ଼ିଟିଏ ନାହିଁ । ଏମିତିରେ ବାସନ୍ତି ପାଖରେ କ'ଣ ଟଙ୍କା ଥାଏ କି ? ତା'ର କେବେ ଟଙ୍କା ପଇସାର ଆବଶ୍ୟକତା ପଡ଼ିନାହିଁ । କଲିକତାରେ ପହଞ୍ଚିଲାବେଳକୁ ଦିନ ବାରଟା । ଭୋକରେ ପେଟ ପ୍ରବଳ ଜଳୁଛି । ଷ୍ଟେସନ ପାଖ ଚା' ଦୋକାନରୁ ଚା' ବିସ୍କୁଟ ଖାଇ ଟିକିଏ ଦମ୍ ମାରିଲେ ଦିହେଁ । ଏବେ ଠିକଣା ଖୋଜିବାର ସମୟ । କୁଆଡ଼େ ଯାଉଚୁ ଆମେ । ବାସନ୍ତିର ପ୍ରଶ୍ନର ପ୍ରତିଉତ୍ତର ନଦେଇ ଅଜିତ ଗୋଟିଏ ରିକ୍ସାକୁ ଡାକିଲା । ଓ ଦାଦା ବସିର ହାଟ ଯାବେନ୍ ? କୋତ ଟାକା । ରିକ୍ସାବାଲା ସହ ଦର ଛିଣ୍ଡେଇ ବାସନ୍ତିକୁ ଡାକିଲା ଅଜିତ । ବିନା ବାକ୍ୟବ୍ୟୟରେ

ଆସି ବସିଲା ରିକ୍ସାରେ । ଏତେ ବଡ଼ ସହର । ଯିଏ କେବେ ତାର ଅଗଣାଛଡ଼ା ବାହାରକୁ ବାହାରେନି । ଆଜି କେମିତି ଅଜିତ ସହ ବିଶ୍ୱାସର ହାତ ବଢ଼େଇ ଏତେ ଦୂର ଅଜଣା ସହରକୁ ଆସିପାରିଲା । ବିଶ୍ୱାସ କରି ପାରୁନଥିଲା ନିଜକୁ । କିଛି ଭୟ କିଛି ଖୁସିରୁ ମେଂଚାଏ ମେଂଚାଏ କୋହ ହୋଇ ବାହାରି ଆସିଲା ଆଖିବାଟେ । ତୁ କାନ୍ଦୁଚୁ କାହିଁକି ? ଏବେ ତୋ ଆଖିରୁ ଲୁହ ନୁହେଁ । ତୋ ଓଠରେ ହସ ଝରା ବାସନ୍ତି । ଆମେ ଦିହେଁ ଖୁବ୍ ଖୁସିରେ ରହିବା । ଭୁଲିଯା ଅତୀତକୁ । ଏବେ ଆମ ଚାରିପଟେ କେବଳ ସୁଖ ଆଉ ସୁଖ । ଅଜିତର ପ୍ରବୋଧନାରେ ଆଶ୍ୱସ୍ତ ଅନୁଭବ କଲା ବାସନ୍ତି ।

ବସିରହାଟ୍ । କଲିକତା ପରି ସୁନ୍ଦରୀ ମହାନଗରୀର ଏକ କତିପୂରଣମୟ ଅର୍ଗଳି କହିଲେ ଅତ୍ୟୁକ୍ତି ହେବନାହିଁ । ପ୍ରଥମେ ପ୍ରଥମେ ଅଣନିଶ୍ୱାସୀ ଲାଗୁଥିଲା । ଏବେ ଦେହସୁହା ହୋଇଗଲାଣି । ଏଠାରେ ରହିବାର ଆଜକୁ ଛଅମାସ ହୋଇଗଲାଣି । ଅଗ୍ନିକୁ ସାକ୍ଷୀରଖି ବାହାସିନା ହୋଇନି ହେଲେ ଟୋପାଏ ସିନ୍ଦୁର ଆଉ ଶଙ୍ଖା ଦୁଇପଟ ସେ ଅଜିତ ନାମରେ ପିନ୍ଧିସାରିଚି । ଅଜିତ ଏବେ ନୂଆ କାମଟେ ପାଇଚି । ଫେରୁଫେରୁ ଅନେକ ରାତି ହୋଇଯାଏ । କେବେକେବେ ସକାଳୁ ସକାଳୁ ଘରେ ପହଂଚେ । ବାସନ୍ତି କେବେ ପଚାରେନା କାହିଁକି ଏତେ ଡେରି ହେଲାବୋଲି । ସେ ଜାଣେ ନୂଆନୂଆ ସଂସାର କଲେ କେତେ ଦାୟିତ୍ୱ ବଢ଼େ ।

ଏମିତି ବ୍ୟସ୍ତ ରହୁଥିଲେ ସ୍ୱାମୀ ମାଧବ । ଶାଶୁ ତାଗିଦ କରି କହୁଥିଲେ, ମାଧବ ଏବେ ବ୍ୟସ୍ତ ଅଛି ତାକୁ ହଇରାଣ କରନା । ଦିନସାରା ମାଧବ କ'ଣ ହିସାବ କିତାବ କରୁଥିଲେ । ସେ ସମୟରେ ସ୍ୱାମୀଙ୍କ ପାଖକୁ ଯିବାଲାଗି ବାସନ୍ତିକୁ ଖୁବ୍ ଡର ଲାଗେ । ଅଜିତ୍ ବି ବ୍ୟସ୍ତ ରହୁଛି ତା କାମରେ । ଶୀଘ୍ର ଶୀଘ୍ର ଟଙ୍କା କମେଇବାର ଅଛି । ଭଲଜାଗାରେ ଘରଟିଏ ନେଇ ବାସନ୍ତିକୁ ସୁଖରେ ରଖିବ । ଖୁସିହୁଏ ବାସନ୍ତି । ସତରେ କେତେ ଭଲ ଏ ଅଜିତ୍ । ମୋ କଥା କେତେ ଚିନ୍ତା କରୁଚି । ବିଭୋର ହୋଇଯାଏ ସୁଖ ସ୍ୱପ୍ନରେ ।

କାଲିଠାରୁ ଅଜିତ୍ ଘରକୁ ଫେରିନି । ମନଟା ଖୁବ୍ ଗୋଳେଇ ଘାଣ୍ଟି ହେଉଚି । ନୂଆଜାଗା ନୂଆ ଲୋକ । ଭୀଷଣ ଡରୁଥିଲା ବାସନ୍ତି । ବୌଦ୍ଧି ଦରବାଜା ଖୋଲୁନ୍ । ଆରେ ୟେ କ'ଣ । ସ୍ଥାଣୁ ପାଲଟି ଯାଇଥିଲା ବାସନ୍ତି । ଅଜିତର ପାଦ ଟଳମଳ କରୁଥିଲା ନିଶାରେ । ତାକୁ ସାହାରା ଦେଇ ଆଣିଥିଲା ପାଖ ବଖରାରେ ରହୁଥିବା ସେଇ କାଳିଆ ସେନ୍ତେରା ପିଲାଟି । ଯାହାକୁ ବାସନ୍ତି ବିଲକୁଲ ପସନ୍ଦ କରେନା । ଦାନ୍ତକୁ ନେଫେରେଇ ପିଲାଟି କହିଲା ଆମି ଅନେକ ସମୟଧରେ ବଲଛି ଦାଦା ଆର ନାଁ ହେଲେ କି ହୋବେ । ସେ ପିଇତେ ଚଲେଛେ ପିଇତେ ଚଲଛେ । ନିଶା ଫୁଲ ଦମେ ଚଢ଼େ ଗାଲ ଫୁଲସ୍ୱିଡ଼େ ।

ଘୃଣାରେ ମୁହଁ ଫେରାଇ ନେଲା ବାସନ୍ତି । ଭାବି ପାରୁନଥିଲା ଏମିତି ତା ଜୀବନରେ ମୋଡ଼ ବଦଳିଯିବ ବୋଲି । ଉଜାଣି ନଈ ସୁଅରେ ବହୁତ ଆଗକୁ ଠେଲି ଆସିଛି ପଛକୁ ଫେରିବାର ଜୁ ନାହିଁ । ସ୍ୱପ୍ନର ବାଲିଘର ଉପରେ କାଦୁଅର ପଟାଳି । ଭାଂଗିଯାଉଥିଲା ଧିରେ ଧିରେ ସ୍ୱପ୍ନର ତାଜମହଲ ଖଣ୍ଡ ଖଣ୍ଡ ହୋଇ ।

ଅଜିତ ଚାରିକାତ ମେଲେଇ କେତେବେଳଠୁ ଶୋଇପଡ଼ିଲାଣି । କାଠଚୁଲିରେ ବସେଇଥିବା ଚା' ଉତୁରି ଉତୁରି ଯାଉଥିଲା । ଉପରକୁ ଭାସି ଆସିଲା ସଂପୂର୍ଣ୍ଣ ସିଝି ସାରିଥିବା ତେଜପତ୍ରଟିଏ । ଏବେ ଖାଲଇ ଫୋପଡ଼ା ହେବାର ସମୟ ।

ଫୁଲି ଫୁଲି କାନ୍ଦୁଥିଲା ବାସନ୍ତି । ନିଜ ଉପରେ କୋହ ଅଭିମାନ ସବୁ ଅଜାଡ଼ି ପକଉଥିଲା । ପ୍ରଥମ କରି ଖୋଜି ବୁଲୁଥିଲା ନିଜ ଅସ୍ତିତ୍ୱକୁ । ଜୀବନସାରା କେବଳ ଅନ୍ୟପାଖକର ସମର୍ପଣ ହିଁ କରି ଆସିଛି । ତ୍ୟାଗର ମୂର୍ତ୍ତିଟିଏ ସାଜି ଅନ୍ୟର ଖୁସିଲାଗି ନିଜକୁ ତିଳତିଳ କରି ସିଝେଇ ସାରି କ'ଣ ପାଇଚି ଏ ଜୀବନରେ । କେବଳ ମେଂଚା ମେଂଚା ଘୃଣା ଆଉ ତାଚ୍ଛଲ୍ୟ । ନିଜର ଲୋକମାନଙ୍କ ପାଖରେ ଖୁବ୍ ଦରକାରୀ ଅଥଚ ଅଲୋଡ଼ା ହୋଇ ଜିଁବାର ମାନେ କ'ଣ ଜୀବନ ? ନା ନିଜକୁ ଦୃଢ଼ କଲା ବାସନ୍ତି । ଏ ତେଜପତ୍ର ପରି ଥାଳି କଡ଼କୁ ଆଡ଼େଇ ଯିବନି ବରଂ ତେଜପତ୍ରର ମହକ ପରି ମହକେଇ ପେଜ ତା ସୁନ୍ଦର ଦୁନିଆଁକୁ । ସେ ଜିଇଁବ । ହସଖୁସର ଏକ ପୃଥିବୀଟିଏ ଗଢ଼ିବ । ପୁଣିଥରେ ନୂଆ କରି ସ୍ୱପ୍ନ ଦେଖିବ ।

ପ୍ରଜାପତିର ଡେଣା ବୋଧହୁଏ ଲାଗିଗଲା ବାସନ୍ତିର ଦେହରେ । ଅଧରରେ ଫୁଟିଗଲା ବିଜୁଳିର ଚମକ । ଦେହରୁ ହୁଗୁଳି ଯାଇଥିବା ଶାଢ଼ିକୁ ସଜାଡ଼ିଲା ।

ଅଜିତର ନିଶା ଧିରେଧିରେ ଖସିଖସି ଆସୁଥିଲା ବୋଧହୁଏ । ବିଳିବିଳେଇ ଥିଲା ବାସନ୍ତି ବାସନ୍ତି ବୋଲି । ବାସନ୍ତିକୁ ଏବେ ଖୁବ୍ ମିଠା ଲାଗୁଥିଲା ଅଜିତର ଡାକ ।

*, ହରପ୍ରିୟା ରେସିଡେନ୍ସ, ଝାରପଡ଼ା, ଭୁବନେଶ୍ୱର ।*

# ଅପାଠୋଇ

- ମୈତ୍ରେୟୀ କମିଳା

ମୁଣ୍ଡରେ ହାତେ ଲମ୍ବା ଓଢ଼ଣା ଟାଣି ଗୋପୀଭାଇ ହାତଧରି ଶଂଖାନାନୀ ଯୋଉଦିନ ଶାଶୁଘର ଗାଁ ଛକମୁଣ୍ଡରେ ପହଂଚିଲା ତାକୁ ଦେଖିବାଲାଗି ପାଖଆଖ ଦୁଇଚାରି ଗାଁ ଲୋକ ଜମା ହୋଇଥିଲେ । ତା ବାହାଘର କିଛି ଏମିତି ସେମିତି ନଥିଲା କି ଜାକଜମକରେ ହୋଇନଥିଲା । କିନ୍ତୁ ନିଆରା ।ଥିଲା । ରାତିପାହିଲେ ଗୋପୀଭାଇ ଝିଅ ଦେଖିବାକୁ ଯିବ କମଟ ସାହି ପଦ୍ମପୁର ଗାଁକୁ । ଥିଲାବାଲା ଲୋକ ସେମାନେ । କାଉ ରାବିଲାବେଳକୁ ଗୋପୀର ବଡ଼ଭାଇ ମୁକୁନ୍ଦ ଉଠେଇ କହିଲେ ଗୋପୀ ସକାଳ ହେଲା ସତ୍ତୁ କୁ କହିଛି ମୋଟରଗାଡ଼ି ଆଣି ଠିଆ କରିଦେବ । ଯା ଗାଧେଇ ପଡ଼ । ଦୁଇଭାଇ ସଅଳ ନିତ୍ୟକର୍ମ ସାରି ସୂର୍ଯ୍ୟ ଉଇଁଲା ବେଳକୁ ଦାଣ୍ଡପିଣ୍ଡାରେ ହାଜର । ସେଇଠୁ ମା ବୁଢ଼ୀ ଡାକ ପକେଇଲେ କ'ଣ ଦିଟା ପାଟିରେ ଦେଇ ଯା । ପକେଟରୁ ଶିଙ୍ଗ ପାନିଆ ବାହାରକରି ମଥାକୁ ସାଇଜ କରୁକରୁ ଗୋପୀ ହୋଉ ବୋଲି କହିଲା । ଜମିଦାର ବଟ ବାବୁଙ୍କ ଗୁମାସ୍ତା ବିଦୁଭୂଷଣ ଏ ପ୍ରସ୍ତାବଟା ଦେଇଥିଲେ । ସମସ୍ତେ ମିଶି ପଦ୍ମପୁର ବାହାରିଗଲେ । ଅଧଘଣ୍ଟା ଗାଡ଼ି ଚାଲିଛି କି ନାହିଁ ଗୋରୁପଲ ଗାଡ଼ି ଆଗକୁ ଆସିଗଲେ । ପଛରୁ ଗାଇଆଳ ଟୋକା ଆସି ଆଡ଼େଇ ନେଇଗଲା । ବଡ଼ଭାଇ ମୁକୁନ୍ଦ ଯାହା କହିଲେ ଗୋପୀର ହଁ । ଆଜି ମଧ୍ଧ ଭାଇ ଆଗରେ ପାଟି ଫିଟୁନି । ତ୍ରିଲୋଚନ ବାବୁଙ୍କ ଝିଅ ସାଳମଣୀକୁ ଦେଖିବା ପାଇଁ ଯିବାକଥା । ଗାଡ଼ି ଆସି ତାଙ୍କ ଫାଟକ ପାଖରେ ଲାଗିବାରୁ ଦାଣ୍ଡ ପିଣ୍ଡାରୁ ତ୍ରିଲୋଚନ ବାବୁ ଆଉ ଦୁଇଚାରିଜଣ ଭଦ୍ରଲୋକଙ୍କୁ ଧରି ଉଠି ଆସିଲେ । ଘର ଭିତରକୁ ପାଛୋଟି ନେଇ ଯଥାବିଧି ମାନ୍ୟ କଲେ । ଜଳଖିଆ ପର୍ବ ସରିଲା ପରେ ସାଳମଣୀ ପାନ ନେଇ ଆସିଲେ । ଠକ୍ ସେତିକିବେଳେ ଶଂଖୀକୁ ଘରକାମ କରୁଥିବାର ଦେଖି ମୁକୁନ୍ଦ ପଚାରିଲେ ଏ ଝିଅ କିଏ ? ତ୍ରିଲୋଚନ ବାବୁ କହିଲେ ଆମ ଘର ବୋଲହାକ ଶୁଣେ । ମା' ବାପା ତାର କେହିନାହାଁ । ଟିକେ ଉହାଡ଼ କରି ମୁକୁନ୍ଦ ଆଉ ଗୋପୀ ପଚାରିଲେ ଶଂଖିକୁ ଆମେ ତୁମକୁ ବୋହୂକରି ନେବାକୁ ଚାହୁଁଛୁ । ରାଜି ଅଛକି ? ହଠାତ ଏ ପ୍ରଶ୍ନ ଶୁଣି ଶଂଖୀ ପଥର ପାଲଟିଗଲା । ପୂର୍ନଯୌବନା ଶଂଖୀ ଆଗପଛ ବିଚାର କରିପାରିଲାନାହିଁ । ମୌନ ସମ୍ମତି ଲକ୍ଷଣ ଭାବି ଦୁଇଭାଇ ମନ୍ଦିରକୁ ଯାଇ ପୂଜା ପଣ୍ଡାକୁ କହି ମନ୍ଦିରରେ ବିଭାଘର ଜିନିଷ ସବୁ ନେଇଆସିଲେ । ସବୁ ଜିନିଷ ଦେଇ ଶଂଖୀକୁ ବଧୂ ବେଶରେ ସଜେଇ ଦିଆଗଲା । ସଂଜ ବୁଡୁ ବୁଡୁ ବାହାଘର ସାରି ବରକନିଆ ଗାଁ ମୁଣ୍ଡରେ । ଆଖପାଖ କେତେ ଖଣ୍ଡ ଗାଁଲୋକ ଏ ଘଟଣା ଶୁଣି କନିଆଁ ଦେଖିବାକୁ ଧାଇଁ ଆସିଲେ । ମୁକୁନ୍ଦ ବାବୁଙ୍କ ଘର ଆଗରେ କନିଆଁ ଦେଖା ମେଳା ବସିଲା ।

ପାଠରେ ପ ଅକ୍ଷର ଜାଣେନି ଶଂଖୀ କିନ୍ତୁ ଘରକାମରେ ପୋଖତ । ଏତେବଡ଼ ପୁରବନ୍ଦୀ ଘର । କୂଳ କୁଟୁମ୍ବ ମିଶି ପ୍ରାୟ କୋଡ଼ିଏରୁ ପଚିଶ ଜଣ । କେହି କିନ୍ତୁ ଶଂଖୀକୁ ଦେଖି ନାକ ଟେକି ନଥିଲେ । ବାପା ମା' ଠୁ ଯୋଉ ଆଦର ପାଇନଥିଲା ଏକାବେଳକେ ସବୁ ପାଇଲା । ତା' ପରିଦିନ ଗାଧୋଇ ଆସି ମୁଣ୍ଡରେ ସିନ୍ଦୁର ଲଗେଇଲା ବେଳକୁ ଆଇନା ଦେଖି ଲାଜେଇ ଗଲା । ପଛକଥା ବହେ ଭାବିଦେଲା ଭାଇଭଉଣୀ ମାନଙ୍କୁ ମନେପକାଇ ଆଖି ଛଳଛଳ କଲା । ସେପଟେ ବଡ଼ ଦେଢ଼ସୁର ଆଉ ଗୋପୀ କଥା ଭାବି ମଥା ନଇଁ ଗଲା । ସେ ଭାବିନଥିଲା ତା ଭାଗ୍ୟ ଶାଳମଣିଦେଇ ଭାଗ୍ୟଠୁ ବଳିଯିବ । ଇସସ ମୋ ପାଇଁ ଦେଇ କେତେ କଷ୍ଟ ପାଉନଥିବେ । ଏଇ ସମୟରେ ବଡ଼ ଯା ଉଖୁଡ଼ା କଦଳୀ ମିଠାଧରି ଆସି ତା ଆଗରେ ବସିପଡ଼ି କହିଲେ ସବୁ ଭାଗ୍ୟ ଲୋ ଶଂଖୀ । ନହେଲେ ତୁ ଏତେ ସଅଳ ଆମଘରେ କେମିତି ବୋହୂ ହୋଇଥାନ୍ତୁ । ଏବେ ତା କାମ ଦେଖି ଘରସାରା ଲୋକ ଖୁସି । ସେଦିନ ଗୋପୀ ବଡ଼ଭାଇ ସହ ହାଟକୁ ଯାଇଥିଲା । ଉପରଓଳି ଖଳାରେ ବସି ନଣଦ ଗେଲ୍ଲି ଆଉ ଦୁଇ ଯା ବସି ଗପୁଥିଲେ । ଗେଲ୍ଲି ନୂଆଭାଉଜ ମଥାରେ ପାନୀଆ ଦଉଦଉ କହିଲା ଭାଉଜ ସତ କହିଲ ତୁମେ କ'ଣ ଭାବିଥିଲ ଏଇ କାଶୀପୁର ଗାଁରେ ବୋହୂ ହୋଇ ଆସିବ ବୋଲି । ତା ପୂର୍ବଦିନ ରାତିରେ ଗୋପୀ ତାକୁ ପ୍ରଥମ କରି ଛୁଇଁଥିଲା ।

ସେକଥା ଭାବି ସେ ଆହୁରି ଟିକେ ଶିହରୀ ଉଠିଲା । ଲୁଣ ପରି ସବୁ କାମରେ ସମସ୍ତଙ୍କ ସହ ମିଶିଯାଏ । ଭଣଜା ଭାଣିଜୀ ପୁତୁରା ଝିଆରୀରେ ପରିପୂର୍ଣ୍ଣ ସଂସାର । ସମସ୍ତଙ୍କ ମନଜାଣି ପରସୀ ଦିଏ । ପାଠ ସନା ଜାଣେନି ହେଲେ ପାଠର ମୂଲ୍ୟ ବୁଝେ । ପୁତୁରା ଝିଆରୀଙ୍କୁ ଦଶଟାବେଳେ ଗରମ ଭାତ ତରକାରୀ କରି ଖୁଆଇଦିଏ । ପାଠ ପଢ଼ି ଭଲ ମଣିଷ ହେବାକୁ କୁହେ । ଘରର ସବୁ କାମକୁ ତାର ନିଘା ଥାଏ । କିଏ କେତେବେଳେ ଆସିବ । କ'ଣ ଖାଇବ । ହାଟ ସଉଦା କ'ଣ ହେବ । ଖରାବେଳେ ଦୁଇଚାରିଜଣ ଅଧିକା ଲୋକ ହେଲେ ରୋଷେଇ କେମିତି ହେବ ସବୁ ତା' ମୁଣ୍ଡରେ ଥାଏ । ସେଦିନ ସଂଜ ବୁଡୁ ବୁଡୁ ମୁକୁନ୍ଦ ଭାଇ ସହ ଗୋପୀ ହାଟରୁ ଆସି ପହଁଚିଲେ । ଶଂଖୀ ବିନା ଚିନିର ଚା' କପେ ଆଉ ଚିନି ଚା' କପେ ନେଇ ଆସିବାକୁ ମୁକୁନ୍ଦ ପଚାରିଲେ କ'ଣ ମା ଏଠି ତୋର କିଛି ଅସୁବିଧା ହଉନି ତ । ତୁ ଏଠି ଖୁସି ଅଛୁ ତ । ମନେ ମନେ ଭାବୁଥାଏ ଶଂଖୀ ଯୋଉ ଛୁଆର ବାପା ମା' ନାହିଁ ସେ କେମିତି ଜାଣିବ ସୁଖ ମାନେ କ'ଣ ଆଉ ଦୁଃଖର ସଂଜ୍ଞା କ'ଣ । ଭାଇଭଉଣୀ ବକତେ ଖାଇଲେ ଆଉ ଓଳି ଓପାଶ । ବାପା ମା' ଭଳି ସବୁ ଦେଇ ବୋହୂ କରି ଆଣିଲେ । ଘର ପରିବାର ସବୁ ଦେଲ । ପୂର୍ଣ୍ଣମୀ ଜହ୍ନପରି ପରିପୂର୍ଣ୍ଣ ସଂସାର ମୋର । କୋଉ ଜନ୍ମର ପୁଣ୍ୟଫଳ ମୁଁ ଜାଣେନା । ସେତିକିବେଳେ ଘରେ ଘରେ ଶଙ୍ଖ ଧ୍ୱନି ଆଉ ମନ୍ଦିରରୁ ଘଣ୍ଟା ଆଳତି ସ୍ୱର ଭାସି ଆସିଲା । ଶଂଖୀ ତୁଳସୀ ଚୌରାରେ ସଂଜବତୀ ଜାଳି ଶଙ୍ଖ ଫୁଙ୍କିଲା ବେଳକୁ ପୂର୍ଣ୍ଣମୀ ଜହ୍ନଟା ଠିକ୍ ତା' ସାମନାରେ ହସି ଉଠୁଥିଲା ।

*ନବିମୁମ୍ବାଇ*




# କଳାଠାକୁର

**– ସୀତାରାମ ଦାସ**

ବାହାଘରକୁ ନେଇ ଘରେ ସମସ୍ତଙ୍କ ଖୁସୀ କହିଲେ ନସରେ । ବନ୍ଧୁବାନ୍ଧବ ସମସ୍ତେ ଉତ୍କଣ୍ଠାର ସହିତ ଅପେକ୍ଷା କରିଛନ୍ତି କିନ୍ତୁ ବବଲି ଏକ ଅଜଣା ଆତଂକରେ ଆତଂକିତ । ଦିନ ଯେତେ ପାଖେଇ ଆସୁଛି ଭୟ ସେତେ ବଢ଼ି ବଢ଼ି ଚାଲିଛି । ଆଉ ଦିନ କେଇଟା ପରେ ଗାଁ ଗଣ୍ଡା, ସାଙ୍ଗସାଥୀ ଘର ଆଉ ବାପାଙ୍କର ଏଇ ବିଶାଳ ଛତ୍ରଛାୟାକୁ ଛାଡ଼ିକି ଯିବାକୁ ହେବ । ବିଧିର ବିଧାନ ବଡ଼ ବିଚିତ୍ର । ଏସବୁ ଭାବିବା ବେଳେ ନିଦ ହଜିଯାଉଛି ବବଲିର । ତା ସହିତ ପିଲାଟି ଦିନରୁ ବବଲିର ପୋଲିସକୁ ଭାରି ଡର । ଭିଡ଼ଭାଡ଼ ଗାଁ ଯାତ୍ରା କିମ୍ବା ଅନ୍ୟକୌଣସି ଜାଗାରେ ପୋଲିସ ମାନଙ୍କୁ ଦେଖିଲେ ବହୁତ ଡର ଲାଗେ ତାକୁ । ସେ କେବେବି ମୁଣ୍ଡ ଟେକି ଚାହିଁ ପାରେନି । ପୋଲିସ ନାଁ ଶୁଣିଲେ ତା' ଆଖି ଆଗରେ ନାଚି ଉଠେ ଜଣେ ଡେଙ୍ଗା ମଣିଷ, ହଳେ ନିଶ, ଆଉ ଗୋଟେ ବେତ ବାଡ଼ି । ଏ ଭୟଟା ଆଜି ପର୍ଯ୍ୟନ୍ତ ବି କମିନି । ଏମିତି ଭାଗ୍ୟ ଯେ ବବଲିର ବିହାହ ଠିକ୍ ହୋଇଛି ଜଣେ ପୋଲିସ କର୍ମଚାରୀଙ୍କ ସହ । ବବଲି ସବୁବେଳେ ଭାବେ ସବୁ ପୋଲିସଙ୍କ ଭଳି ଲୋକଟି ଜଦି ରାଗି ହୋଇଥିବ ? ତା' ସାଙ୍ଗକୁ ଶାଶୁମା'ଙ୍କୁ ନେଇ ଗୁଡାଏ କଥା ଭାବିଯାଏ । ଯଦି ଶାଶୁ ତାଙ୍କ ସାହି ନେତ ବୁଢ଼ୀପରି ହୋଇଥିବେ, ଚାଲିଗଲେ ଖୁଣ୍ଟାଏ ଶୁଣେଇବେ । ତା ସାଂଗକୁ ଯୌତୁକ ନିର୍ଯ୍ୟାତନା । ଘରେ ଦେଉଥିବା ଜିନିଷପତ୍ର ସେମାନଙ୍କ ମନକୁ ନଆସେ । ଏମିତି ଅନେକ ଚିନ୍ତାରେ ବୁଡ଼ି ରହେ ବବଲି ।

ଶେଷରେ ବିଭାଘର ଶେଷ ହୁଏ । ଦିନ ଗଡ଼ି ଚାଲେ । ଜଗନ୍ନାଥଙ୍କ କୃପାରୁ ସୁନ୍ଦର ଘର ସାଙ୍ଗକୁ ସୁନ୍ଦର ବର ବି ମିଳେ । ସ୍ୱାମୀ ଅରୁଣ ଜଣେ ଆଦର୍ଶ ଏବଂ ନିଷ୍ଠାବାନ ପୋଲିସ ସହିତ ଜଣେ ଦରଦୀ ସ୍ୱାମୀ । ବହୁତ ଯତ୍ନ ନିଅନ୍ତି ସମସ୍ତଙ୍କର । ଆଉ ଶାଶୁମା ଜଣେ ମହିୟସୀ ମହିଳା । ଶାଶୁ ନୁହଁନ୍ତି ମା ଠୁ ଅଧିକ । ବବଲିକୁ ଘର ବାହାର ସମସ୍ତ କାମରେ ସାହାଯ୍ୟ କରନ୍ତି । ଖୁବ୍ ସୁଖ ଶାନ୍ତିରେ କଟିଯାଏ ଦିନ ମାନ ।

ଯେଉଁ ଦିନ ଶାଶୁ ମା ବବଲି ମା' ହେବାକୁ ଯାଉଛି ଜାଣିଲେ, ତାଙ୍କ ଖୁସି କହିଲେ ନସରେ । ବୋହୂକୁ କୌଣସି କାମ କରେଇ ଦିଅନ୍ତିନି । ବବଲି ସକାଳୁ ଉଠିବା ବେଳକୁ ଘରର ବାସୀପାଇଟି ଶେଷ । ଏପରିକି ଗାଧୋଇ ଗଲେ ପାଣି ନିଜେ ଦେଇ ଆସନ୍ତି, ବବଲି ବାରଣ କଲେ ମା କୁହନ୍ତି ଭାରି ଜିନିଷ ତୁ ଉଠାଇଲେ ପିଲାକୁ କଷ୍ଟ ହେବ । ରୋଷେଇ ଟିକେ ଡେରି ହେଲେ ମା ପ୍ରୋଟିନ ପାଉଡ଼ର କ୍ଷୀରରେ ଗୋଳେଇ ନିଜ ହାତରେ ପିଆଇ ଦିଅନ୍ତି । ପ୍ରାୟ ସବୁଦିନ ବବଲି ଶୋଇଗଲା ପରେ ମା ପାଦରେ ତେଲ ଲଗେଇ ଦିଅନ୍ତି । ଏମିତି ଖୁସିରେ ଦିନ ଗଡ଼ିଚାଲେ ।

ସମୟ କ୍ରମେ ଘରକୁ ଝିଅଟିଏ ଆସେ । ଝିଅ ନୁହେଁତ ପରିଟିଏ । ସମସ୍ତେ ଡାକନ୍ତି ଅଭ୍ୟର୍ଥନା । କୁନି ଝିଅଟି ଘରର ହସଖୁସିକୁ ଦ୍ୱିଗୁଣିତ କରେ । ଝିଅର ସବୁ କାମ ଆଇ ମା' କରନ୍ତି । ସରଗ ସମାନ ଅଟେ ସେହି ଘର, ପରସ୍ପର ସ୍ନେହ ଯଦି ଥାଏ ନିରନ୍ତର । ଏହି ନ୍ୟାୟରେ ଖୁବ ଆନନ୍ଦରେ କଟିଯାଏ ସମସ୍ତଙ୍କର ସମୟ । ଏହା ଭିତରେ ଝିଅ ଦୁଇବର୍ଷର ହୋଇଗଲାଣି । ଦୁଃଖ ପରେ ସୁଖ ଆସେ ଆଉ ସୁଖ ପରେ ଦୁଃଖ । ମା'ଙ୍କ ଏବେ ଦେହ ଭଲ ରହୁନାହିଁ । ବେଳେବେଳେ ବାନ୍ତି ହେଉଛି । ପୁଅ ବ୍ୟସ୍ତ ହୋଇ ଡାକ୍ତରଖାନା ନେଇ ଦେଖାଇଲେ । ଡାକ୍ତର କିଛି ମେଡ଼ିସିନ ଦେଇ କହିଲେ ବ୍ୟସ୍ତ ହୁଅନି, ବୟସ ହୋଇଗଲାଣି । ଗ୍ୟାସ କିମ୍ବା ବଦହଜମି ହୋଇ ବାନ୍ତି ହେଉଥିବ । କିନ୍ତୁ ମାଆଙ୍କ ଅବସ୍ଥା ଦିନକୁ ଦିନ ଅଧିକ ଖରାପ ହେବାରେ ଲାଗିଲା । ଶରୀର ଦୁର୍ବଳ ହେବା ସହ ନିସ୍ତେଜ ହୋଇଗଲେ ମା । ଏକ ଅଜଣା ଭୟ ବିଚଳିତ କରୁଥିଲା ବବଲିକୁ । ଶେଷରେ ନର୍ସିଂହୋମରେ ଆଡ୍ମିସନ କରାଗଲା ମାକୁ । ରିପୋର୍ଟ ଆସିଲା କ୍ୟାନ୍ସର । ଦୁଃଖର ପାହାଡ଼ ଲଦି ହୋଇଗଲା ପରିବାର ଉପରେ । ବବଲି ଆଖିରୁ ଧାରଧାର ଲୁହ ଝରୁଥାଏ । ପାଖରେ କୁନି ଝିଅ କିଛି ନଜାଣିବି ଶୁଖିଲା ମୁହଁକୁ ଦେଖି ମୁହଁ ମାରି ବସିଥାଏ । ସ୍ୱାମୀ ଅରୁଣବାବୁ ସାନ୍ତ୍ୱନା ଦେଇ କହିଲେ କିଛି ହେବନି ମୋ ବୋଉର । ଦେଖିବ ବବଲି ବୋଉ ନିଶ୍ଚିତ ଠିକ୍ ହୋଇଯିବେ ।

ଆଜି ରାକ୍ଷୀ ପୂର୍ଣ୍ଣିମା । ବବଲିର ଭାଇ ନାହିଁ । ପିଲାଟି ଦିନରୁ ସେ ଜଗନ୍ନାଥଙ୍କ ହାତରେ ରାକ୍ଷୀବାନ୍ଧେ । ଜୀବନରେ କେବେ ଭାଇର ଅଭାବ ଅନୁଭବ କରିନି । ପ୍ରତିବର୍ଷ ଏଇ ଦିନକୁ ଆଗ୍ରହର ସହ ଚାହିଁ ରହିଥାଏ । କିନ୍ତୁ ଏ ବର୍ଷ ଖୁସି ହୋଇ ପାରୁନି ବବଲି । ତୁଳସୀ ମାଳିରେ ତିଆରି ସୁନ୍ଦର ରାକ୍ଷୀଟିକୁ ଧରି ବବଲି ବସି ପଡ଼ିଲା ଜଗନ୍ନାଥଙ୍କ ଆଗରେ । ଆଖିର ଲୁହ ଆଉ ହୃଦୟର କୋହକୁ ଚାପି ରଖିବା ତା' ପକ୍ଷରେ ସମ୍ଭବ ହେଉନଥାଏ । ଜଗନ୍ନାଥଙ୍କ ନିକଟରେ ଦୁଃଖ ଆଉ ଅଭିମାନରେ କାନ୍ଦିକାନ୍ଦି କହିଲେ ହେ ନିଳାଦ୍ରୀ ବିହାରୀ ନାରାୟଣ, ହେ ବାସୁଦେବ କୃଷ୍ଣ ହେ ଜଗତର ନାଥ ଜଗନ୍ନାଥ ହେ ଶଙ୍ଖ ଚକ୍ର ଗଦାପଦ୍ମଧାରୀ ନାରାୟଣ ମତେ ଅନାଥ କରନାହିଁ

। ମୋ ମା'ଙ୍କୁ ମୋ ଠୁ ଛଡ଼ାଇ ନିଅନି । ଜୀବନରେ ତୁମକୁ କିଛି ମାଗିନି । ଆଜି ଏ ରାକ୍ଷୀର ମାନ ରଖ । ଏ ଅଭାଗିନୀ ଭଉଣୀଟକୁ ହତାଦର କରନି । ଦୀପଟି, ଜାଳି ଜଗନ୍ନାଥଙ୍କ ହାତରେ ରାକ୍ଷୀଟି ବାନ୍ଧୁ ବାନ୍ଧୁ ଦଲକାଏ ପବନ ପଶି ଆସିଲା ଘର ଭିତରକୁ ଝରକାଦେଇ ଦୀପଟି ଲିଭୁଲିଭୁ ଅଟକାଇଦେଲେ ନିଜ ପାପୁଲିରେ ବବଲି । ମନରେ ଅନେକ ଦୁଶ୍ଚିନ୍ତା । ଘର ଭିତରୁ ଏକ ଅପୂର୍ବ ମହକ ଆସୁଥାଏ । ଚନ୍ଦନର ମହମହ ବାସ୍ନାରେ ମହକିତ ଘରର କୋଣ ଅନୁକୋଣ । ବବଲିକୁ ଆଜି ଜଗନ୍ନାଥଙ୍କ ମୂର୍ତ୍ତି ଲାଗୁଥାଏ ଅତି ଜୀବନ୍ତ । ସନ୍ଧ୍ୟାରେ ଅପରେସନ ପାଇଁ ଭର୍ତ୍ତି କରାଗଲା ଡାକ୍ତରଖାନାରେ ।

ଅପରେସନ ସଫଳ ହେଲା । ଡାକ୍ତର କହିଲେ ଏବେ ମାଆଙ୍କର ଯତ୍ନ ଠିକ୍ ସେ ନେବାକୁ ପଡ଼ିବ । ସବୁବେଳେ ହସଖୁସିର ମାହୋଲ ଭିତରେ ରଖିବାକୁ ପଡ଼ିବ । ମାସକପରେ ପ୍ରଥମ କେମୋ । ଏବେ ଭଗବାନ ଆପଣମାନଙ୍କ ସାହା ।

ମାସକ ପରେ କେମୋର ପ୍ରଭାବରେ ନିସ୍ତେଜ ଏବଂ ଅବଶ ହୋଇପଡ଼ିଛି ମାଆଙ୍କ ଶରୀର । ବବଲି ଦିନରାତି ମାଆଙ୍କ ସେବାରେ ଲାଗିଛି । ଘରଲୋକଙ୍କ ହାବଭାବ ଟିକେ ଅଲଗା ଲାଗୁଥିଲା ମାଆଙ୍କୁ । ମତେ କିଛି ଲୁଚାଉ ନାହାନ୍ତି ଭାବି ମା ପଚାରିଲେ ମୋର କ'ଣ ହୋଇଛି ? ମତେ କିଛି ଲୁଚାଉଛ । ବବଲି କହିଲେ ବୋଉ ତୁମେ ଆଦୌ ବ୍ୟସ୍ତ ହୁଅନି । ନଖାଇ ନପି ଭୋକିଲା ପେଟରେ ଦିନରାତି ଖଟିଖଟି ଆଜି ଏ ଅବସ୍ଥା କିଛିଦିନ ଚିକିତ୍ସା ହେଲା ପରେ ତୁମେ ସମ୍ପୂର୍ଣ୍ଣ ଠିକ୍ ହୋଇଯିବ । ମାଆଙ୍କୁ କ୍ୟାନ୍ସର ଏକଥା ଯେପରି ମା ନଜାଣନ୍ତି, ସେଥିପାଇଁ ସମସ୍ତେ ଜଗ ରଖି ଚଳୁଥାନ୍ତି ।

ଦ୍ୱିତୀୟ କେମୋ, ମୁଣ୍ଡ ଚୁଟି ସବୁ ଉପୁଡ଼ି ଯାଇଥିଲା ମାଆଙ୍କର । ଶରୀର ଶୁଖି କଣ୍ଟା ପରି ହୋଇଗଲାଣି । ପାଟିକୁ କିଛି ରୁଚୁନି । ମା' ଆଜି ଜିଦ କଲେ ବାସି ପଖାଳ ଗଣ୍ଡେ ଖାଇବାକୁ । ଅନେକ ଦିନ ହେବ ପାଟିରେ ପଖାଳ ବାଜିନି । ବବଲି ବାରଣ କରି କହଲା, ବୋଉ ତୁମ ଦେହ ଖରାପ ପଖାଳ କିପରି ଖାଇବ ? ଆଉ କେଇଟା ଦିନ ରହିଯାଅ । ଘର ଭିତରେ ଅରୁଣ ବାବୁ ଥାଇ କହିଲେ ତାକୁ ମନା କରନି ତା ଇଚ୍ଛା ଯାହା ହେଉଛି ଖାଉ । ଏତିକି କହୁକହୁ ଦୁଇଟୋପା ଲୁହ ବହିଆସିଲା ଆଖିରୁ । ଆଖି ଲୁହକୁ ଲୁଚାଇବାକୁ ଚେଷ୍ଟା କରିଥିଲେ ସେ ।

ଦିନ ଗଡ଼ିଚାଲେ । କ୍ୟାନ୍ସରର ପ୍ରଭାବରେ ମାଆଙ୍କର ଶରୀର ପୌଷମାସର ପଦ୍ମ ଭଳି ମଳିନ ଏବଂ କ୍ଷୀଣ ହେବାରେ ଲାଗିଥାଏ । ବବଲି ଏବଂ ଅରୁଣ ବାବୁଙ୍କ ଏକ ଅଜଣା ଆତଙ୍କ କୋରି ଖାଉଥାଏ । କେମୋର ପାର୍ଶ୍ୱ ପ୍ରତିକ୍ରିୟାରେ ନିଦ୍ରାହୀନତା ଚିଡ଼ିଚିଡ଼ା ପଣ, ଅସ୍ଥିରତା, ଦୁର୍ବଳତା ଆଦି ଲକ୍ଷଣ ଦେଖାଯାଉଥାଏ ମାଆଙ୍କ ନିକଟରେ । କିନ୍ତୁ ବବଲି ନିଷ୍ଠା ସହ ସେବା ଶୁଶ୍ରୁଷା କରୁଥାଏ ଦିବାରାତ୍ର । ଖାଇବା ପିଇବା ଠୁ ଆରମ୍ଭ କରି ଔଷଧପତ୍ର ଏବଂ ସମସ୍ତ ଦିନଚର୍ଯ୍ୟାରେ ନିଜର ସବୁ ସମୟ ନିୟୋଜିତ କରୁଥାଏ ବବଲି । ମାଆଙ୍କର ସେବା କାର୍ଯ୍ୟରେ ବ୍ୟାଘାତ ନହେବା ପାଇଁ ଝିଅକୁ ମାମୁଁ ଘରେ ଛାଡ଼ି ଦେଇଥାନ୍ତି ସ୍ୱାମୀ ସ୍ତ୍ରୀ ।

କାଲିକି ବର୍ଷେ ପୂରିବ । ସନ୍ଧ୍ୟାରେ ବବଲି ଠାକୁର ଘରେ ଭାଗବତ ପଢୁଛି । ପାଖରେ ସ୍ୱାମୀ ଅରୁଣ ବାବୁ ବସିଛନ୍ତି । ମା' ପିଣ୍ଡାରେ ବସିଥିଲେ ହଠାତ ପଡ଼ିଗଲେ । ଘର ଭିତରୁ ଦୌଡ଼ି ଆସିଲେ ଦୁହେଁ । ପାଦତଳୁ ମାଟି ଖସି ଗଲାଭଳି ଲାଗୁଥାଏ ଦୁହିଁଙ୍କର । ମା' ପଡ଼ି ମୂର୍ଚ୍ଛା ଯାଇଛନ୍ତି । କାଳ ବିଳମ୍ବ ନକରି ତୁରନ୍ତ ମେଡିକାଲରେ ପହଁଚିଲେ । ଏବେ ମା ଆଇସିୟୁରେ ।

ଆଜି ରାକ୍ଷୀ ପୂର୍ଣ୍ଣିମା ଚାରିଆଡ଼େ ଆନନ୍ଦ ଉତ୍ସବ । ବବଲିର ଖାଲି ମାଆଙ୍କ ଚିନ୍ତା । ନିଜର କିଛି ସୁଖ ଅଛି ନା ନିଜର କିଛି ଚିନ୍ତା । ରାକ୍ଷୀଟିଏ ଜଗନ୍ନାଥଙ୍କ ହାତରେ ବାନ୍ଧିଦେଇ ବବଲି ମୁଣ୍ଡତଳେ ହାତ ରଖି ମୂର୍ତ୍ତି ଆଗରେ ପଡ଼ିଛି । ଜଗା ଉପରେ ଗୁଡ଼ାଏ ଅଭିମାନ । ନା ଖିଆ ନା ପିଆ । କେତେବେଳେ ନିଦ ହୋଇଯାଇଛି ସେ ଜାଣିନି । ସ୍ୱପ୍ନରେ ବବଲି ଦେଖୁଛି ବାରିପଟ ଦେବଦାରୁ ଗଛରୁ ଦୁଇଜଣ ଦୈତ୍ୟ ପରି ଦିଶୁଥିବା ମଣିଷ ଓହ୍ଲାଇ ଦୂରକୁ ଦୂରକୁ ଚାଲି ଯାଉଛନ୍ତି । ସେମାନଙ୍କର ରୂପ ବହୁତ ଭୟଙ୍କର । କିଛି ସମୟପରେ ବବଲିକୁ ଅନୁଭବ ହେଲା କେହି ଜଣେ ମୁଣ୍ଡ ଆଉଁସି କହୁଛି ଉଠୁ ମା, ଉଠୁ । ଚାଇଁ କରି ନିଦ ଭାଙ୍ଗିଗଲା ବବଲିର ।

କିଛି ସମୟପରେ ଅରୁଣ ବାବୁ ଫୋନ କଲେ । ବ୍ୟସ୍ତ ହୁଅନି ବୋଉଙ୍କ ଦେହ ଭଲ ଅଛି । ସନ୍ଧ୍ୟା ସୁଧା ବୋଉକୁ ନେଇ ମୁଁ ଘରେ ପହଁଚିବି । ଫେରିବା ସମୟରେ ଅରୁଣଙ୍କ କାନରେ ବାରମ୍ବାର ପ୍ରତିଧ୍ୱନିତ ହେଉଥିଲା ଡାକ୍ତରଙ୍କ କଥା, ଅରୁଣବାବୁ ଚମତ୍କାର ବୋଲି ଜାଣ । ଦେହରେ କ୍ୟାନ୍ସର ସେଲ ବିଲକୁଲ ନାହିଁ । ମା ଏବେ ସମ୍ପୂର୍ଣ୍ଣ ସୁସ୍ଥ ।

ବୋଉ ଏବଂ ଅରୁଣ ବାବୁ ଘରେ ପହଁଚିଲାବେଳକୁ ମୁହଁସଂଜ । ଅରୁଣ ବାବୁ ଏବଂ ବୋଉକୁ ଦେଖି ବବଲି ଖୁସିରେ ପାଗଳ । କାଳ ବିଳମ୍ବ ନକରି ପଚାରିଲେ ଡାକ୍ତର କ'ଣ କହିଲେ ? ଅରୁଣ ବାବୁ କହିଲେ ଜଗନ୍ନାଥଙ୍କ ଅପାର କରୁଣାରୁ ଆଉ ତୁମର ଭକ୍ତି, ନିଷ୍ଠା ଏବଂ ସେବା ବଳରେ ମା' ଆଜି ସମ୍ପୂର୍ଣ୍ଣ ସୁସ୍ଥ ।

ପାଖ ମନ୍ଦିରରୁ ଗୀତଟିଏ ଭାସିଆସୁଥିଲା
କାଳିଆ ଠାକୁର ମୋ
କାଳିଆ ଠାକୁର
ତୋ ବିନା ଆନ୍ୟ ଗତି ନାହିଁରେ ମୋହର ....

ସାନମୂଳେଇ, କଟକ ।

# ଘଟ ପରିବର୍ତ୍ତନ

**– ଗୀତା ଦାସ**

'ମୁଁ ରାଜା ନଥିଲି କି ଇନ୍ଦ୍ର ମଧ୍ୟ ନଥିଲି । ମୁଁ କେମିତି ରାଜେନ୍ଦ୍ର ନାମ ପାଇଲି । ରାଜପତ ମଧ୍ୟ ପାଇଲି ।' ମନେମନେ ନିଜ ନାଁର ବିଶ୍ଳେଷଣ କରୁଥିଲା, ରାଜେନ୍ଦ୍ର । ବାପା ମାଆ ଦିନେ ଚିନ୍ତାକରି ଥିବେ ଏହି ନାମର ସାର୍ଥକତା । କ'ଣ କରି ଦୁନିଆକୁ ଦେଖେଇ ପାରିବ ? ଭୂଗୋଳ ପୋଥିଷର ଜଣାଶୁଣା ନଥିବ । ଗାଁର ପିଲା ରାଜେନ୍ଦ୍ର । ଗାଁରେ ସେମିତି କିଛି ନା କରା ନଦୀ ମଧ୍ୟ ପ୍ରବାହିତ ହେଉନଥିଲା । ଯଦ୍ୱାରା ଜମି ଶସ୍ୟ ଶ୍ୟାମଳା ହେଉଥିଲା । ପ୍ରସିଦ୍ଧ ତୀର୍ଥସ୍ଥଳୀ ମଧ୍ୟ ନଥିଲା । ଯେଉଁ ସ୍ଥାନରେ ଲୋକମାନଙ୍କର ସମାଗମ ହେଉଥିଲା । କିଛି ଐତିହାସିକ ମଧ୍ୟ ଏ ଗାଁରେ ଲୁଚି କରିନଥିଲା ଯେଉଁଥିପାଇଁକି ପ୍ରତ୍ନତାତ୍ତ୍ୱିକ ବୈଜ୍ଞାନିକମାନେ ଭୂମିଖନନରେ ଲାଗିପଡ଼ିଥିଲେ । ତଥାପି ସୁନ୍ଦର ନାଁଟିଏ ପାଇଁ ଏ ଗାଁ ହସୁଥିଲା ପ୍ରକୃତିର କୋଳରେ । କଲୁରେଇ ଖୋର୍ଦ୍ଧାଜିଲ୍ଲାର ଛୋଟ ଗାଁ ରାଜଧାନୀ ଠାରୁ ବାର କି.ମି ଦୂର ।

ରାଜେନ୍ଦ୍ରର ଗାଁର ପରିସୀମା ଖୁବ୍ ଛୋଟ । ଲୋକସଂଖ୍ୟା ତିନିଶହ ଭିତରେ । ଗାଁର ସାହି ଦୁଇଟି । ସବର୍ଣ୍ଣ, ଅସବର୍ଣ୍ଣ । ମଝିରେ ଭାଗ ହୋଇଯାଇଛି, ଚାଷ ଜମି । ନଦୀ ଆରପାଖରେ ଅନ୍ୟ ଗାଁ ସବୁ ଅଛି । ଅଧିକାଂଶ ସମୟ ସବର୍ଣ୍ଣ ଅସବର୍ଣ୍ଣ ମଧ୍ୟରେ କଳି ଝଗଡ଼ା ହୁଏ ସେଥିରୁ କେତେକ ଅସବର୍ଣ୍ଣ ଅସହ୍ୟ ହୋଇ ଧର୍ମ ପରିବର୍ତ୍ତନ କରି ଦେଶ ଛାଡ଼ି ବିଦେଶରେ । ତେଣୁ ସେମାନଙ୍କର ଗାଁ ପ୍ରବେଶ ନାହିଁ ।

ରାଜେନ୍ଦ୍ର ଅସବର୍ଣ୍ଣ ପରିବାରର ପିଲା । ବହୁତ ଅସୁବିଧାରେ ସ୍କୁଲ ପାଠ ସାରିଛି । ଜମିବାଡ଼ି ସାଧାରଣ । ଆମଦାନୀ ଫସଲ ବର୍ଷେ ଯାଏ ନାହିଁ । ଅଭାବୀ ପରିବାର । ରାଜେନ୍ଦ୍ର ପରିବାରର ବଡ଼ ପୁଅ ।

ରାଜେନ୍ଦ୍ର ପିଲାବେଳୁ ପରୋପକାରୀ । ବିପଦ ଆପଦରେ ସାହାଯ୍ୟ କରିବା, ଅନ୍ୟର ଦୁଃଖସୁଖରେ ଭାଗୀ ହେବା । ବୟସ ବଢ଼ିବା ସଂଗେ ସଂଗେ ଏ ଗୁଣ ସବୁ ବାସି ମହକୁ ଥିଲା ।

ସମାଜ ବିଷୟରେ ଚିନ୍ତା କରିବାର ବୟସ ଆସିବ । ପରେ ସବର୍ଣ୍ଣ ଅସବର୍ଣ୍ଣଙ୍କ ମଧ୍ୟରେ ସୁସଂପର୍କର ସେତୁଟିଏ ଟାଣିବାକୁ ଚାହିଁଛି । ଚାହିଁଲେ କ'ଣ ସବୁ କଥା ସମ୍ଭବ !

ପଦପଦବୀ ଆରୋହଣ ପାଇଁ ପ୍ରତିଯୋଗିତା ତୀବ୍ର ହୋଇଛି । ସୀମା ଓ ଯୋଗ୍ୟତା ନଥାଇ କେତେକ ଧନଶାଳୀ ବାହୁବଳୀ ଜାତି ଧର୍ମ ଚକ୍ରାନ୍ତକାରୀ ବ୍ୟକ୍ତିମାନେ ଗୁରୁତ୍ୱପୂର୍ଣ୍ଣ ପଦପଦବୀ ପାଇ ପାରୁଛନ୍ତି । ଏଥିପାଇଁ ରାଜନୈତିକ ବ୍ୟକ୍ତିମାନଙ୍କର ଅନୁକମ୍ପା ଆବଶ୍ୟକ । ଏଗୁଡ଼ିକ କିଛି ବି ନଥିଲା ରାଜେନ୍ଦ୍ରର ।

ବର୍ତ୍ତମାନ ରୁଲିଂ ପାର୍ଟି କଂଗ୍ରେସ୍ । କଂଗ୍ରେସର ଟିକଟ ପାଇଁ ଠିଆ ହୋଇଛି, ରାଜେନ୍ଦ୍ର । ସରପଞ୍ଚ ପଦ ମଧ୍ୟ ପାଇଛି ନିଜ ଗାଁରେ । ସଭ୍ୟମାନଙ୍କର ଦୁଇତୃତୀୟାଂଶ ଭୋଟ ମଧ୍ୟ ହାତେଇଛି । ରାଜନୀତିରେ ପ୍ରଥମ ପାଦ ଥାପିଛି । ରାଜେନ୍ଦ୍ର ଅନେକ ଆଦର ଅଭ୍ୟର୍ଥନା ମିଳିଛି । ପାର୍ଟିରେ ଅନେକଙ୍କର ସମର୍ଥନ ଅଛି । ଜନତାଙ୍କର ଭଲପାଇବା ଆସ୍ଥା ବିଶ୍ୱାସ ମଧ୍ୟ ଅଛି ।

ମୁଣ୍ଡ ଗୁଂଜିବାକୁ ଘର ଖଣ୍ଡେ ନାହିଁ । ରାଜେନ୍ଦ୍ରର ସେଇ ପୁରୁଣା କାଳିଆ ବାପ ଗୋସବାପ ଅମଳ ଘର । ନଡ଼ା ଉଲୁରି ଯାଇ କାଠ ଖଣ୍ଡ ସବୁର ଫାଟ ଦିଶିଲାଣି । ମାଟି କାନ୍ଥ ସବୁ ଫାଟି ଆଁ । ବର୍ଷା ପାଣି ଖାଇଲେ କେତେବେଳେ ଯେ ଭୁଷୁଡ଼ିବ କିଏ କହିବ ? ପାର୍ଟି ଖର୍ଚ୍ଚ ପାଇଁ କିଛି ଟଙ୍କା ପାଇଥିଲା ସେ ସବୁ ତ ମାପଚୁପ । ଅଭାବ ଯେମିତି ରାକ୍ଷସ ପରି ତା ପଛେ ପଛେ ଗୋଡ଼ାଇଛି ।

କିଛି ଆର୍ଥିକ ସାହାଯ୍ୟ ପାଇଁ ଯାଇଥିଲା ରାଜେନ୍ଦ୍ର ମୁଖ୍ୟମନ୍ତ୍ରୀଙ୍କ ଦପ୍ତରକୁ । ପି.ଏ ମୁଖ୍ୟମନ୍ତ୍ରୀଙ୍କୁ ଯୋଗାଯୋଗ କରିଥିଲା ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ କରିବାପାଇଁ;କିନ୍ତୁ ସେ ସୁଯେଗ ଦେଇନଥିଲେ ରାଜେନ୍ଦ୍ରକୁ । ଓଲଟା ଆସି ରାଜେନ୍ଦ୍ରକୁ ବର୍ଷିଲେ ଟଙ୍କା କ'ଣ ମାଗିବାକୁ ଆସିଛି । କାମ କରି ଦେଖାଉ କ୍ଷମତା ପଦପଦବୀ ସବୁ ପାଇବ । ମୁଖ୍ୟମନ୍ତ୍ରୀ ବାର୍ତ୍ତା ବହନ କରୁଥିବା ପି.ଏଙ୍କ କଥା ରାଜେନ୍ଦ୍ରକୁ ବହୁତ କଷ୍ଟ ଦେଇଥିଲା । ରାଜନୀତିର

ଭିତିରି ଅର୍ଥ ବୋଧେ ବୁଝିବାକୁ ସମର୍ଥ ନଥିଲା, ରାଜେନ୍ଦ୍ର । ତା ଛଡ଼ା ଶାସ୍ତ୍ର ପରା ମନା କରିଛି ବଡ଼ ଲୋକଙ୍କ ଯୁକ୍ତିତର୍କ କରିବ ନାହିଁ । ଯଦି କିଛି ସ୍ୱାର୍ଥ ଅଛି ନୀରବରେ ସହିବ ।

ସରପଞ୍ଚ ପଦ ପାଇବା ପୂର୍ବରୁ ସେ ଅନେକଥର ଚେଷ୍ଟା କରିଛି ମୁଖ୍ୟମନ୍ତ୍ରୀଙ୍କ ସହ ଖୋଲାଖୋଲି ଆଲୋଚନା କରିବା ପାଇଁ । କିନ୍ତୁ ସେ ପ୍ରକାର ପାଗ ତା ପାଇଁ ଅନୁକୂଳ ନଥିଲା । ଭୁବନେଶ୍ୱରରେ ବେଳେବେଳେ ଛାମୁଆ ନେତାଙ୍କ ସାକ୍ଷାତର ସୁବିଧା ହେଇ ପାରୁନଥିଲା । ସେଥିରେ ପୁଣି ମୁଖ୍ୟମନ୍ତ୍ରୀ । ଏସବୁ ତା ପାଇଁ ଥିଲା ଆକାଶ କଇଁଆ ଚିଲିକା ମାଛ । ପୁଣି ସେଇଠିକି ହାତ ବଢ଼ାଉଛି କିଆଁ ? ମନରେ ଗୋଟିଏ ସ୍ୱପ୍ନ ଦଳିତମାନଙ୍କ ପାଇଁ କିଛି କରିବ ।

ସାଧାରଣ ଭାବେ ଚଳିବା ତା ପକ୍ଷେ କଷ୍ଟ ଥିଲା । କି ବା ପାଠ ପଢ଼ିଛି କେଉଁ ଚାକିରି ବା ତାକୁ ମିଳିବ ? ସରପଞ୍ଚର ଦାୟିତ୍ୱ ପାଞ୍ଚବର୍ଷ ତୁଲାଇଲା । ଗାଁର କାମ କିଛି ହେଇଚି କିନ୍ତୁ ଆଖିଦୃଷ୍ଟିଆ ନୁହେଁ । ଅର୍ଥ ମଞ୍ଜୁରୀ ଯଥେଷ୍ଟ ହେଇଛି ସରକାର କହିବେ । ରାଜେନ୍ଦ୍ର କ'ଣ ନ କରିଛି ।
ରାଜନୀତିରେ ପଶିବା ଅର୍ଥ ବାଘ ଗୁମ୍ଫାରେ ପଶିବା କିନ୍ତୁ ବାଘ ଦେଖିଲେ ଡରିବାନି । ବାଘକୁ ସନ୍ତୁଷ୍ଟ କରିବା ପାଇଁ ଛେଳି ଯୋଗାଇବା ବା ନିଜେ ଛେଳି ହୋଇ ବଳି ପଡ଼ିବା । ବିଶ୍ୱାସ ହେଉଛି ବଡ଼ କଥା । ଏହି କଥା ଦଳୀୟ ସ୍ୱାର୍ଥକୁ ଠିକ୍ ଭାବରେ ବୁଝି ପାରିନଥିଲା । ଭିତରେ ଭିତରେ ଗୋଳେଇ ଘାଣ୍ଟି ଚକୁଟାରେ ଦିନେ ନା ଦିନେ କିଛି ମିଳିଯିବ ଏ ନେଇ ସେ ଦୃଢ଼ ଥିଲା ।

ପାର୍ଟି ଅଫିସରେ ସେ କେମିତି ଚଳୁଥିଲା ନିଜେ ନିଜେ ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ସାଧାରଣ କମ ରୋଷେଇ ବାସ ବୋଲହାକ ଟହଲୁଟୁକର ନେତାଙ୍କ ପଛରେ ଗୋଡ଼ାଇ ଗାଁ ଗାଁ ବୁଲିବା । ଏସବୁ ସହ ଅନେକ କଥା ଭାବିବା ଓ ବିଶ୍ଳେଷଣ କରିବା । ନିଜର ଉନ୍ନତି ପାଇଁ କିଛି କାମ କରିବା ପାଠକୁ ରୀତିମତ ଅଭ୍ୟାସ କରୁଥାଏ । ମନ ଦେହ କଥା ଆତ୍ମ ବିଶ୍ୱାସରେ ।

ରାଜେନ୍ଦ୍ରର କାମ କିଏ ନ ଜାଣିଛି ବା କିଏ ନ ଦେଖିଛି ? ମୁଖ୍ୟମନ୍ତ୍ରୀ ସ୍ୱୟଂ ନିଜେ ରାଜେନ୍ଦ୍ର ବାପାର ଦେହ ଖରାପ ହେଲା ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଫଣ୍ଡରୁ କିଛି ପଇସା ମାଗିଥିଲା । ସେତକ ବି ସେ ଦେଇନଥିଲେ । ତଥାପି କ୍ଷମତା ଲଢ଼େଇରେ ସେ ହାରି ନଥିଲା । ପୂର୍ବଭଳି ମନ ଲଗାଇ କାମ କରୁଥିଲା ।

ଏଭଳି ଦିନେ ପାର୍ଟି କାମରେ ରାଜେନ୍ଦ୍ର ମନ୍ତ୍ରୀଙ୍କ ସହ ମୁମ୍ବାଇ ଚାଲିଗଲା । କିନ୍ତୁ ଦରକାରୀ କାଗଜପତ୍ର ହାତରେ ଥିଲା । କଂଗ୍ରେସ ପାର୍ଟିର ସାର୍ଟିଫିକେଟ୍ । ସରପଞ୍ଚ ସାର୍ଟିଫିକେଟ୍ ଇତ୍ୟାଦି ପାଖରେ ଥିଲା ।

ମୁମ୍ବାଇରେ ମଧ୍ୟ ସେ କିଛି କମ୍ ଦୁଃଖକଷ୍ଟ ସହିନି । ଷ୍ଟେସନରେ କୁଲିଠାରୁ ହୋଟେଲରେ ବାସନ ମାଜିବା, ପରଘରେ କାମ କରିବା, ଖବରକାଗଜ ବିକ୍ରି କରିବା, ବସ୍‌ରେ ହେଲପର ହେବା କେଉଁ କାମରେ ସେ ହାତ ଦେଇନି । ଏ କଥାକୁ କେହି ବିଶ୍ୱାସ ନକଲେ ମଧ୍ୟ ତା'ର ହୃଦୟ ହିଁ ବିଚାର କରିବ । ସବୁକୁ ସାଇତି ରଖିଛି ବ୍ୟାଥାକୁ ହଜାଇବି ।

ମୁମ୍ବାଇରେ ଶିଶୁ ନିର୍ଯ୍ୟାତନା ଦାଦନ ଶ୍ରମିକମାନଙ୍କର ଦୁଃଖଦ ଚିତ୍ର ଇମେଲକୁ ପଠାଉଥିଲା । ଫାଇଲଫଟୋ ତା ପାଖରେ ସଂଗ୍ରହ କରି ରଖୁଥିଲା । ସେଇଠୁ ନେତାର ଜୀବନ ଆରମ୍ଭ ହେଲା ବସ୍ତିର କର୍ପୋରେଟର ଭାବେ ।

ଏବେ ରାଜେନ୍ଦ୍ର ମେୟର ମୁମ୍ବାଇ ମହାନଗରୀର ଏତେ ଜଞ୍ଜାଳ ବା ରାଜନୀତି ଭିତରେ ଜଣେ ଗ୍ରାଜୁଏଟ ହୋଇ ପାରିଥିଲା । ଲ' ପାଠ ମଧ୍ୟ ସାରିଥିଲା । ନିଜ କ୍ୟାରିୟର ନିଜେ ଗଢ଼ି ପାରିଥିଲା ...ମଧ୍ୟ ଲବି ଅଛି । ପ୍ରଧାନମନ୍ତ୍ରୀ ମଧ୍ୟ ତାର ଦକ୍ଷତା ଉପରେ ବିଶ୍ୱାସ ରଖିଛନ୍ତି । ମୋଟ ଉପରେ କହିବାକୁ ଗଲେ ରାଜେନ୍ଦ୍ର କଂଗ୍ରେସର ଜଣେ ଟାଣୁଆନେତା ।

ରାଜେନ୍ଦ୍ର ଦିନେ ଚିନ୍ତାକରିନଥିଲା ପାର୍ଟି ଅଫିସରେ ବୋଲହାକ କରୁଥିବା ରାଜୁଆ ଓରଫ ରାଜେନ୍ଦ୍ର କିପରି ଜଣେ ମାନ୍ୟଗଣ୍ୟ ବ୍ୟକ୍ତି ହୋଇ ପାରିବ ଯା'ର ନାମ ଭାରତର ରାଜନୀତି ପୃଷ୍ଠାରେ ଦେଖିବାକୁ ମିଳିବ ।

କଲୁରେଇ ଗାଁର ଲୋକମାନଙ୍କ ମନରେ ଗର୍ବ ଆସେ ଯାହାହେଉ ତାଙ୍କ ଗାଁ ପିଲା ଦେଶ ବିଦେଶରେ ନାଁ କମେଇଛି । ସମ୍ମାନ ପାଉଛି । ଅସବର୍ଣ୍ଣ ବିଦ୍ୱେଷ ଭାବନାର ଚମତ୍କାରିତା । ସେମାନେ ଅନୁଭବ କରୁଥିଲେ ।

ରାଜେନ୍ଦ୍ର ନିଜ ଗାଁର ଉନ୍ନତି ପାଇଁ ସ୍ୱପ୍ନ ଦେଖିଛି ଏକଥା ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ କାନରେ ବାଜିଛି । ବୋଧହୁଏ ମୁଖ୍ୟମନ୍ତ୍ରୀଙ୍କ ଇଚ୍ଛା ରାଜେନ୍ଦ୍ର ଦ୍ୱାରା ରାଜନୀତି ସମ୍ବନ୍ଧୀୟ କିଛି କାର୍ଯ୍ୟ ସହଜରେ କରିହେବ । ଯେଉଁ ଯେଉଁ କାମ କେନ୍ଦ୍ର ସରକାରଙ୍କ ନିକଟରେ ଅଟକି ଯାଉଛି ବା କରିବା ସମ୍ଭବପର ହେଇପାରୁନି ସେଗୁଡ଼ିକ ବାକ୍‌ଚାତୁରୀ ତୀକ୍ଷ୍ଣ ଦୃଷ୍ଟି କାର୍ଯ୍ୟକୁଶଳତା ଦ୍ୱାରା ସମ୍ଭବ

ହୋଇପାରିବ । ଏଗୁଡ଼ିକ କେବଳ ରଜେନ୍ଦ୍ର ହିଁ ସଫଳତା ସହ କରିପାରିବ ।

ଏଇ ଭିତରେ ପାଞ୍ଚବର୍ଷ ହେବ ରାଜେନ୍ଦ୍ର ଓଡ଼ିଶା ଆସିନି । ଗାଁର ନଦୀ ଉପରେ ପୋଲ ହେବ । ରାସ୍ତାର ସୁବିଧା ହେବ । ଜମିକୁ କେନାଲଯୋଗେ ଜଳଯୋଗାଣ ହେବ । ଅସବର୍ଣ୍ଣ ଲୋକମାନଙ୍କର ଶିକ୍ଷା ସ୍ୱାସ୍ଥ୍ୟର ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯିବ ପୂର୍ବରୁ ଏ କଥା ସରକାରଙ୍କୁ ଜଣାଇଦେଇଛି ରାଜେନ୍ଦ୍ର । ଶୁଣିବାକୁ ପାଏ ମୁଖ୍ୟମନ୍ତ୍ରୀ ବ୍ୟସ୍ତ ଅଛନ୍ତି । ଆମକୁ ନିର୍ବାଚନ ଅଛି । ବିଧାନସଭାରେ ହଟଗୋଳ । ନୂତନ ମନ୍ତ୍ରୀପଦ ଗଠନ ପାଇଁ ପ୍ରାରମ୍ଭିକ ପ୍ରସ୍ତୁତି ।

ରାଜେନ୍ଦ୍ର ଗାଁକୁ ଯିବାର କାର୍ଯ୍ୟକ୍ରମ ଅଛି । ଏକଥା ମୁଖ୍ୟବନ୍ତ୍ରୀ ଆଗୁଆ ସୂଚନା ପାଇଛନ୍ତି । ଗାଁ ନଦୀ ଉପରେ ପୋଲର ଶିଳାନ୍ୟାସ ହେବ । ତେଣୁ ସେ ସୁଯୋଗ ନେଇ ମୁଖ୍ୟମନ୍ତ୍ରୀ ସ୍ୱାଗତ ବନ୍ଦୋବସ୍ତର ଆୟୋଜନ କରୁଛନ୍ତି । ସ୍ୱତନ୍ତ୍ର ଭାବେ ନିଜ ବାସଭବନକୁ ନିମନ୍ତ୍ରଣ । ରାତିରେ ଏକ ଜରୁରୀ ବୈଠକ ମଧ୍ୟ ହେବ କେବଳ ପାର୍ଟି ଲୋକ । ଅନ୍ୟମାନେ ନୁହଁନ୍ତି ।

ମୁମ୍ବାଇ ବିମାନ ଭୁବନେଶ୍ୱରରେ ଅବତରଣ କରିବା ପୂର୍ବରୁ ହାତଘଡ଼ିକୁ ଚାହିଁଲା ରାଜେନ୍ଦ୍ର । ସକାଳ ଆଠ । ମୋବାଇଲ ସୁଇଚଅନ୍ କଲା । ଫାଇଲ ପତ୍ର ସବୁ ସଜାଡ଼ିବା ପାଇଁ ଆଦେଶ ଦେଲା ପି.ଏ କୁ । ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ଯିବା ବାଟରେ ସେଗୁଡ଼ିକ ପଢ଼ିନେବ । କାମ ଗୁଡ଼ିକର ସଂକ୍ଷିପ୍ତ ଟିପ୍‌ପଣୀ ପ୍ରସ୍ତୁତ କଲା ମନରେ । ନିଜ ପାଖରେ ମଧ୍ୟ କେତୋଟି ଦରକାରୀ କାଗଜ ଥିଲା । ତାକୁ ମଧ୍ୟ ସଜାଡ଼ିଲା ଏହି ସମୟରେ ଏୟାରହୋଷ୍ଟେସ୍ ସେଫଟି ବେଲ୍ଟ ବାନ୍ଧିବାକୁ ସୂଚନା ଦେଲେ ।

ଭୁବନେଶ୍ୱର ବିମାନ ବନ୍ଦରକୁ ଚାହିଁ ରହିଥିଲା ଏକ ଲୟରେ । ଏତେ ଲୋକ କଉଥିପାଇଁ କ'ଣ ତା'ର ସମ୍ବର୍ଦ୍ଧନା ପାଇଁ ? ତାହେଲେ ରାଜେନ୍ଦ୍ରର ଘଟ ପରିବର୍ତ୍ତନ ହେଇଚି ନା କ'ଣ ? ପୂର୍ବରୁ ଅସବର୍ଣ୍ଣ ନେତା ରାଜଆ ଓରଫ ରାଜେନ୍ଦ୍ର ଗୋଛାୟତ ଆଜିର ମେୟର ବୋଲି । ଖୁସି ହେବ ନା ଦୁଃଖ କରିବ ସେ କଥା ଚିନ୍ତା କରିପାରୁନଥିଲା । ଭବ୍ୟ ସମ୍ବର୍ଦ୍ଧନା ରାଜନୀତିର ହୋଲି ଖେଳ ନୁହେଁ ତା ରାଜନୀତିର ମିଛ ଖେଳ ଭିତରେ ତାକୁ ରଙ୍ଗ ଖେଳିବାକୁ ହେବ । କିଛି ପ୍ରତିଶ୍ରୁତି ପାଇଁ ଅଭିନୟ ମଧ୍ୟ କରିବ । ପଛ ଆଗର ଜୀବନ ଫେଣ୍ଟା ଫେଣ୍ଟି ଭିତରେ କେତେବେଳେ ସେ ବିମାନବନ୍ଦର ଫାଟକ ପାର ହୋଇ ରାସ୍ତା ଉପରକୁ ଚାଲିଆସିଥିଲା ମୋଟେ ଜାଣି ପାରିନଥିଲା । ଜାଣିବାର ସୁଯୋଗ ମଧ୍ୟ ନଥିଲା । ମଣିଷଗହଳି ସମୁଦ୍ର ଭିତରେ ସେ ବୁଡ଼ଉ ହୋଇଯାଇଥିଲା କେବଳ ନାରା ଶୁଭୁଥିଲା ଜୟ ରାଜେନ୍ଦ୍ର । ଜୟ ହାତଚିହ୍ନ । ଜୟ ସରକାର । ଜିନ୍ଦାବଦ ଧ୍ୱନିରେ ବିମାନବନ୍ଦର ଉଛୁଳି ପଡୁଥିଲା । ତାପଛରେ ମୁଖ୍ୟମନ୍ତ୍ରୀ ଓ ଖାସ ମନ୍ତ୍ରୀ ଦୁଇଜଣ । ଅସଂଖ୍ୟ ନାମ ବେନାମ ଧାରୀ କର୍ମୀଗଣ ଓ ମୁଖ୍ୟଶାସକ ସଚିବ ମଧ୍ୟ ଉପସ୍ଥିତ ଥିଲେ ।

ବିମାନ ବନ୍ଦରରୁ ସିଧା ଗଲା ରାଜେନ୍ଦ୍ର ମୁଖ୍ୟମନ୍ତ୍ରୀଙ୍କ ବାସ ଭବନକୁ । ସେ ବ୍ୟବସ୍ଥା ପୂର୍ବରୁ ହୋଇସାରିଥିଲା ଫୁଲତୋଡ଼ା ଫୁଲହାର ସବୁ ଗାଡ଼ିର କାଚ ପାଖରେ ରହିଥିଲା ଯାହାକି ବାରମ୍ବାର ମୁଣ୍ଡରେ ବାଜୁଥିଲା ।

ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ବିରାଟ ହଲ୍ ପାଖରେ ଅଟକିଲା ଗାଡ଼ି । ସଂଗେ ସଂଗେ ପାଛୋଟି ନେଇଗଲେ ସ୍ୱୟଂ ମୁଖ୍ୟମନ୍ତ୍ରୀ ମନେ ପଡ଼ିଗଲା ରାଜେନ୍ଦ୍ର ସେଇ ମଣିଷ ତ ! ଟିକିଏ ବି ଚେହେରାର ପରିବର୍ତ୍ତନ ହୋଇନି ବରଂ ଆଗ ଅପେକ୍ଷା ଟିକିଏ ମୋଟା ହେଇଚି କଥାଟା କିନ୍ତୁ ପୂରା ବଦଳି ଯାଇଛି । ଆବେ ପର୍ଶୁ ଯାବେ ପର୍ଶୁ ବାବୁ ପର୍ଶୁରାମ । ଏକ ରୂପାନ୍ତର ଛବିମାତ୍ର ।

ରାଜେନ୍ଦ୍ର ଭାବୁଥିଲା ଅତୀତର କଥା । ଅଭାବୀ ମଣଇଷ । ବାପାଙ୍କ ଚିକିତ୍ସା ପାଇଁ କିଛି ସାହାଯ୍ୟ ଭିକ୍ଷା କରିବାକୁ ଯାଇଥିଲା । ସେତକ ଓ ହୋଇ ପାରିନଥିଲା, ମୁଖ୍ୟମନ୍ତ୍ରୀଙ୍କ ପାଖ ଲୋକ ଯୋଗୁଁ । ଭେଟିବା ପାଇଁ ଘରୁ ବିଧାନ ସଭା ପର୍ଯ୍ୟନ୍ତ ଫେରି ନିରାଶ ହୋଇଥିଲା । ମୁଖ୍ୟ ମନ୍ତ୍ରୀଙ୍କ ବାସଭବନ ଆଗରେ କଂଗ୍ରେସପତାକା ଧରି ଠିଆ ହେଇଥିଲା । ଛାମୁଆ ନେତା ଜାଣିଥିଲେ । ...ମୁଖ୍ୟମନ୍ତ୍ରୀଙ୍କ ଗାଡ଼ି ଅଟକି ନଥିଲା କି ଚାହିଁ ନଥିଷଲ ମଧ୍ୟ । ତେବେ.....ଆଜି ?


ମୁଖ୍ୟମନ୍ତ୍ରୀଙ୍କ ସହ କୁଟନୀତିର ଫରମୁଲା ଫିଟ ହେବ କିପରି ? ସେ କଥା ଚିନ୍ତା କରୁଥିଲା ରାଜେନ୍ଦ୍ର କିନ୍ତୁ ସଂକର୍କର ଦ୍ୱାହିଦେଇ ରଜ୍ଜୁକୁ କେତେ ଟାଣ ଶକ୍ତ କରିହେବ ସେ କଥା ଚିନ୍ତା କରୁଥିଲେ ସ୍ୱୟଂ ମୁଖ୍ୟମନ୍ତ୍ରୀ । ପାର୍ଟିଲେଶକ ଆପ୍ରାଣ ସେବା କାମରେ ଲାଗିଥିଲେ ଭବିଷ୍ୟତର ସ୍ୱପ୍ନ ନେଇ ।

*ଫିରିଙ୍ଗି ବଜାର*


ROUT CLASSES
CBSE XII
2018 RESULT
For Mathematics
Akankshya Baisakh
DAV PUBLIC SCHOOL, CDA, Cuttack
MATH SCORE 98/100
Sidhartha
DAV, Chandrasekharpur, BBSR
MATH SCORE 96/100
Amit Pradhan
DAV Public School, CDA, Cuttack
MATH SCORE 95/100
Madhusmita Agasti
DAV PUBLIC SCHOOL, CDA, Cuttack
MATH SCORE 94/100
Nitu Mohapatra
MATH SCORE 91/100
Sarthak Satapathy
Mother's Public School, BBSR
MATH SCORE 90/100
Triparna Mishra
Delhi Public School
MATH SCORE 89/100
Bidyut
DAV Public School, Unit-8, BBSR
MATH SCORE 89/100
Namrata Jena
MATH SCORE 83/100
& many more....
ROUT CLASSES
Blooming the Hidden Treasure
94384 09975 / 97763 55340
94384 09975
routclasses@gmail.com
www.routclasses.com
Sector-6, CDA (Cuttack), Sailashree Vihar,
VSS Nagar, BJB Nagar, Bomikhal (BBSR)
YouTube

# IBMS No.1 INSTITUTE

# IBM'S






## BANK | SSC | RLY | OAS

PO/CLERK | +2/GRADUATE | Tech./Non Tech. | BED

**CALCULATE 763X592 IN SECONDS**
**Charge your Brain**
**With the power of VEDIC MATHS.**

Free Registration For the
MATHS (QA) SPEED TECHNIQUE WORK SHOP
AT Our Badambari Branch
By Praharaj Sir .Con:0671-6540190

## 0671-6540190 M-9238500190

## Register Your Name For Free Class

All India Topper



Lopa Mudra Mohanty

### EXCLUSIVE FEATURES

- COMPLETE SIGN-UP SYSTEMS
- ENTRY BY 20 MINUTE PRE INTERVIEW & FREE CLASSES .
- WITH YOU SCORING OF 65%
- STUDENT FORUM CLASSES
- COMMON TEST STARTS FROM THE DATE OF ENTRY WITH COMPLETE EXPLANATION.

101 SPEED TEST
25 COMMON TEST
25 COMPLETE TEST &
IT CONTINUES TILL
YOU SCORE 65%



"I Get 6 job in 7 Month" Joined IOB PO. Calcutta.

Ankita Bhawani
Indian Overseas Bank PO



NARESH BARIK
VIJAYA BANK PO



Ruchi Smita Behera
Corporation Bank



Sandeep Mohanty
Bank Of India PO

Binayak Sahoo
Rank-8(MBA KIIT).
Debendra Bal
Gen Bed Rank -80
Srikant Behera(SBI CBI Clerk)
Loka Nath BeheraE.O & (SBI CLERK)

**IBM'S** CHANDI CHHAK & PALAMANDAP(Near Barabati Gas)CTC

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖୁଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ